ବର୍ଷ-୨୪, ସଂଖ୍ୟା-୨୯୫
ଭୁବନେଶ୍ୱର
୨୯ ନଭେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 295
Bhubaneswar
29 November, 2024 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆଜି ଆସୁଛନ୍ତି ମୋଦୀ-ଶାହା-ଡୋଭାଲ



**ଭୁବନେଶ୍ୱର,୨୮।୧୧(ମହାଭାରତ):** ରାତି ପାହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଗସ୍ତ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୋଦୀଙ୍କ ସମେତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ଜାତୀୟ ସୁରକ୍ଷା ସଂସ୍ଥା (ଏନ୍‌ଏସ୍‌ଜି) ଅଜିତ ଡୋଭାଲଙ୍କ ସମେତ ରାଜ୍ୟକୁ ବହୁ ଭିଭିଆଇପିଙ୍କ ଗସ୍ତକୁ ନଜରରେ ରଖି ଭୁବନେଶ୍ୱର-କଟକ କମିସନରେଟ୍ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଟ୍ରାଫିକ କଟକଣା ଜାରି କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନଭେମ୍ବର ୨୯ ତାରିଖ ଅପରାହ୍ନରେ ଓଡ଼ିଶା ଗସ୍ତରେ ଆସିବେ। ସେ ପ୍ରଥମ ଥର ପାଇଁ ଓଡ଼ିଶାକୁ ୩ ଦିନିଆ ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ସେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଜନସଭା, ଡିଜିପି ସମ୍ମିଳନୀ, ଦଳୀୟ ନେତାଙ୍କୁ ଭେଟିବା ମୋଦୀଙ୍କ ପ୍ରମୁଖ କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ପ୍ରଥମଥର ପାଇଁ ଡିଜି-ଆଇଜି ସମ୍ମିଳନୀ କାଲିଠାରୁ ଆରମ୍ଭ ହେବ। ଏଥିରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ଡିଜି ଓ ଆଇଜି ସମ୍ମିଳନୀ ପାଇଁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ନଭେମ୍ବର ୨୯ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପାଇଁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ବିଶେଷକରି ଭିଭିଆଇପିଙ୍କ ଗସ୍ତ କରିବା ରାସ୍ତାରେ ଯାନବାହାନ ମନା। ବିଶେଷକରି ଏୟାରପୋର୍ଟ ଛକରୁ ପିଏମ୍‌ଜି ଛକ, ରାଜଭବନ ଛକ ମନା। ରବୀନ୍ଦ୍ର ମଣ୍ଡପ ଛକରୁ ୧୨୦ ବାଟାଲିୟନ ଓ ଜୟଦେବ ବିହାର, ନାଲକୋ ଛକ ମନା କରାଯାଇଛି। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ କହିଛନ୍ତି, ୨୦୨୪ ନଭେମ୍ବର ୨୯ ତାରିଖ ଠାରୁ ଡିସେମ୍ବର ୧ ତାରିଖ ଯାଏଁ ଭୁବନେଶ୍ୱରରେ ଅଖିଳ ଭାରତୀୟ ପୁଲିସ ମହାନିର୍ଦ୍ଦେଶକ ଓ ପୁଲିସ ମହାନିରୀକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି।ଏହି ସମ୍ମିଳନୀରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭିଆଇପି/ ଭିଭିଆଇପିମାନଙ୍କ ସୁରକ୍ଷା ଓ ନିରାପତ୍ତା ଏବଂ ଜନସାଧାରଣଙ୍କ ସୁଗମନାଗମନ ଓ ପାର୍କିଂ ନିମନ୍ତେ ନିମ୍ନଲିଖିତ ରାସ୍ତାଗୁଡ଼ିକରେ କଟକଣା ଲାଗୁ କରାଯାଇଛି। ଶ୍ରୀ ଦତ୍ତ କହିଛନ୍ତି ଯେ, ଉପରୋକ୍ତ ଦିନ ଓ ସମୟରେ କୌଣସି ଯାନବାହନ ଏହି ରାସ୍ତାରେ ଯାତାୟତ କରିପାରିବେ ନାହିଁ କିମ୍ବା କୌଣସି ଗଳି ରାସ୍ତାରୁ ସେହି ରାସ୍ତାକୁ ଆସିପାରିବେ ନାହିଁ। ସହରର ସମସ୍ତ ଏଣ୍ଟ୍ରି ପଏଣ୍ଟକୁ ସିଲ୍ କରି କଡ଼ା ଯାଞ୍ଚ କରୁଛନ୍ତି ପୁଲିସ ଓ ବିଏସଏଫ। ଭୁବନେଶ୍ୱର ଭିତରକୁ ଆସୁଥିବା ଗାଡ଼ି ଓ ବାହାରକୁ ଯାଉଥିବା ସମସ୍ତ ଗାଡ଼ିର ତନଖି କରାଯାଉଛି। ପିଏମଙ୍କ ଗସ୍ତ ପାଇଁ ରାତିସାରା ଭୁବନେଶ୍ୱରର ବିଭିନ୍ନ ଏଣ୍ଟ୍ରି ପଏଣ୍ଟରେ କଡ଼ା ଚେକିଂ କରାଯାଇଛି।

ପ୍ରତି ଛକରେ ବିଏସଏଫ ଯବାନ ଓ କମାଣ୍ଡୋଙ୍କ ପିକେଟିଂ ଦେଖିବାକୁ ମିଳିଛି। ଛକ ଓ ଗଳିକନ୍ଦିରେ ପଇଁତରା ମାରୁଛନ୍ତି ସାଧା ପୋଷାକଧାରୀ। ପୋଲିସ ହାଇରେଜ ବିଲ୍ଡିଂରେ ସଜାଗ ଅଛନ୍ତି ଶହ ଶହ ସ୍ନାଇପର। ଆଣ୍ଟି ଟେରରିଷ୍ଟ ସ୍କ୍ୱାର୍ଡର ସ୍କାନରରେ ଭିଆଇପି ସୁରକ୍ଷା ରହିଥିବାବେଳେ ଗୁଇନ୍ଦା ବିଭାଗ ରଖିଛି କଡ଼ା ନଜର।ଏହାସହ ୭୦ ପ୍ଲାଟୁନ ଫୋର୍ସ ଭୁବନେଶ୍ୱରକୁ ଜଗିଛନ୍ତି। ଆସନ୍ତାକାଲି ଗୃହମନ୍ତ୍ରୀ ଅମିତ ଶାହା ଭୁବନେଶ୍ୱରରେ ପହଞ୍ଚିବା ପରେ ଲୋକସେବା ଭବନରେ ଡିଜିପି ସମ୍ମିଳନୀକୁ ଉଦଘାଟନ କରିବେ।

ଶୁକ୍ରବାର ଅପରାହ୍ନ ୪ଟା ୨୫ରେ ଭୁବନେଶ୍ୱର ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ପହଞ୍ଚିବେ। ଏହାପରେ ସୁରକ୍ଷା ବଳୟ ମଧ୍ୟରେ ଅପରାହ୍ନ ୫ଟା ୧୫ରେ ପ୍ରଧାନମନ୍ତ୍ରୀରାଜଭବନରେ ପହଞ୍ଚିବେ । ରାଜଭବନରେ ସନ୍ଧ୍ୟା ୬ଟା ୧୫ ପର୍ଯ୍ୟନ୍ତ ରହିବେ। ଏହାପରେ ୬ଟା ୨୦ରୁ ରାଜଭବନରୁ ବାହାରି ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯିବେ। ସେଠାରେ ଦଳୀୟ ବିଧାୟକ, ମନ୍ତ୍ରୀ, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ଏମ୍ପିମାନଙ୍କ ସହ ବୈଠକ କରିବେ। ଏହି ଅବସରରେ ସେ ଉଭୟ ଦଳ ଓ ସରକାରୀ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିବେ। ୭ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ରାତ୍ରିଭୋଜନ କରିବେ। ୮ଟା ୩୦ରେ ରାଜ୍ୟ କାର୍ଯ୍ୟାଳୟରୁ ବାହାରି ୮ଟା ୪୫ରେ ରାଜଭବନରେ ପହଞ୍ଚିବେ। ସେଠାରେ ରାତ୍ରିଯାପନ କରିବେ।

ଏହାପରେ ନଭେମ୍ବର ୩୦ ତାରିଖ ପୂର୍ବାହ୍ନ ୮ଟା ୩୦ରେ ରାଜଭବନରୁ ବାହାରି ସିଧାସଳଖ ଲୋକସେବା ଭବନ କନ୍ଭେନସନ ସେଣ୍ଟରଠାରେ ଆୟୋଜିତ ଡିଜିପି ସମ୍ମିଳନୀରେ ଯୋଗଦେବେ। ସେଠାରେ ସେ ରାତି ୮ଟା ପର୍ଯ୍ୟନ୍ତ ରହିବେ। ଏହାପରେ ସେ ରାତି ୮ଟାରେ ସିଧାସଳଖ ରାଜଭବନ ଯିବେ।ସେହିପରି ଡିସେମ୍ବର ୧ ତାରିଖ ପୂର୍ବାହ୍ନ ୮ଟା ୨୫ରେ ରାଜଭବନରୁ ବାହାରି ୮ଟା ୩୦ରେ ଡିଜିପି ସମ୍ମିଳନୀରେ ଯୋଗଦେବେ। ଅପରାହ୍ନ ୪ଟା ୧୫ ପର୍ଯ୍ୟନ୍ତ କନଭେନସନ ସେଣ୍ଟରଠାରେ ରହିବେ। ଏହାପରେ ଅପରାହ୍ନ ୪ଟା ୩୦ରେ ସେ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି।

## ପନ୍ନୁର ଧମକ ପରେ କଡ଼ା ସୁରକ୍ଷା




**ଭୁବନେଶ୍ୱର,୨୮।୧୧(ମହାଭାରତ):** ବିଭିନ୍ନ ସମୟରେ ଖଲିସ୍ତାନୀ ଗୁରୁପତୱନ୍ତ ସିଂ ପନ୍ନୁ ଧମକ ଦେଇ ଦେଶରେ ଅସ୍ଥିରତା ସୃଷ୍ଟି କରିଥିବାବେଳେ ଭୁବନେଶ୍ୱରରେ ଆୟୋଜିତ ହେବାକୁଥିବା ଡିଜିପି ସମ୍ମିଳନୀ ପୂର୍ବରୁ ଧମକ ଦେବାକୁ ପଛାଇନାହିଁ। ଟେମ୍ପୁଲ ସିଟିକୁ ଟେରର ସିଟି କରିବାକୁ ଧମକ ଦେଇଛି ପନ୍ନୁ। ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଯୋଗଦେବାକୁ ଥିବାବେଳେ ଖଲିସ୍ତାନୀ ଆତଙ୍କୀ ପନ୍ନୁର ଧମକପୂର୍ଣ୍ଣ ଭିଡ଼ିଓ ଚହଳ ସୃଷ୍ଟି କରିଛି। ଅପେକ୍ଷାକୃତ ଭାବେ ଶାନ୍ତ ରାଜ୍ୟ ଓଡିଶାରେ ଆତଙ୍କ ସୃଷ୍ଟି କରିବାକୁ ଅପଚେଷ୍ଟା କରିଛି। ଧମକ ମିଳିବା ପରେ ଓଡିଶା ପୁଲିସ ହାଇ ଆର୍ଲଟରେ ରହିଛି।

ଆସନ୍ତାକାଲି ଭୁବନେଶ୍ୱରରେ ହେବାକୁ ଯାଉଛି ଡିଜିପି ସମ୍ମିଳନୀ। ତେଣୁ ଆତଙ୍କବାଦୀ ପନ୍ନୁର ନଜର ଏବେ ଓଡ଼ିଶା ପଡ଼ିଛି। ଏହାକୁ ଭଣ୍ଡୁର କରିବାକୁ ଆତଙ୍କବାଦୀ ପନ୍ନୁ ଏକ ଭିଡ଼ିଓ ଜାରି କରି ଡିଜିପି ସମ୍ମିଳନୀ ନୁହେଁ ଡିଜିପି ଟେରର ସମ୍ମିଳନୀ ଓ ଏବେ ଟେମ୍ପୁଲ ସିଟିକୁ ଟେରର ସିଟିର ଆଖ୍ୟା ଦେଇଛି। ଏହି ଭିଡ଼ିଓରେ ପନ୍ନୁ ନିଜ ସହଯୋଗୀ ଓ ଆତଙ୍କବାଦୀ ସଙ୍ଗଠନକୁ କହିଛି, ଆତଙ୍କ ଖେଳାଇ ଡିଜିପି ସମ୍ମିଳନୀକୁ ଯେଣେତେଣେ ପ୍ରକାର ଭଣ୍ଡୁର କର ବୋଲି କହୁଥିବା ଦେଖିବାକୁ ମିଳିଛି। ଖଲିସ୍ତାନୀ ଆତଙ୍କବାଦୀର ଭଡ଼ିଓକୁ ନେଇ ଏବେ ରାଜଧାନୀରେ ଆତଙ୍କ ଖେଳଯାଇଛି। କାରଣ ଦେଶର ସବୁ ସୁରକ୍ଷା ବିଭାଗର ମୁଖିଆ ଏବେ ଭୁବନେଶ୍ୱରରେ। ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏହି ସମ୍ମିଳନୀରେ ସାମିଲ ହେବେ।

## ଶପଥ ନେଲେ ହେମନ୍ତ ସୋରେନ



**ରାଞ୍ଚି,୨୮।୧୧(ଏଜେନ୍ସି):** ନିର୍ବାଚନ ଫଳାଫଳ ଆସିବାର ପାଞ୍ଚ ଦିନ ପରେ ଆଜି ଝାଡ଼ଖଣ୍ଡକୁ ମିଳିଛି ନୂଆ ସରକାର। ରାଜ୍ୟପାଳ ସାନ୍ତୋଷ ଗଂଗୱାର ଝାଡଖଣ୍ଡର ୧୪ଶ ମୁଖ୍ୟମନ୍ତ୍ରୀ ଭାବରେ ହେମନ୍ତ ସୋରେନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ରାଞ୍ଚିର ମୋରହାବାଦୀ ଗ୍ରାଉଣ୍ଡରେ ଆୟୋଜିତ ଏକ ବିଶାଳ କାର୍ଯ୍ୟକ୍ରମରେ ହେମନ୍ତ ସୋରେନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ନିଜ ଚତୁର୍ଥ ଇନିଂସ୍ ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସମେତ ୬ରୁ ୮ ଜଣ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ଆଜି ଶପଥ ନେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ତାହା ହୋଇ ନଥିଲା। କୌଣସି ମନ୍ତ୍ରୀ ଆଜି ହେମନ୍ତଙ୍କ ସହିତ ଶପଥ ନେଇ ନାହାନ୍ତି। ହେମନ୍ତଙ୍କ ଶପଥ ଗ୍ରହଣ ଉତ୍ସବରେ ତାଙ୍କ ପିତା ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମୁଖ୍ୟ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍ ମଧ୍ୟ ଉପସ୍ଥିତ ଥିଲେ। ହେମନ୍ତ ସରକାର ଗଠନ ଅବସରରେ ଇଣ୍ଡିଆ ମେଣ୍ଟର ନେତାମାନେ ପହଞ୍ଚି ଶକ୍ତି ପ୍ରଦର୍ଶନ କରିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ, ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରମୁଖ ଶପଥ ଗ୍ରହଣ ଉତ୍ସବରେ ପହଞ୍ଚିଥିଲେ।

## ଆୟଠୁ ୧୬୭% ସମ୍ପତ୍ତି ଠୁଳ

**ଭୁବନେଶ୍ୱର,୨୮।୧୧(ମହାଭାରତ):** ଆୟ ବର୍ହିଭୂତ ସଂପତ୍ତି ଠୁଳ କରିବା ଅଭିଯୋଗରେ କେନ୍ଦୁଝରର କନିଷ୍ଠ ଖଣି ଅଧିକାରୀ ପଦ୍ମନାଭ ହୋତାଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ପ୍ରକୃତ ଆୟଠାରୁ ୧୬୭% ଅଧିକ ସମ୍ପତ୍ତି ଠାବ କଲା ଭିଜିଲାନ୍ସ। ପଦ୍ମନାଭ ହୋତାଙ୍କ ବିପୁଳ ସମ୍ପତ୍ତି ଦେଖି ଭିଜିଲାନ୍ସ ବିଭାଗ ତଟକା ହୋଇଯାଇଛି। ଭୁବନେଶ୍ୱରରେ ୫୮୦୦ ବର୍ଗଫୁଟର ଗୋଟିଏ ୪ ମହଲା କୋଠା ରହିଛି। କେନ୍ଦୁଝର ଓ ଯାଜପୁରରେ ବହୁତଳ କୋଠା, ପୁରୀରେ ୨ ବେନାମୀ ଫ୍ଲାଟ ବି ରହିଛି। ଭୁବନେଶ୍ୱରରେ ୪ଟି ପ୍ଲଟ ସହ ମୋଟ୍ ୧୫ ପ୍ଲଟ୍ ଠାବ ହୋଇଛି। ୫ ଏକର ଫାର୍ମ ହାଉସ ଓ ଏଥିରେ ୭୦ ଲକ୍ଷର ସାମଗ୍ରୀ ଠାବ ହୋଇଛି। ୫୪ ଲକ୍ଷର ବ୍ୟାଙ୍କ ଜମା, ବୀମା, ମ୍ୟୁଚୁଆଲ ଫଣ୍ଡ ଆଦି ଠାବ ହୋଇଛି। ୩୦୦ ଗ୍ରାମ ସୁନା, ଗୋଟିଏ ଚାରି ଚକିଆ, ଦୁଇଟି ବାଇକ ମିଳିଲା ୨୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଘରକରଣା ସାମଗ୍ରୀ ଠାବ କଲା ଭିଜିଲାନ୍ସ । ଗତକାଲି ତାଙ୍କର ଭୁବନେଶ୍ୱର, କେନ୍ଦୁଝର, ଯାଜପୁର ଓ ଭବାନୀପାଟଣା ସ୍ଥିତ ୭ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚାଉ କରାଯାଇଥିଲା। ଏହି ଚାଉ ବେଳେ ସେ ପୁଳା ପୁଳା ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା।

# ୧.୩୭ ଲକ୍ଷ କୋଟିର ପୁଞ୍ଜିନିବେଶକୁ ମଞ୍ଜୁରୀ



**ଭୁବନେଶ୍ୱର,୨୮।୧୧(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ଦ୍ୱିତୀୟ ଉଚ୍ଚ ସ୍ତରୀୟ କ୍ଲିୟରାନ୍ସ ଅଥରିଟି (ଏଚ୍‌ଏଲସିଏ) ବୈଠକରେ ୨୦ ଶିଳ୍ପ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆଜି ୧,୩୬,୬୨୨.୨୪ କୋଟି ଟଙ୍କାର ପୁଞ୍ଜି ବିନିଯୋଗକୁ ଅନୁମୋଦନ କରିଛି। ଇସ୍ପାତ, ରାସାୟନିକ ପଦାର୍ଥ, ସବୁଜ ଶକ୍ତି, ବସ୍ତ୍ର ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡିକରେ ବିସ୍ତୃତ ଏହି ପ୍ରକଳ୍ପଗୁଡିକ ୭୪,୩୫୦ ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ ଓ ଏହା ଓଡିଶାର ଆର୍ଥିକ ଅଭିବୃଦ୍ଧିରେ ଯଥେଷ୍ଟ ସହାୟକ ହେବ।

ଦିଲ୍ଲୀ, ମୁମ୍ବାଇ ଏବଂ ସିଙ୍ଗାପୁରରେ ଆୟୋଜିତ ଉତ୍କଳ ଓଡ଼ିଶା ରୋଡ୍ ସୋର ସଫଳତା ଦ୍ୱାରା ଓଡ଼ିଶା ପୂର୍ବ ଭାରତର ପ୍ରମୁଖ ବିନିଯୋଗ ଲକ୍ଷ୍ୟସ୍ଥଳ ପାଲଟିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସଫଳତାର ସହ ନିବେଶକଙ୍କ ଆଗ୍ରହକୁ ଆକର୍ଷିତ କରିଛି। ଫଳସ୍ୱରୂପ ଅନେକ ପ୍ରକଳ୍ପକୁ ସବୁଜ ସଙ୍କେତ ମିଳିଛି ଓ ନିବେଶକମାନଙ୍କ ପାଇଁ ଓଡିଶାକୁ ଏକ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ କରିଛି ଏବଂ ଆଗାମୀ ଉତ୍କଳ ଓଡିଶା ୨୦୨୫ ର ସଫଳତାକୁ ଅଲୋକିତ କରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଦୃଢ଼ ସହଯୋଗ ମାଧ୍ୟମରେ ଆମେ ଏକ ବ୍ୟବସାୟିକ ଅନୁକୂଳ ପରିବେଶ ସୃଷ୍ଟି କରିଛୁ ଯାହା ଓଡିଶାକୁ ନିବେଶକଙ୍କୁ ଆକର୍ଷିତ କରିଛି। ଜୁନ୍ ୨୦୨୪ ରେ ନୂତନ ସରକାର ଗଠନ ହେବାର ମାତ୍ର ଛଅ ମାସ ମଧ୍ୟରେ ୭୩ ଟି ଶିଳ୍ପ ପ୍ରକଳ୍ପ ମାଧ୍ୟମରେ ୧.୧ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛ, ଯାହା ମିଳିତ ଭାବରେ ୧,୮୦,୦୦୦ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ହେବ।ଏହି ଉଲ୍ଲେଖନୀୟ ସଫଳତା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ପ୍ରଭାବଶାଳୀ ସହଯୋଗକୁ ଆଲୋକିତ କରିଛି। ଯାହା ଏକ ସମୃଦ୍ଧ ବ୍ୟବସାୟ ଇକୋସିଷ୍ଟମ ସୃଷ୍ଟି ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ପ୍ରକଳ୍ପଗୁଡିକର ଶୀଘ୍ର ଅନୁମୋଦନ ଏବଂ କାର୍ଯ୍ୟକାରିତା ସରକାରଙ୍କ ରଣନୈତିକ ଆଭିମୁଖ୍ୟ ଏବଂ ଓଡିଶାର ଆର୍ଥିକ ପରିବର୍ତ୍ତନକୁ ଚଳାଇବା ପାଇଁ ଉତ୍ସର୍ଗୀକୃତାକୁ ପ୍ରତିଫଳିତ କରୁଛି।

୯ଟି ଭିନ୍ନ ଭିନ୍ନ କ୍ଷେତ୍ରର ମୋଟ ୨୦ଟି ଶିଳ୍ପ ପ୍ରକଳ୍ପକୁ ଆଜି ମଞ୍ଜୁରୀ ମିଳିଛି। ଏଥିରେ ଷ୍ଟିଲ, କେମିକାଲ, ଆଲୁମିନିୟମ, ଆଭିଏସନ୍ ଫୁଏଲ, ଗ୍ରୀନ୍ ଏନର୍ଜି ଆଣ୍ଡ ଇକ୍ୱିପମେଂଟ, ଆପାରେଲ ଓ ଟେକ୍ସଟାଇଲ, ବିଦ୍ୟୁତ ଓ ଅକ୍ଷୟଶକ୍ତି, ସିମେଂଟ ଉତ୍ପାଦନ ଆଦି ରହିଛି। ଏହି ପ୍ରକଳ୍ପଗୁଡିକ ରାଜ୍ୟର ୧୦ ଜିଲ୍ଲା ଯାଜପୁର, ଝାରସୁଗୁଡା, ଖୋର୍ଦ୍ଧା, ସମ୍ବଲପୁର, ଗଞ୍ଜାମ, କଳାହାଣ୍ଡି, ମାଲକାନଗିରି, ଢେଙ୍କାନାଳ, ଭଦ୍ରକ ଏବଂ ଜଗତସିଂହପୁରରେ ହେବ।

ଆଜିର ବୈଠକରେ ଯେଉଁସବୁ ବୃହ୍ତ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ସେଥିରେ ଯାଜପୁରରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ୬୧ ହଜାର ୭୬୯ କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପ ରହିଛି। ଏହି ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ଫଳରେ ଅତିରିକ୍ତ ୧୪ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ କମ୍ପାନୀର ଉତ୍ପାଦନ କ୍ଷମତା ବାର୍ଷିକ ୦.୯୮ ନିୟୁତ ଟନରୁ ୯.୫୦ ନିୟୁତ ଟନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ସେହିପରି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ସମ୍ବଲପୁରରେ ନିଜର ପ୍ଲାଂଟର ସମ୍ପ୍ରସାରଣ କରିବ। ଏଥିରେ ୧୦୬୪୫ କୋଟି ଟଙ୍କା ନିବେଶ କରିବ ଓ ୧୫୦୫ଜଣଙ୍କୁ ଅତିରିକ୍ତ ନିଯୁକ୍ତି ଯୋଗାଇ ଦେବ। ଅମ୍ବୁଜା ସିମେଂଟ ଦ୍ୱାରା ମାଲକାନଗିରିରେ ୪ହଜାର କୋଟି ଟଙ୍କା ନିବେଶରେ ସିମେଂଟ ଉତ୍ପାଦନ କରାଯିବ, ଏଥିରେ ପ୍ରାୟ ୧୫୦୦ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

# ଆଳୁ ଅଟକାଇଲେ ମମତା

**ଭୁବନେଶ୍ୱର,୨୮।୧୧(ମହାଭାରତ):** କିଛି ମାସର ବିରାମ ପରେ ପୁଣି ଥରେ ଓଡିଶାକୁ ପୁଣି ଆଳୁ ଯୋଗାଣ ଅଟକାଇଛନ୍ତି ମମତା ବାନାର୍ଜୀ। ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଆଳୁଗାଡ଼ିକୁ ଅଟକା ଯାଇଛି। ଯାଞ୍ଚ କରିବା ବାହାନାରେ ପଶ୍ଚିମବଙ୍ଗ ଅଧିକାରୀ ଆଳୁଗାଡ଼ିଗୁଡ଼ିକୁ ଅଟକାଇଛନ୍ତି। ଲକ୍ଷ୍ମଣନାଥ ଟୋଲ୍ ଗେଟ୍‌ଠାରୁ ପ୍ରାୟ ୨୫ କିଲୋମିଟର ଦୂର ବେଲଦାରେ ଓଡ଼ିଶାକୁ ଆସୁଥିବା ଆଳୁଗାଡ଼ିକୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାର ଅଟକାଇଛନ୍ତି। ଏକ ମୌଖିକ ନିର୍ଦ୍ଦେଶ ପରେ ଏଭଳି କରାଯାଇଥିବା ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି। ଫଳରେ ଓଡ଼ିଶାରେ ପୁଣି ଥରେ ଆଳୁ ସଙ୍କଟ ଦେଖାଯିବା ଆଶଙ୍କା ଦେଖାଦେଇଛି। ରାଜ୍ୟର ବୃହତ ପରିବା ମଣ୍ଡି କୁହାଯାଉଥିବା କଟକ ଛତ୍ରବଜାରରେ ଦରବୃଦ୍ଧିର ଆଶଙ୍କାରେ ଆଳୁ ଦୋକାନ ଆଗରେ ଆଜି ଜମିଥିଲା। ପ୍ରବଳ ଭିଡ଼ କାରଣ ଦିନକ ଭିତରେ ୮ ଟଙ୍କା ବଢ଼ି କିଲୋ ୩୫ରେ ପହଞ୍ଚିଲାଣି ଆଳୁ।



ଗତ କାଲି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାସ୍ଥିତ ନବାନ୍ନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଥିଲେ। ଆଳୁ ଏବଂ ପିଆଜର ମୂଲ୍ୟ ବୃଦ୍ଧି ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେବା ପରେ ବଙ୍ଗ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ବୁଧବାର ରାତିରୁ ପଶ୍ଚିମ ମେଦିନାପୁର ଜିଲ୍ଲାର ସମସ୍ତ ନାକା ଯାଞ୍ଚ କରାଯାଇଛି। ଯେଉଁ କାରଣରୁ ଅନ୍ତରାଜ୍ୟ ସୀମା ଦେଇ ଆଳୁ ଅନ୍ୟ ରାଜ୍ୟକୁ ଚଲାଣ ବନ୍ଦ କରାଯାଇଛି। ଦିନକୁ ଦିନ ବଜାରରେ ଆଳୁ ଏବଂ ପିଆଜ ମୂଲ୍ୟରେ ବୃଦ୍ଧିକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବେଲଦା ପାଖରେ ଶତାଧିକ ଗାଡି ଅଟକ ରଖା ଯାଇଛି। ରାଜ୍ୟରେ ଆଳୁର ମୂଲ୍ୟ ହ୍ରାସ ନହେବାରୁ ରାଜ୍ୟରେ ଉତ୍ପାଦିତ ଆଳୁକୁ ଗ୍ରାହକ ଅଧିକ ମୂଲ୍ୟରେ କିଣିବାକୁ ପଡୁଛି। ଆଳୁଦର ହ୍ରାସ ପାଇଁ ପଶ୍ଚିମବଙ୍ଗ ସରକାରଙ୍କ ଏହି ପଦକ୍ଷେପ ଫଳରେ ରାଜ୍ୟର ସାଧାରଣ ଲୋକମାନେ ଆଳୁ କମ ମୂଲ୍ୟରେ କିଣି ପାରିବେ। ସେଥିପାଇଁ ପଶ୍ଚିମ ମେଦିନୀପୁର ଜିଲ୍ଲା ପୋଲିସ ନାକାରେ ଆଳୁ ଗାଡି ଅଟକ ରଖାଯାଇଛି ଏବଂ ପ୍ରଶାସନ ଅନ୍ୟ ରାଜ୍ୟକୁ ଆଳୁ ରପ୍ତାନି ବନ୍ଦ କରିଦେଇଛି। ପଶ୍ଚିମବଙ୍ଗ ବିଭିନ୍ନ ଅଞ୍ଚଳରେ, ବେଲଦା ପୋଲିସ୍ ଷ୍ଟେସନର ଶ୍ୟାମପୁରା ଜାତୀୟ ରାଜପଥ, ଦାନ୍ତନ ପୋଲିସ୍ ଷ୍ଟେସନର ବାମନପୁକୁର ଏବଂ ସୋନାକୋନିଆ ପୋଲିସ୍ ନାକା ଚେକ୍ ପୋଷ୍ଟ ଖରାଗପୁର ଅତିରିକ୍ତ ପୋଲିସ୍ ଅଧୀକ୍ଷକ ସନ୍ଦୀପ ସେନ୍, ବେଲଦାର ଏସଡିପିଓ ରିପନ୍ ବଲ ଚନ୍ଦ୍ରକୋନାରୁ ଆଳୁ ଟ୍ରକ ଗୁଡିକ ଓଡିଶା ଅଭିମୁଖେ ଯାଉଥିବାବେଳେ ଆଳୁରେ ଭର୍ତ୍ତିହୋଇଥିବା ଟ୍ରକ ଗୁଡ଼ିକୁ ପୁନର୍ବାର ପଶ୍ଚିମବଙ୍ଗ ଚନ୍ଦ୍ରକୋନାକୁ ଫେରସ୍ତ ପଠାଯାଇଥିଲା।

ଅନ୍ୟପଟେ ପଡ଼ୋଶୀ ପଶ୍ଚିମବଙ୍ଗର ଆଳୁ ରପ୍ତାନୀ ବନ୍ଦ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଡ଼କୁ ଦୋଷ ଠେଲିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ନବୀନ-ମମତାଙ୍କ ଭାଇଭଉଣୀ ସଂପର୍କର ଅବତାରଣା କରି ମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମବଙ୍ଗ କାହିଁକି ବାରମ୍ବାର ଏଭଳି କରୁଛି ମୁଁ ଜାଣିନି। ଭାଇ କହିଥିବେ ନଚେତ ଚିଠି ଲେଖିଥିବାରୁ ଭଉଣୀ ଆଳୁ ଦେଉନାହାନ୍ତି। କ'ଣ ପାଇଁ ବନ୍ଦ କରାଯାଇଛି ଅନୁଧ୍ୟାନ କରାଯିବ। ସେପଟେ ତୁରନ୍ତ ଏହାର ଜବାବ ରଖିଛି ବିଜେଡି ବିଜେଡି ବିଧାୟକ ଶାରଦା ଜେନା ଏହାକୁ ସରକାରଙ୍କ ଅପାରଗତା କହିଛନ୍ତି।ସେ କହିଛନ୍ତି ନିଜ ଅପାରଗତାକୁ ଲୁଚେଇବା ପାଇଁ ସେମାନେ ଅନ୍ୟ ଉପରେ ଦୋଷ ଲଦୁଛନ୍ତି ।

ଏ ପ୍ରସଙ୍ଗରେ ବ୍ୟବସାୟୀ ମହାସଙ୍ଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି,କାଲି ପଶ୍ଚିମବଙ୍ଗ ସରକାର ମୌଖିକ ନିର୍ଦ୍ଦେଶ ଜାରି କରିଥିଲେ। ସବୁ ସୀମାରେ ଆଳୁ ଗାଡ଼ି ଅଟକା ଯାଇଛି, ଛଡ଼ା ଯାଉନାହିଁ। ଓଡ଼ିଶା ସରକାର ଏନେଇ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରି ଏହାର ସମାଧାନର ବାଟ ନିଶ୍ଚିତ କରନ୍ତୁ।ଯାହାଦ୍ୱାରା ସୀମାରେ ଅଟକି ରହିଥିବା ଆଳୁଗାଡ଼ି ଓଡ଼ିଶା ଭିତରକୁ ଆସି ପାରିବ ବୋଲି ସେ କହିଛନ୍ତି।

## ପିଏମ୍ ପୋଷଣ ପାଇଁ ଉଚ୍ଚସ୍ତରୀୟ କମିଟି

**ଭୁବନେଶ୍ୱର,୨୮।୧୧ (ମହାଭରତ):** ରାଜ୍ୟ ସରକାର ପିଏମ୍ ପୋଷଣ ଯୋଜନା ପାଇଁ ଏକ ୫ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ପିଏମ୍ ପୋଷଣ ଯୋଜନାର ରାଜ୍ୟ ନୋଡାଲ ଅଫିସର ଏହାର ଅଧ୍ୟକ୍ଷ ଅଛନ୍ତି। ଏହା ବ୍ୟତିତ ହାଇଦ୍ରାବାଦର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ନ୍ୟୁଟ୍ରେସନ, ୱାର୍ଲ୍ଡ ଫୁଡ ପ୍ରୋଗ୍ରାମର ପ୍ରତିନିଧି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରତିନିଧି ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏହାର ସଭ୍ୟ ରହିଛନ୍ତି। ଏ ନେଇ ଆଜି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

## ଦୁଇ ଦିନ ବନ୍ଦ ରହିବ ବିଧାନସଭା

**ଭୁବନେଶ୍ୱର,୨୮/୧୧ (ମହାଭାରତ) :** ଆସନ୍ତା କାଲି ତଥା ୨୯ ଓ ୩୦ ତାରିଖରେ ବିଧାନସଭାର ଗୃହ କାର୍ଯ୍ୟ ବନ୍ଦ ରହିବ। କୌଣସି ବୈଠକ ହେବ ନାହିଁ । ଗୃହ କାର୍ଯ୍ୟ ପରାମର୍ଶଦାତା କମିଟିର ବୈଠକ ଅନୁସାରେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବାଚସ୍ପତି ସୁରମା ପାଢ଼ୀ ଗୃହରେ ଏହି ଘୋଷଣା କରିଛନ୍ତି। ତେବେ ଚଳିତ ମାସ ୨୯ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସର୍ବଭାରତୀୟ ଡିଜି ସମ୍ମିଳନୀ ଅନୁଷ୍ଠିତ ହେବ।

# ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୧୧(ମହାଭରତ):** ପିଲାମାନେ ତୁମ ମାନଙ୍କର ଭରପୁର ପ୍ରତିଭା ଅଛି ବଡ ହେବା ପାଇଁ ହେଲେ ସ୍ୱପ୍ନ ମଧ୍ୟ ବଡ ହେବା ଆବଶ୍ୟକ। ଯଦି ସୂର୍ଯ୍ୟରେ ପହଞ୍ଚିବା ପାଇଁ ସ୍ୱପ୍ନ ଦେଖି କାର୍ଯ୍ୟ କରିବା ଅତିକମ୍‌ରେ ଚନ୍ଦ୍ରରେ ପହଞ୍ଚିପାରିବା। ସ୍ୱପ୍ନର କାନ୍‌ଭାସ ଯେତେ ବଡ ହେବ, ଚିତ୍ରର ଆକାର ମଧ୍ୟ ସେତେ ବଡ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଉତ୍ସାହ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।




ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୬୫ଟି ଶିଶୁ ଯତ୍ନ କେନ୍ଦ୍ରର ପ୍ରାୟ ୫୮୦ ପିଲା ଯୋଗଦେଇଛନ୍ତି। ଏହି ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ନିମନ୍ତେ ଗତ ୨୬ ଓ ୨୭ ତାରିଖରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ମହକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପିଲା ମାନଙ୍କର କ୍ରୀଡା ମହୋତ୍ସବ ଉତ୍ସାହ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇ କହିଥିଲେ ବଡ ସ୍ୱପ୍ନ ଦେଖିବା ସହିତ ତାକୁ ସାକାର କରିବା ପାଇଁ ଉଦ୍ୟମ ମଧ୍ୟ ଜାରି ରଖିବା ଆବଶ୍ୟକ ତାହେଲେ ଯାଇ ସ୍ୱପ୍ନ ଚରିତାର୍ଥ ହେବ। ଜଙ୍ଗଲର ରାଜା ସିଂହକୁ ମଧ୍ୟ ଶିକାର ପାଇଁ ପରିଶ୍ରମ କରିବାକୁ ପଡିଥାଏ। ତେଣୁ ସ୍ୱପ୍ନ ଦେଖିବା ସହିତ କଠୋର ପରିଶ୍ରମ କରିବାକୁ ପଡିବ ତାହେଲେ ଯାଇ ତୁମେ ମାନେ ନିଜ ନିଜ କ୍ଷେତ୍ରରେ ସଫଳତା ପାଇବ। ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ହେଉଛି ତୁମ ମାନଙ୍କୁ ଆଗକୁ ବଢିବା ପାଇଁ ଗୋଟିଏ ଗୋଟିଏ ପାହାଚ। ତୁମ ମାନଙ୍କ ପ୍ରତିଭା ଓ ସୃଜନଶୀଳତାର ସଠିକ୍ ଉପଯୋଗ କର। ଆମ ଦେଶର ପ୍ରତ୍ୟେକ କୁନି କୁନି ପିଲାଙ୍କ ମଧ୍ୟରେ ରହିଛି। ଏକଲବ୍ୟଙ୍କ କୌଶଳ, ଅଭିମନ୍ୟୁଙ୍କ ଦୁଃସାହସ, ପ୍ରହଲ୍ଲାଦଙ୍କ ଭକ୍ତି ଓ ଅଷ୍ଟବକ୍ରଙ୍କ ପାଣ୍ଡିତ୍ୟ ଅଲମ୍ପିକ୍ ବିଜେତା ନିରୋଜ ଚୋପ୍ରାଙ୍କ ଠାରୁ ଆରମ୍ଭ କରି କିମ୍ବଦନ୍ତୀ କ୍ରିକେଟ ତାରକା ସଚିନ ତେନ୍ଦୁଲକରଙ୍କ କଠିନ ପରିଶ୍ରମ ଓ ସେମାନଙ୍କ ସଫଳତାକୁ ଉଦାହରଣ ଭାବେ ନେବା ପାଇଁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ ଯେ କ୍ରୀଡାର ବିକାଶ ପାଇଁ କେବଳ ଅର୍ଥର ବ୍ୟବସ୍ଥା ଯଥେଷ୍ଟ ନୁହେଁ। ଏଥିପାଇଁ ଆନ୍ତରିକତାର ଆବଶ୍ୟକତା ରହିଛି । କଳିଙ୍ଗ ଷ୍ଟାଡିୟମ ସହିତ ବିଭିନ୍ନ ଜିଲ୍ଲାରେ ସ୍ପୋର୍ଟସ ହଷ୍ଟେଲ୍ ଜରିଆରେ ଆମେ ଗ୍ରାମାଞ୍ଚଳ ପ୍ରତିଭା ମାନଙ୍କର ପାଠାପଢା ସହିତ କ୍ରୀଡାର ବିକାଶ ମଧ୍ୟ କରୁଛୁ। ଆମ ରାଜ୍ୟର ବହୁ ଅନ୍ତର୍ଜାତୀୟ କ୍ରୀଡାବିତମାନେ ଏହି ସ୍ପୋର୍ଟସ ହଷ୍ଟେଲରେ ଅନ୍ତେବାସୀ ଭାବେ ରହି ତାଙ୍କ କ୍ୟାରିଅର ଗଢିଛନ୍ତି। ତେଣୁ ତୁମ ମାନଙ୍କୁ ମୋର ଅନୁରୋଧ ଗଭୀର ଆତ୍ମ ବିଶ୍ୱାସର ସହ ଆଗକୁ ବଢ ଯାହାର ଯେଉଁ କ୍ଷେତ୍ର ପ୍ରତି ଆଗ୍ରହ ରହିଛି। ସେଥିରେ ଆତ୍ମ ବିଶ୍ୱାସର ସହ ମନୋନିବେଶ କର କଠିନ ପରିଶ୍ରମ କର ଦେଖିବ ସଫଳତା ତୁମ ପଛରେ ପଡିବ। ଆଗାମୀ ଦିନରେ ତୁମ ମାନଙ୍କୁ ନେଇ ଆମେ ଲକ୍ଷ୍ୟ ରଖିଛୁ। ଓଡିଶାକୁ କ୍ରୀଡାର ପାୱାର ହାଉସ କରିବା ପାଇଁ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ରାଜ୍ୟର ଶିଶୁ ଯତ୍ନ କେନ୍ଦ୍ରରେ ରହୁଥିବା ପିଲାମାନଙ୍କ ବାପା ମାଆ ହେଉଛନ୍ତି ସରକାର ସରକାରଙ୍କ ହାତ ସବୁବେଳେ ସେମାନଙ୍କ ମୁଣ୍ଡ ଉପରେ ଅଛି ଓ ରହିବ। ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲା ଶିଶୁଯତ୍ନ କେନ୍ଦ୍ରର ପିଲାମାନଙ୍କ ମଧ୍ୟରେ ଏକ ଫୁଟବଲ ମ୍ୟାଚ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ।

ଏହି ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ପଞ୍ଚାୟତି ରାଜ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, କ୍ରୀଡା ଓ ଯୁବସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁ।ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।



ଖବର

## ଐଶ୍ୱର୍ଯ୍ୟାଙ୍କ ନାମରୁ ହଟିଲା 'ବଚ୍ଚନ' ସାଙ୍ଗିଆ



ବଲିଉଡ୍ର ଲୋକପ୍ରିୟ ଅଭିନେତ୍ରୀ ଐଶ୍ୱର୍ଯ୍ୟା ନିଜର ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱ ପାଇଁ ସର୍ବଦା ଚର୍ଚ୍ଚାରେ ରହି ଥାଆନ୍ତି ଯ ଗତ କିଛି ଦିନ ଧରି ଅଭିଷେକ ଓ ଐଶ୍ୱର୍ଯ୍ୟାଙ୍କ ମଧ୍ୟରେ ଛାଡପତ୍ର ହେବା ନେଇ ଚର୍ଚ୍ଚା ଜୋର ଧରିଛି । ଏହା ମଧ୍ୟରେ ଐଶ୍ୱର୍ଯ୍ୟାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ୍ ହେଉଛି । ଯାହାକୁ ଦେଖିବା ପରେ ପ୍ରଶଂସକଙ୍କ ମଧ୍ୟରେ ପୁଣି ଥରେ ଛାଡପତ୍ରକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ଜାଣନ୍ତୁ ସମ୍ପୂର୍ଣ୍ଣ ଘଟଣା. ।ଅଭିନେତ୍ରୀ ଦୁବାଇରେ ଆୟୋଜିତ ଗ୍ଲୋବାଲ ୱିମେନ୍ ଫୋରମରେ ଅଂଶଗ୍ରହଣ କରିଥିଲେ ।ଏହି ସମୟରେ ଏପରି କିଛି ଘଟିଥିଲା ଯାହା ସୋସିଆଲ ମିଡିଆରେ ଆଲୋଚନାର ବାତାବରଣ ସୃଷ୍ଟି କରିଥିଲାଯ ଐଶ୍ୱର୍ଯ୍ୟାଙ୍କ ନାମରେ 'ବଚ୍ଚନ' ସାଙ୍ଗିଆ ଦେଖାଯାଇନଥିଲା । ଏହା ସମସ୍ତ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିବା ସହ ବର୍ତ୍ତମାନ ପ୍ରଶ୍ନ ଉଠିଛି ଯେ ଏହା କାହିଁକି ହେଲା ? ଏହା କେବଳ ଏକ ସଂକେତ ଥିଲା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛ ।ଏହି କାର୍ଯ୍ୟକ୍ରମରେ ଐଶ୍ୱର୍ଯ୍ୟାଙ୍କ ନାମ ପରଦାରେ ଦେଖାଯାଉଥିବା ବେଳେ କେବଳ ଐଶ୍ୱର୍ଯ୍ୟା ରାୟ ଲେଖାଯାଇଥିଲା ମାତ୍ର ବଚ୍ଚନ ସାଙ୍ଗିଆ ଦେଖିବାକୁ ମିଳିନଥିଲା । ଏହି ଖବର ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେବା ସହ ଲୋକେ ଭିନ୍ନ ଭିନ୍ନ ମତ ଦେଇଛନ୍ତି । ଜଣେ ଲେଖିଛନ୍ତି, ଶେଷରେ 'ବି'ଶବ୍ଦ ତାଙ୍କ ନାମରୁ ଅଦୃଶ୍ୟ ହୋଇଯାଇଛି । ସେହିପରି ଅନ୍ୟ ଜଣେ ଐଶ୍ୱର୍ଯ୍ୟାଙ୍କ ସୌନ୍ଦର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ଏହି ଜିନିଷ ଦାନ କରିବା ଉଚିତ ନୁହେଁ

ଶାସ୍ତ୍ର ଅନୁସାରେ ଦାନ କରିବା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । କୁହାଯାଏ ଯେ,ଦାନ କରିବା ଦ୍ୱାରା ବ୍ୟକ୍ତିର କେତେକ ସମସ୍ୟା ଦୂର ହୋଇଥାଏ ଓ ଭଗବାନଙ୍କ ଆଶୀର୍ବାଦ ମଧ୍ୟ ପ୍ରାପ୍ତ ହୋଇଥାଏ । କିନ୍ତୁ କେବେ କେବେ ବ୍ୟକ୍ତି ଭୁଲରେ ଏଭଳି କିଛି ଦାନ କରିଥାନ୍ତି ଯାହା ଦ୍ୱାରା କ୍ଷତି ପହଂଚିଥାଏ । ଆମ ଶାସ୍ତ୍ରରେ ଏଭଳି କିଛି ଜିନିଷ ରହିଛି ଯାହାକୁ ଦାନ କରିବା ଅନଚିତ । ଆସନ୍ତୁ ସେ ସବୁ ବିଷୟରେ ଧ୍ୟାନ ଦେବା ।



◆ ଝାଡୁକୁ ମା ଲକ୍ଷ୍ମୀଙ୍କର ପ୍ରତୀକ ଭାବେ ଗ୍ରହଣ କରାଯାଏ । ଏହାକୁ ଦାନ କରିବା ଅନୁଚିତ । ଏଭଳି କରିବା ଦ୍ୱାରା ମା ରାାଗି ଯାଆନ୍ତି ଏବଂ ଗୃହରେ ଧନର ଅଭାବ ଦେଖାଯାଏ ।

◆ ବାସୀ ଖାଦ୍ୟ କାହାକୁ ମଧ୍ୟ ଦାନ କରିବା ଅନୁଚିତ । କାହାକୁ ବାସୀ ଖାଦ୍ୟ ଦାନ କରିବା ଦ୍ୱାରା ଘରର ଲୋକମାନେ ରୋଗାଗସ୍ତ ହୋଇଥାନ୍ତି ।

◆ ଶାସ୍ତ୍ର ଅନୁସାରେ ପ୍ଲାଷ୍ଟିକ କିମ୍ବା ଷ୍ଟିଲ ବାସନ କାହାକୁ ଦାନ କରିବା ଅନୁଚିତ । ଷ୍ଟିଲ ଦେବା ଦ୍ୱାରା ସୁଖ ଶାନ୍ତି ଦୂର ହୋଇଯାଏ ଏବଂ ପ୍ଲାଷ୍ଟିକ ଦେବା ଦ୍ୱାରା ବାଣିଜ୍ୟରେ କ୍ଷତି ପହଞ୍ଚିଥାଏ ।

◆ ଶନି ଦଶ ଥିବା ବ୍ୟକ୍ତିଙ୍କୁ ପାଇଁ ତୈଳ ଖରାପ ନହୋଇ ଭଲ ହୋଇଥିବା ଆବଶ୍ୟକ ।

◆ ଏହା ବ୍ୟତୀତ କାହାକୁ ଧାରୁଆ ଜିନିଷ ଦାନ କରିବା ଅନଚିତ । ଏହା ଦ୍ୱାରା ସୁଖ ଓ ଶାନ୍ତି ଦୂର ହୋଇଥାଏ ।

## ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ

ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ । ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି । କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି । ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ । ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ । ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ ।



● ୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ । ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ । ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ ଲାଗେ ।

● ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ । ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ । ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ।

● ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ । ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା ।

● ୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା । ଜଣେ ଯୁବକ ନିଜ ସ୍ମାର୍ଟଫୋଚୁ ଖଟ ଉପରେ ରଖି ଚର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା ।

## ନକାରାତ୍ମକ ଶକ୍ତିର ସଂହାରକର୍ତ୍ତା



ମହାଭାରତର ଚରିତ୍ର ଭୀମ, ଦୁର୍ଯ୍ୟୋଧନ, ଜରାସନ୍ଧ, ବଳରାମ ଆଦି ପ୍ରଖ୍ୟାତ ଗଦାଧାରୀ ଥିଲେ । ବିଶ୍ୱର ସବୁଠୁ ବଡ଼ ମହାକାବ୍ୟରେ ଗଦା ଯୁଦ୍ଧ ଜାଣିଥିବା ବିଶେଷଜ୍ଞଙ୍କ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ବୀର ହନୁମାନ ମଧ ଗଦାଧାରୀ ଥିଲେ । ତେବେ ସେ ନିଜ ଗଦା ସାହାଯ୍ୟରେ ନକାରାତ୍ମକ ଶକ୍ତିର ସଂହାର କରୁଥିଲେ । ଗଦା ଏକ ପ୍ରାଚୀନ ଅସ୍ତ୍ର, ଯାହାକି ତ୍ରେତୟା ଯୁଗ ପୂର୍ବରୁ ମଧ ପ୍ରଚଳିତ ଥିଲା । ଅଗ୍ନି ପୁରାଣରେ ଗଦା ଯୁଦ୍ଧକୁ ଆହତ, ଗୋମୂତ୍ର, ପ୍ରଭୁତ, କମଳାସନ, ଉର୍ଦ୍ଧ୍ୱଗତ୍ର, ନମିତ, ବାମଦକ୍ଷିଣ, ଆବୃତ୍ତ, ପରାବୃଦ୍ଧ, ପଦୋଦ୍ଭୂତ, ଅବପ୍ଲୁତ, ହଂସମାର୍ଗ ବୋଲି କୁହାଯାଇଛି ।

ଗଦାଧାରୀ ହନୁମାନଙ୍କ ଉପାସନା ଦ୍ୱାରା ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ । ନିଷ୍ଠାର ସହକାରେ ପ୍ରାର୍ଥନା କଲେ ସେ ସନ୍ତୁଷ୍ଟ ହୁଅନ୍ତି । ତାଙ୍କ କୃପାରୁ ମନୁଷ୍ୟ ଜୀବନ ସୁଖମୟ ହୋଇଥାଏ । ଶ୍ରୀରାମ ଭକ୍ତ ହନୁମାନଙ୍କୁ ପ୍ରସନ୍ନ କରିବା ନିମନ୍ତେ ପ୍ରତିଦିନ ହନୁମାନ ଚାଳୀସା ପାଠ କରିବା ଆବଶ୍ୟକ । ବାରମ୍ବାର ସମସ୍ୟା ଏବଂ କାର୍ଯ୍ୟରେ ବାଧା ଉପୁନ୍ନ ହେଉଥିଲେ ପ୍ରତି ମଙ୍ଗଳବାର ହନୁମାନ ମନ୍ଦିର ଯାଇ ଗୁଡ଼ ଏବଂ ଚଣା ପ୍ରସାଦ ଅର୍ପଣ କରିବା ଆବଶ୍ୟକ । ସେହି ପ୍ରସାଦକୁ ମନ୍ଦିରରେ ହିଁ ବାଣ୍ଟିଦେବା ଉଚିତ୍ । ପ୍ରତିଦିନ ସକାଳୁ ନିମ୍ନୋକ୍ତ ମନ୍ତ୍ର ଜପ କରିବା ଉତ୍ତମ ଫଳ ପ୍ରଦାନ କରିଥାଏ ।

ମନ୍ତ୍ର - "ଆଦିଦେବ ନମସ୍ତୁଭ୍ୟଂ ସପ୍ତସପ୍ତେ ଦିବାକର, ତ୍ୱଂ ରେ୍ୱ ତାରୟ ସ୍ୱାର୍ମାନର୍ମାତ୍ସଂସାର ସାଗରାତ୍"

ଏହି ମନ୍ତ୍ର ଜପ କରିବା ଦ୍ୱାରା ବାଧାରୁ ମୁକ୍ତି ମିଳିଥାଏ । ହନୁମାନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ସିନ୍ଦୁର ଏବଂ ଚମେଲି ତେଲ ଅର୍ପଣ କରି ପୂଜା କରାଯିବା ଉତ୍ତମ । ହନୁମାନ ଜୟନ୍ତୀ ଦିନ ହନୁମାନ ଚାଳୀସା, ହନୁମତ ଅଷ୍ଟକ ଏବଂ ବଜରଙ୍ଗ ବାଣ ପାଠ କରିବା ଉଚିତ୍ । ସେହି ଦିନ ହନୁମାନଙ୍କ ଆରାଧାନ କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ ଏବଂ ସୁଖ-ଶାନ୍ତି ପ୍ରାପ୍ତ ହୋଇଥାଏ ।

ଓଁ କ୍ରାଂ କ୍ରିଂ କ୍ରୌଂ ସଃ ଭୌମାୟ ନମଃ ମନ୍ତ୍ରର ଏକ ମାଳା ଜପ ମଙ୍ଗଳ କରିବା ଶୁଭ ହୋଇଥାଏ ।

ବ୍ୟବସାୟରେ ବୃଦ୍ଧି ନିମନ୍ତେ ହନୁମାନଙ୍କ ସିନ୍ଦୂର ରଙ୍ଗର ବସ୍ତ୍ର ଅର୍ପଣ କରିବା ଆବଶ୍ୟକ ।

ହନୁମାନ ଜୟନ୍ତୀରେ ମନ୍ଦିର ଛାତ ଉପରେ ଲାଲ ରଙ୍ଗର ପତାକା ଉଡ଼ାଇବା ଦ୍ୱାରା ଆକସ୍ମିକ ଅଘଟଣରୁ ମୁକ୍ତି ମିଳିଥାଏ ।

ଶକ୍ତିବୃଦ୍ଧି ନିମନ୍ତେ ହନୁମାନ ଚାଳୀଶା, ସୁନ୍ଦରାକାଣ୍ଡ, ରାମାୟଣ ଆଦି ପାଠ କରିବା ଆବଶ୍ୟକ ।

## ଶ୍ରୀରାମ-ପର୍ଶୁରାମ ଭେଟ

୨ରାମାୟଣରେ ଭଗବାନ ଶ୍ରୀରାମଚନ୍ଦ୍ର ଏବଂ ପର୍ଶୁରାମଙ୍କୁ ନେଇ ଏକ ଗାଥା ବର୍ଣ୍ଣନା କରାଯାଇଛି । ଅତ୍ୟାଚାରୀ ରାବଣର ବଧ କରିବା ଲାଗି ଭଗବାନ ଶ୍ରୀବିଷ୍ଣୁ ଅଯୋଧାରେ ରାଜା ଦଶରଥ ଏବଂ କୌଶଲ୍ୟାଙ୍କ ପୁତ୍ର ରୂପରେ ଜନ୍ମ ନେଇଥିଲେ । ରଘୁକୁଳ ନନ୍ଦନ ଶ୍ରୀରାମଙ୍କ କୀର୍ତ୍ତି ଖୁବ୍ ଅଳ୍ପ ଦିନ ମଧ୍ୟରେ ତ୍ରୀଭୁବନରେ ବ୍ୟାପିଗଲା । ଶ୍ରୀରାମଙ୍କ ଅବତାର ବିଷୟରେ ମଧ ଅବଗତ ହେଲେ ଭଗବାନ ପର୍ଶୁରାମ । ପର୍ଶୁରାମ ଥିଲେ ଶ୍ରୀବିଷ୍ଣୁଙ୍କ ଷଷ୍ଠ ଅବତାର ।



ମହାଦେବଙ୍କ ଶିଷ୍ୟ ପର୍ଶୁରାମ ଅମର ହେବାର ବର ପାଇଥିଲେ । ସେଥିପାଇଁ ସେ ଶ୍ରୀରାମଙ୍କ ଜନ୍ମ ପର୍ଯ୍ୟନ୍ତ ମଧ ଜୀବିତ ରହିଥିଲେ । ଦିନେ ଶ୍ରୀରାମଙ୍କ ପରୀକ୍ଷା ନେବା ଲାଗି ପର୍ଶୁରାମ ଅଯୋଦ୍ଧାରେ ପହଞ୍ଚିଲେ । ସେ ୦ଶ୍ରୀରାମଙ୍କୁ ନିଜର ଦିବ୍ୟ ଧନୁ ପ୍ରଦାନ କଲେ ଏବଂ ସେଥିରେ ଗୁଣ ଚଢ଼ାଇବାକୁ କହିଲେ । ତାହା ଥିଲା ଭଗବାନ ବିଷ୍ଣୁଙ୍କ ସାରଙ୍ଗ ଧନୁ । ଶ୍ରୀରାମ ସେହି ଧନୁରେ ଅତି ସହଜରେ ଗୁଣ ଚଢ଼ାଇ ଦେଲେ । ଏହାପରେ ଅହଂକାରବଶତଃ କ୍ରୋଧିତ ହୋଇ ସେହି ଦିବ୍ୟ ଧନୁରୁ ତୀର ଚଳାଇବା ଲାଗି ପର୍ଶୁରାମ କହିଲେ । ଶ୍ରୀରାମ ସେହି ଧନୁରେ ତୀର ନିକ୍ଷେପ କରନ୍ତେ, ସେହି ଶବ୍ଦରେ ପର୍ଶୁରାମ ବେହୋସ ହୋଇଗଲେ । ତାଙ୍କର ସମସ୍ତ ଶକ୍ତି ଚାଲିଗଲା । ଗୋଟିଏ ବର୍ଷ ପରେ ପିତୃପୁରୁଷଙ୍କ ପରାମର୍ଶକ୍ରମେ ବସୁଧରା ନାମକ ନଦୀରେ ସ୍ନାନ କରିବା ପରେ ପର୍ଶୁରାମ ନିଜ ଶକ୍ତି ଫେରିପାଇଥିଲେ । ପ୍ରଭୁ ଶ୍ରୀରାମ ସ୍ୱୟଂ ଶ୍ରୀବିଷ୍ଣୁଙ୍କ ଅବତାର ବୋଲି ତାଙ୍କର ହୃଦ୍‌ବୋଧ ହେଲା ।

# ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାକୁ ମିଳିବ ସମ୍ମାନ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ମହକ" ର ଉଦଯାପନ ଉତ୍ସବରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟସ୍ତରୀୟ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ । ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନଙ୍କ ପ୍ରତିଭାକୁ ସମ୍ମାନ ଜଣାଇ ଆମେ ସେମାନଙ୍କ ମନୋବଳ ବଢେଇବା ସହ ସେମାନଙ୍କୁ ଏକ ସୁନ୍ଦର ଭବିଷ୍ୟତ ଦେଇପାରିବା ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଦୃଢ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ଏହି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପିଲାମାନଙ୍କୁ ପ୍ରେରଣା ଯୋଗାଇବ ସହ ସେମାନଙ୍କ ମନରେ ପ୍ରଚୁର ଆତ୍ମବିଶ୍ୱାସ ଜାଗ୍ରତ କରିବ । ପ୍ରତ୍ୟେକ ଶିଶୁଙ୍କ ଭବିଷ୍ୟତକୁ ସକ୍ଷମ କରି ଗଢି ତୋଳିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଉତ୍ସବରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ଯାମିନୀ ଷଡଙ୍ଗୀ ଓ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ତଥା ବିଭାଗୀୟ ଅତିରିକ୍ତ ସଚିବ ଉପସ୍ଥିତ ଥିଲେ ।



ସୂଚନାଯୋଗ୍ୟ କି ଏହି ଉତ୍ସବରେ ୩୦ ଜିଲ୍ଲାର ୨୨୫ଟି ଶିଶୁ ଯତ୍ନ ପ୍ରତିଷ୍ଠାନର ପ୍ରାୟତଃ ୫୦୦ ପ୍ରତିଯୋଗୀମାନେ ଏକକ କଣ୍ଠ ସଙ୍ଗୀତ, ଦଳଗତ ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ, ପ୍ରଶ୍ନୋତ୍ତର ଆଦି ବିଭିନ୍ନ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏକକ କଣ୍ଠ ସଙ୍ଗୀତର ପ୍ରତିଯୋଗିତାରେ ବରିଷ୍ଠରେ ରାୟଗଡାର ବିଦୁସ୍ମିତା ଶବର, କୋରାପୁଟର କୁଶଲ୍ୟା ଦେଉରିଆ, ମୟୂରଭଞ୍ଜର ଚନ୍ଦ୍ରମଣି ନାୟକ ଓ କନିଷ୍ଠରେ ମୟୂରଭଞ୍ଜର ସନ୍ତୋଷି ବେହେରା, ଦେଓଗଡର ରଞ୍ଜନ ପୁଷ୍ଟି, ରାୟଗଡାର ଇନ୍ଦୁ ବାତ୍ରା ପୁରସ୍କୃତ ହୋଇଛନ୍ତି । ବକ୍ତୃତା ପ୍ରତିଯୋଗିତାରେ ବରିଷ୍ଠରେ କନ୍ଧମାଳର ବିମଳା ଚହଟିଆ, ଖୋର୍ଦ୍ଧାର ଶିବାନୀ ନାୟକ, ନୟାଗଡ଼ର ସନ୍ଧ୍ୟାରାଣୀ ବରଦା, ଗଞ୍ଜାମରେ ଶାଳିନୀ ସେନାପତି, ସୁନ୍ଦରଗଡର ଶ୍ରଦ୍ଧା ଦାସ କନିଷ୍ଠରେ ବରଗଡ଼ର ଲିପି ଦାସ, ପୁରୀର ଜୋସ୍ନା ଦାସ ଓ ଗଞ୍ଜାମର ସୁଦାମ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଛି । କୁଇଜ ପ୍ରତିଯୋଗିତାରେ ଦେଓଗଡ଼ର ଶକ୍ତି ହେମ୍ବ୍ରମ, କୋରାପୁଟର ସବିତା ଦାସ, କଳାହାଣ୍ଡିର ଧିରାଜ କୁମାର ସିନ୍ଧୁର କନିଷ୍ଠରେ କଟକର ଶକ୍ତି ପ୍ରଜ୍ଞା ପ୍ରଧାନ, ଗଜପତିର ଚମ୍ପତି ଭୂୟାଁ, କଳାହାଣ୍ଡିର ଗୁଲଶନ କୁମାର ପୁରସ୍କୃତ ହୋଇଛନ୍ତି । ସେହପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ବରିଷ୍ଠରେ କଳାହାଣ୍ଡିର ବରୁଣ ମହାନନ୍ଦା, କୋରାପୁଟର ପର୍ଶୁରାମ ହଲବା, ପୁରୀର ଆର. ଅଜୟ କନିଷ୍ଠରେ ବାବୁଶାନ ମହନ୍ତ, କଳାହାଣ୍ଡିର ଟିକା ଚନ୍ଦ୍ର ଗୌଡ, ଯାଜପୁରର ରାମ ମୁଣ୍ଡା ପୁରସ୍କୃତ ହୋଇଛନ୍ତି । ଦଳଗତ ନୃତ୍ୟ ପ୍ରତିଯୋଗିତାରେ ବରିଷ୍ଠରେ କନ୍ଧମାଳରେ ବନବାସୀ ସେବା ସମିତି ପୁରୀର ନୀଳାଚଳ ସେବା ପ୍ରତିଷ୍ଠାନ କୋରାପୁଟର ଆସ୍ଥା ଚିଲଡ୍ରେନସ୍ ହୋମ୍, ଖୋର୍ଦ୍ଧାର ଆଦୃତା ଗର୍ଲସ ହୋମ୍, କନ୍ଧମାଳର ବିକାଶ ପରିଷଦ, ସାରଙ୍ଗଗଡ଼ ଓ ପୁରୀର ନୀଳାଚଳ ସେବା ପ୍ରତିଷ୍ଠାନ ପୁରସ୍କୃତ ହୋଇଛନ୍ତି ।

## ୨୦୨୫ ସୁଦ୍ଧା ରାଜ୍ୟର ସ୍କୁଲଗୁଡ଼ିକରେ ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ ହେବ: ମନ୍ତ୍ରୀ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଓଡିଶା ସରକାର ୨୦୨୫ ସୁଦ୍ଧା ରାଜ୍ୟର ସମସ୍ତ ସ୍କୁଲରେ ଜାତୀୟ ଶିକ୍ଷା ନୀତି - ୨୦୨୦ କୁ ଲାଗୁ କରିବା ପାଇଁ ଯାଉଛନ୍ତି । ବୁଧବାର ଦିନ ରାଜ୍ୟ ବିଧାନସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତର ଦେଇ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି ।

ଏ ସମ୍ପର୍କିତ ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି -୨୦୨୦ କୁ ସଠିକ ଭାବେ ଓ ସୁଚାରୁ କ୍ରିୟାନ୍ୱୟନ ପାଇଁ କେତେକ ପଦକ୍ଷେପ ନେଯାଉଛି । ଏକ ଟାସ୍କ ଫୋର୍ସ ସମିତି ଓ ଛଅଟି ଉପ-ସମିତି ଗଠିତ କରାଯାଇଛି, ଯେଉଁଗୁଡିକ ସ୍କୁଲଗୁଡିକରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିଶେଷ ସୁପାରିଶ ଦେବେ । ସେ କହିଛନ୍ତି ଯେ, ସମସ୍ତ ସହଭାଗୀ ତଥା ଅନ୍ୟ-ସହିତ ସୁଜାଉ ଓ ଫିଡବ୍ୟାକ୍ ପ୍ରାପ୍ତ କରିବା ପରେ ନୂତନ ଶିକ୍ଷା ନୀତିକୁ ଔପଚାରିକ ଭାବେ ଲାଗୁ କରାଯିବ । ସ୍କୁଲଗୁଡିକରେ ଶିକ୍ଷକଙ୍କର ଖାଲି ପଦ ଭର୍ତି କରିବା ସମ୍ପର୍କରେ ସେ କହିଛନ୍ତି ଯେ, ସରକାର ସମସ୍ତ ଖାଲି ପଦ ପୂରଣ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ସେ କହିଛନ୍ତି ଯେ, ଶିକ୍ଷା କ୍ଷେତ୍ରରେ ସମଗ୍ର ଗୁଣବତ୍ତା ଉନ୍ନତି ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯାଉଛି ।

## ଯୋଗ୍ୟ ହିତାଧୀକାରୀ ହେବେ ସାମିଲ ଅଯୋଗ୍ୟ ବାଦ ପଡ଼ିବେ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଯେଉଁ ମାନଙ୍କର ମାସିକ ଆୟ ୧୦ ହଜାର ୫୦୦ ଟଙ୍କାରୁ ଅଧିକ ନଥିବ ସେମାନେ ଯୋଗ୍ୟ ବିବେଚିତ ହେବେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହା କହିଛନ୍ତି ।

ସେ କହିଛନ୍ତି ଯେ, ହିତାଧିକାରୀଙ୍କ ଆଧାର କାର୍ଡ ସହ ମୋବାଇଲ୍ ନମ୍ବର ସଂଯୋଗ ଜରୁରୀ । ନିଜେ ଆବେଦନକାରୀ ବିଭାଗର ଆପରେ ଆବେଦନ କରିବେ । ଗରିବ ଲୋକ ଫିଙ୍ଗର ପ୍ରିଂଟ ରହିବ, ଆଧାର ସଂଯୋଗ କରାଯିବ । ବାପା ପୁଅ ଭିନ୍ନ ହୋଇଥିଲେ ବି ଯୋଗ୍ୟ ଥିଲେ ଘର ମିଳିବ । ଦିବ୍ୟାଙ୍ଗ ଓ ବିଧବାଙ୍କୁ ଘର ଦିଆଯିବ । ସେ କହିଛନ୍ତି ଯେ, ଯଦି କୌଣସି ଗାଁ ରେ ୧୫ ରୁ ୨୦ ପରିବାରର ଘର ଡିହ ନଥିବ ସେହିଭଳି ଗାଁକୁ କ୍ଲଷ୍ଟର କରାଯାଇ ଘର ଦିଆଯିବ । ରାସ୍ତା, ବିଜୁଳି ପାଣି ସହ ଖେଳ ପଡିଆ ଭଳି ଆନୁସାଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯିବ, ଆନୁଷଙ୍ଗିକ ବ୍ୟବସ୍ଥା ଦିଆଯିବ । ସେ କହିଛନ୍ତି ଯେ, ପୁର୍ବରୁ ତାଲିକା ପ୍ରସ୍ତୁତ ସମୟରେ ପାତର ଅନ୍ତର ଯୋଗୁଁ ଅନେକ ହିତାଧିକାରୀ ବାଦ ପଡ଼ି ଥାଆନ୍ତି । ବିଗତ ଦିନରେ ଯେଉଁ ମାନେ ଯୋଗ୍ୟ ବଂଚିତ ହୋଇଛନ୍ତି ସେମାନେ ପାଇବେ । ଏଥିପାଇଁ ବିଭାଗର କର୍ମକର୍ତ୍ତା ତାଲିମ ନେବେ ଏବଂ ୨ ମାସ ଭିତରେ ସରିବ ବୋଲି ସେ କହିଛନ୍ତି ।

# ଫ୍ଲାଏ ଆଶ୍ ପରିଚାଳନା ପାଇଁ ଆସିବ ଏସ୍ଓପି

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଓପିଜିସି ଦ୍ୱାରା ଚାଲିଥିବା ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀମତୀ ଏବୋଲି ସୁନୀଲ ନରବଣେ, ଓପିଜିସିର ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।



ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ ଲିମିଟେଡ୍ ହେଉଛି ଓଡ଼ିଶାର ବୃହତ ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର କ୍ଷ ରାଜ୍ୟର ମୋଟ୍ ବିଜୁଳି ଚାହିଦାର ୩୦ ପ୍ରତିଶତ ଓପିଜିସି ପୂରଣ କରେ । ଏକ ବିଶ୍ୱସ୍ତରୀୟ ସ୍ୱଚ୍ଛ, ନିରାପଦ ଏବଂ ନିର୍ଭରଯୋଗ୍ୟ ଶକ୍ତି ଉତ୍ପାଦନ କରିବାରେ ଓପିଜିସି ପ୍ରତିଶୃତିବଦ୍ଧ କ୍ଷ ତାପଜ ବିଦ୍ୟୁତ ଉତ୍ପାଦନ ପରେ ବାହାରୁଥିବା ବର୍ଜ୍ୟ ପରିଚାଳନା ଏବଂ ଖଣି ଖନନ ପରେ ସେହି ଖଣିକୁ ଉଡା ପାଉଁଶ ଦ୍ୱାରା ପୂରଣ କରି ଖାଲି ଖଣିକୁ ପୋତିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା ।

ଫ୍ଲାଏ ଆଶ କୁ ବ୍ୟବହାର କରି ଇଟା ତିଆରି କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେହି ଇଟାକୁ ପରବର୍ତ୍ତୀ ସମୟରେ ପିଏମ ଆବାସ ଯୋଜନାରେ ତିଆରି ଘରେ ବ୍ୟବହାର କରାଯାଇ ପାରିବ କ୍ଷ ସେହିଭଳି ପ୍ରଦୂଷଣ କଂଟ୍ରୋଲ ବୋର୍ଡ଼ର ପରାମର୍ଶ ଅନୁଯାୟୀ ବାହାରୁଥିବା ବର୍ଜ୍ୟକୁ କୃଷି କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇପାରିବ । ଓପିଜିସିର କାର୍ଯ୍ୟ କରିବାରେ ଥିବା ପ୍ରତିବନ୍ଧକ ଗୁଡ଼ିକ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ପରବର୍ତ୍ତୀ ସମୟରେ ସେସବୁ ଉପରେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ନିୟମାବଳୀ ଅନୁଯାୟୀ ପଦକ୍ଷେପ ନିଆଯିବ । ଆଗାମୀ ସମୟରେ ଫ୍ଲାଏ ଆଶକୁ ନେଇ ଏସଓପି ଅଣାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଥିଲେ । ଫ୍ଲାଏ ଆଶ ଦ୍ୱାରା ପୂରଣ ହେଉଥିବା ପୋଖରୀ ଏବଂ ସେହି ଅଂଚଳରେ ପର୍ଯ୍ୟଟନର ବିକାଶ କରିବାକୁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ । ଏହି କ୍ରମରେ ଖଣି ଖନନ ପରେ ଖାଲି ଥିବା ଖଣିଗୁଡ଼ିକୁ ଚିହ୍ନଟ କରିବା ପରେ ଓପିଜିସିରୁ ବାହାରୁଥିବା ଉଡା ପାଉଁଶଦ୍ୱାରା ପୂରଣ କରିବା ଫଳରେ ବର୍ଜ୍ୟ ପରିଚାଳନା ମଧ୍ୟ ହୋଇପାରିବ ଏବଂ ପ୍ରଦୂଷଣ ମାତ୍ରା ହ୍ରାସ କରାଯାଇପାରିବ । ଉଡା ପାଉଁଶ ପୋଖରୀ ନିମନ୍ତେ ଜାଗା ଯୋଗାଇ ଦେବାକୁ ମଧ୍ୟ ଆଲୋଚନା କରାଯାଇଥିଲା । ପ୍ରଥମେ ସେହି ଅଂଚଳର ଜନସାଧାରଣଙ୍କ ସହ ଆଲୋଚନା କରି ଜାଗା ଯୋଗାଇ ଦେବାକୁ ସୁରେଶ ପୂଜାରୀ ଝାରସୁଗୁଡା ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ଓପିଜିସି ପକ୍ଷରୁ ମଧ୍ୟ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି ।

# ନିର୍ବାଚନ ପ୍ରଚାର ପାଇଁ ୨୫୨କୋଟିର ଝୋଟବ୍ୟାଗ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ରାଜନୀତିକ ପ୍ରଚ୍ଚର ପାଇଁ ତତକାଳୀନ ବିଜେଡି ସରକାର ରାଜ୍ୟ ରାଜକୋଷକୁ ମନଇଚ୍ଛା ଅପବ୍ୟବହାର କରିଛନ୍ତ । କୌଣସି ଯଥାର୍ଥ କାରଣ ନଥାଇ ଝୋଟବ୍ୟାଗ ବାଂଟିବା ଆଳରେ ୨୫୨.୪୧କୋଟି ଟଙ୍କା ଅପଚୟ କରିବାକୁ ପଛାଇନାହାନ୍ତି । ରାଜ୍ୟର ପ୍ରାୟ ୯୫ଲକ୍ଷ ୯୦ହଜାର ୨୨୦ଟି ରାସନକାର୍ଡଧାରୀ ପରିବାରକୁ ନିର୍ବାଚନ ପୂର୍ବରୁ 'ଫାଇଭ-ଟି ଲୋଗୋ, ଶଙ୍ଖଚିହ୍ନ ଓ ଆମଓଡ଼ିଶା ନବୀନ ଓଡ଼ିଶା' ଲେଖା ଥାଇ ୨ଟି ଲେଖାଏଁ ଝୋଟବ୍ୟାଗ୍ ବାଂଟିଥିଲେ । ରାଜ୍ୟବାସୀ ବିଜେଡି ସରକାରକୁ ପରାସ୍ତ କରି ବିଜେପି ସରକାରକୁ କ୍ଷମତାସୀନ କରିବା ପରେ ଏହି ତଥ୍ୟ ପଦାକୁ ଆସିଛି ।




ଆଜି ବିଧାନସଭାରେ ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ରାସନକାର୍ଡଧାରୀମାନଙ୍କୁ ଦୁଇଟି ଲେଖାଏଁ ଝୋଟବ୍ୟାଗ ଦିଆଯାଇଛି । ଗାଙ୍ଗେଜ୍ ଜୁଟ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାଠାରୁ ୧କୋଟି ୯୧ଲକ୍ଷ ୮୦ହଜାର ୪୪୦ଟି ବ୍ୟାଗ କ୍ରୟ କରାଯାଇଛି । ଗୋଟିଏ ବ୍ୟାଗ ୨୦କିଲୋ ଓ ଅନ୍ୟଟି ୧୦କିଲୋ ଓଜନ ବିଶିଷ୍ଟ ଥିଲା । ପ୍ରତ୍ୟେକ ରାସନକାର୍ଡଧାରୀ ପରିବାରକୁ ଏହି ଝୋଟବ୍ୟାଗରୁ ଦୁଇଟି ଲେଖାଁଏ ଦିଆଯାଇଥିଲା । ଅନ୍ୟ ୪ଟି ସଂସ୍ଥା ବିର୍ଲା କର୍ପୋରେସନ, ଗ୍ଲୋଷ୍ଟର ପ୍ରାଃ ଲିମିଟେଡ୍, ବାଲାଫାବସ୍ ଇଂଟରନ୍ୟାସନାଲ,ଶକ୍ତିଗଡ଼ ଟେକ୍ସଟାଇଲ୍ ପ୍ରାଃ ଲିମିଟେଡ୍ ସଂସ୍ଥା ଟେଣ୍ଡରରେ ସାମିଲ ହୋଇଥିଲେ । ଝୋଟବ୍ୟାଗ ଦେଇଥିବା ସଂସ୍ଥାଠୁ ସିକ୍ୟୁରିଟି ଡିପୋଜିଟ୍, ଜିଏସଡି ଓ ଟିଡିଏସ୍ ଆଦିବାବଦରେ ମୋଟ ୧୭.୩୮କୋଟି ଟଙ୍କା ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

ଗତ ମୌସୁମୀ ଅଧିବେଶନବେଳେ ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ଏହି ଝୋଟବ୍ୟାଗ ବଂଟନରେ ୨୪୭.୩୬କୋଟି ଟଙ୍କା ବ୍ୟୟ ହୋଇଛି ବୋଲି ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ଦର୍ଶାଇଥିଲେ । କିନ୍ତୁ ଆଜି ଏହି ପରିମାଣରେ ବୃଦ୍ଧି ହୋଇଛି ।

## ଗନ୍ଧମାର୍ଦନ ନିକଟରେ ଅଡାନୀ କମ୍ପାନୀର ଜମି କିଣାକୁ ନେଇ ପ୍ରଶ୍ନ ଉଠାଇଲେ ପ୍ରସନ୍ନ ଆଚାର୍ଯ୍ୟ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଗନ୍ଧମାର୍ଦନ ନିକଟରେ ଅଡାନୀ କମ୍ପାନୀ ଦ୍ୱାରା ଜମି କ୍ରୟ କରାଯିବାକୁ ନେଇ ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ ଉଠାଇ ରାଜ୍ୟ ସରକାରଙ୍କ ଠାରୁ ସ୍ୱଷ୍ଟୀକରଣ ମାଗିଥିଲେ ।

ଆଜି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ ଗନ୍ଧମାର୍ଦନ ପର୍ବତ ରାମାୟଣ କାଳରୁ ରହିଛି । ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋହର ଏବଂ ଏଠାରେ ଶହ ଶହ ପ୍ରକାରର ଔଷଧୀୟ ବୃକ୍ଷ ରହିଛି । ନୃସିଂହନାଥ ଓ ହରିଶଙ୍କର ମନ୍ଦିର ଏଠାରେ ରହିଛି । ୮୦ ଦଶକରେ ଯେତେବେଳେ ବାଲକୋ କମ୍ପାନୀକୁ ଏହି ପାହାଡ ଦେବାକୁ କଂଗ୍ରେସ ସରକାର ଚୁକ୍ତି କରିଥିଲା ସେତେବେଳେ ପ୍ରବଳ ଜନ ଆନ୍ଦୋଳନ ହୋଇଥିଲା । ଏହା ପରେ ବିଜୁ ପଟ୍ଟନାୟକ ସରକାର ଆସିବା ପରେ ସେ ଲୋକ ମାନଙ୍କର ଭାବନାକୁ ସମ୍ମାନ ଦେଇ ଏହି ଚୁକ୍ତିକୁ ରଦ୍ଦ କରିଥିଲେ । କିନ୍ତୁ ଗନ୍ଧମାର୍ଦନ ପର୍ବତ ନିକଟରେ ଏବେ ଅଡାନୀ କମ୍ପାନୀ ଶହ ଶହ ଏକର ଜମି କିଣୁଛି । ସୁନ୍ଦରଗଡ ଖଣି କାରଣରୁ ଜଙ୍ଗଲ ନଷ୍ଟ କରିଥିବା ହେତୁ ଏହି ଜମିରେ କମ୍ପାନୀ ବନୀକରଣ କରିବ ବୋଲି କହୁଛି । ଏହାକୁ ନେଇ ସାଧାରଣ ଲୋକ ମାନଙ୍କ ମନରେ ଆଶଙ୍କା ଦେଖା ଦେଇଛି । ଦଶ ଏକରରୁ ଉର୍ଦ୍ଧ ଜମି କିଣିବାକୁ ହେଲେ ଅନୁମତି ନେବାକୁ ପଡେ । ସରକାର କଣ ଏ ବାବଦରେ ଅନୁମତି ଦେଇଛନ୍ତି । ଏ ସମସ୍ତ ପ୍ରଶ୍ନର ସ୍ୱଷ୍ଟିକରଣ ରାଜ୍ୟ ସରକାର ଦେବା ଆବଶ୍ୟକ ବୋଲି ସେ କହିଥିଲେ ।

### ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଉଦଘାଟିତ

## ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ କରିହେବ ଅଭିଯୋଗ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ରାଜ୍ୟରେ କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୋଗ୍ୟ ଚାଷୀ ଯେଭଳି ନିଜର ପ୍ରାପ୍ୟ ପାଇବାରୁ ବଂଚିତ ନହୁଅନ୍ତି ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି । ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର(ଶୁଭାରମ୍ଭ ହୋଇଛି । ଏହାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଉଦଘାଟନ କରିଛନ୍ତି । ଚାଷୀ ମାନଙ୍କ ସ୍ୱାର୍ଥ ସାଧନ ଓ ସେମାନଙ୍କୁ ସର୍ବାଧିକ ଲାଭ ଦେବା ଲକ୍ଷ୍ୟ ନେଇ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି । ଏହାଦ୍ୱାରା ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ଚାଷୀ ମାନେ ତୁରନ୍ତ ସେମାନଙ୍କ ଅଭିଯୋଗ ଏହି କେନ୍ଦ୍ର ମାଧ୍ୟମରେ କରିପାରିବେ । ଯାହାଦ୍ୱାରା ସମ୍ପୃକ୍ତ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ମାନେ ନିଯୁକ୍ତ ହୋଇ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି । କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

ଏହି ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ରରେ ସବୁ ଜିଲ୍ଲାର ମଣ୍ଡି ଉପରେ ତୀକ୍ଷ୍ଣ ନଜର ରଖାଯିବ । ସିସିଟିଭି ମାଧ୍ୟମରେ ଲାଇଭ ଫୁଟେଜକୁ ଏଠାରେ ଅନୁଧ୍ୟାନ କରାଯିବା ସହ ମଣ୍ଡିରୁ ଧାନନେଇ ମିଲସ ଓ ଡିପୋକୁ ଯାଉଥିବା ଗାଡିକୁ ମଧ୍ୟ ନିରୀକ୍ଷଣ କରାଯିବ । ଉଭୟ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ବେଳେ ଏହି କେନ୍ଦ୍ର କାର୍ଯ୍ୟ କରିବ । ଏଠାରେ ଉଭୟ ଅଡିଓ ଓ ଭିଡିଓ କଲ ମାଧ୍ୟମରେ ଯୋଗାଯୋଗ କରିବା ବ୍ୟବସ୍ଥା ରହିଛି । କୌଣସି ଅଭିଯୋଗ କିମ୍ବା ନିର୍ଦ୍ଦେଶ ଆସିଲେ ତ୍ୱରିତ ପଦକ୍ଷେପ ନିଆଯିବାର ବ୍ୟବସ୍ଥା ରହିଛି । ଏହି ଅବସରରେ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗନ୍ଧମାର୍ଦ୍ଦନର ଇଞ୍ଚେ ଜମି କାହାକୁ ଦିଆଯିବନି

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଆଜି ବିଧାନସଭା ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ଗନ୍ଧମାର୍ଦ୍ଦନ ପାହାଡ଼କୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ ।

ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଗନ୍ଧମାର୍ଦ୍ଦନ ପାହାଡ଼କୁ ଏ ସରକାର ଆଦାନୀ କମ୍ପାନୀକୁ ଟେକି ଦେବାକୁ ଯାଉଛନ୍ତି । ଯେଉଁଠି ଜଙ୍ଗଲ ସୃଷ୍ଟି କରିବା କଥା, ତାହା ନ କରି ଯେଉଁ ଟି ଜଙ୍ଗଲ ମୟ ପରିବେଶ ଅଛି ତାହାକୁ ନଷ୍ଟ୍ କରିବାକୁ ଯାଉଛନ୍ତି । ଯାହାକୁ ନେଇ ଗାଁ ଗାଁରେ ଜନ ଆନ୍ଦୋଳନ ହେଲାଣି । ସରକାରଙ୍କ ଠାରୁ ଅନୁମତି ତାକୁ ଦିଆ ଯାଇଛି କି ? କି ଗନ୍ଧମାର୍ଦ୍ଦନ ପାହାଡ଼ରୁ ବକ୍ସାଇଟ ଖନନ ପାଇଁ କାହାକୁ ଦେବାକୁ ଲକ୍ଷ ରଖିଛନ୍ତି କି ? ତାହାର ସ୍ୱଷ୍ଟିକରଣ ରଖନ୍ତୁ ସରକାର । ଓଡ଼ିଶା ବାସୀ ତାର ଜବାବ ମାଗୁଛନ୍ତି । ଯଦି ସେ କମ୍ପାନୀ ଜମି କିଣିଛି କାର୍ଯ୍ୟାନୁଷ୍ଠାନ ନେବେ କି ?

ଶ୍ରୀଯୁକ୍ତ ଆଚାର୍ଯ୍ୟ ଗୃହରେ କହିଛନ୍ତି, ଯେତେ ବେଳେ ୧୯୮୦ ମସିହାରେ ସରକାର ବକ୍ସାଇଟ ଖନନ ପାଇଁ ଅନୁମତି ଦେଇଥିଲେ ସେତେ ବେଳେ ଜନ ଆନ୍ଦୋଳନ ହୋଇଥିଲା । ତେଣୁ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ ସରକାର ସେ ନିର୍ଦ୍ଦେଶକୁ ବାତିଲ କରିଥିଲେ । ପୁଣି ଏ ସରକାର ଗନ୍ଧମାର୍ଦ୍ଦନ ପର୍ବତକୁ ଆଦାନୀ କମ୍ପାନୀକୁ ଟେକି ଦେବାକୁ ଯାଉଛନ୍ତି । ଭାରତ ବର୍ଷକୁ ବିଶ୍ୱରେ ନିନ୍ଦିତ କରୁଥିବା କମ୍ପାନୀଙ୍କୁ ଟେକି ଦେବାକୁ ଯାଉଛନ୍ତି । ଯେଉଁଠି ଜଙ୍ଗଲ ସୃଷ୍ଟି କରିବା କଥା ସରକାର ତାହା କରୁନାହାନ୍ତି । ହେଲେ ଜଙ୍ଗଲମୟ ପରିବେଶକୁ ନଷ୍ଟ୍ କରିବାକୁ ଯାଉଛନ୍ତି । ଯାହା ପାଇଁ ଜନ ଆନ୍ଦୋଳନ ହେଲାଣି ଗାଁ ଗାଁ ରେ ବୋଲି ପ୍ରଶ୍ନ କହିଛନ୍ତି । ସେ ପୁଣି କହିଥିଲେ ଯେ, ସରକାରଙ୍କ ଠାରୁ ଅନୁମତି ତାକୁ ଦିଆ । ଯାଇଛି କି ଗନ୍ଧମାର୍ଦ୍ଦନକୁ ଆଦାନୀକୁ ଦେବ ଲାଗି ? ଗନ୍ଧମାର୍ଦ୍ଦନ ପାହାଡ଼ରୁ ବକ୍ସାଇଟ ଖନନ ପାଇଁ କାହାକୁ ଦେବାକୁ ଲକ୍ଷ୍ୟ ରଖିଛନ୍ତି କି ସରକାର ? ତାହାର ସ୍ୱଷ୍ଟି କରଣ ଦିଅନ୍ତୁ ସରକାର ବୋଲି କହିଥିଲେ ପ୍ରସନ୍ନ । ଯାହାର ଉତ୍ତର ରଖି ଉପ ମୁଖ୍ୟମନ୍ତ୍ରୀ କେଭି ସିଂହ ଦେଓ କହିଥିଲେ, ଜମି ଆଦାନୀ କମ୍ପାନୀ କିଣିବା ବିଜେଡି ସରକାରରେ ହୋଇଛି । ଗନ୍ଧମାର୍ଦ୍ଦନ ପାହାଡ଼କୁ କୌଣସି ମତେ ମୋହନ ସରକାର କାହା ହାତକୁ ଟେକି ଦେବନାହିଁ । ଯଦି କିଛି ହୁଏ ମୁଁ ମଧ୍ୟ ଆପଣମାନଙ୍କ ସହ ଆନ୍ଦୋଳନରେ ସାମିଲ ହେବି ବୋଲି କହିଥିଲେ କେଭି ।



ଏଥିସହ କମ୍ପାନୀକୁ ପୂର୍ବ ତଥା ବିଜେଡି ସରକାର ଜମି ଟେକି ଦେଇଛି । ତୁମେ ଭୁଲ କରିଛ ତାକୁ ପ୍ରଥମେ ସ୍ୱୀକାର କର ବୋଲି ପ୍ରସନ୍ନଙ୍କୁ ତାଗିଦ କରିବା ସହ ଗନ୍ଧମାର୍ଦ୍ଦନ ପାହାଡ଼ରେ କିଛି କରିବାକୁ ଆଦାନୀ ହେଉ କି ଆଉ କୌଣସି କମ୍ପାନୀକୁ ଆମ ସରକାର ଦେବେ ନାହିଁ ବୋଲି ଗୃହରେ ଦୃଢୋକ୍ତି ପ୍ରକାଶ କରିଥିଲେ କେଭି । କେଭି କହିଥିଲେ, ଏ ଗୃହକୁ ଓ ରାଜ୍ୟବାସୀଙ୍କୁ ମୁଁ ଅବଗତ କରୁଛି କି ଗନ୍ଧମାର୍ଦ୍ଦନକୁ ନଷ୍ଟ କରିବାକୁ କାହାକୁ ଦିଆ । ଯିବନାହିଁ । ଯଦି କିଛି ହୁଏ ତେବେ ଆମେ ବି ସେହି ଆନ୍ଦୋଳନରେ ଯୋଡ଼ି ହେବ ।

# ୪୦ ହଜାର ଟଙ୍କାରେ ଶିଶୁ ବିକ୍ରି

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ପିଲା ଚୋରି ଭଳି ଲଜ୍ଜାଜନକ ଘଟଣା ଘଟିଛି । ୪୦ ହଜାର ଟଙ୍କାରେ ବିକ୍ରି ହୋଇଛି ୪ ବର୍ଷର ଝିଅ । ଦାରିଦ୍ର୍ୟତା ପାଇଁ ନୁହେଁ, ବରଂ ପାରିବାରିକ ଗଣ୍ଡଗୋଳ ପାଇଁ ବିହାରୀ ଦମ୍ପତି ନିଜ ଝିଅକୁ ବିକ୍ରି କରିଥିବା ଅଭିଯୋଗ ହେଉଛି । ଆଉ ଏହି ପିଲା ବିକ୍ରିରେ ମଧ୍ୟସ୍ଥି ସାଜିଥିବା ଦଲାଲମାନେ ମାଲାମାଲ ହୋଇଥିବା ଚର୍ଚ୍ଚା ହେଉଛି ।

ସୂଚନା ଅନୁଯାୟୀ, ବିହାରର ଶୁବୋଧ ଶର୍ମା ଜଣେ କାଠ ମିସ୍ତ୍ରୀ । ତାଙ୍କ ପ୍ରଥମ ସ୍ତ୍ରୀଙ୍କଠାରୁ ଗୋଟିଏ ଝିଅ ଅଛି । ତା'ର ବୟସ ପ୍ରାୟ ୪ ବର୍ଷ ହେବ । ପରବର୍ତ୍ତୀ ସମୟରେ ସେ ଗୁଡ଼ିଆ । ଦେ'ଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ବିବାହ କରିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀ, ଝିଅ(ପ୍ରଥମ ସ୍ତ୍ରୀଙ୍କଠାରୁ ହୋଇଥିବା)କୁ ଆଣି ଓଡ଼ିଶା ପଳାଇ ଆସିଥିଲେ । ରାଜଧାନୀ ଭୁବନେଶ୍ୱର ଟଙ୍କପାଣି ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ । କାଠ କାମରୁ ଯାହା ରୋଜଗାର କରୁଥିଲେ, ସେଥିରେ ଚଳୁଥିଲା ପୂରା ପରିବାର ।

ହେଲେ ସଉତୁଣୀ ଝିଅକୁ ଆଡ ଆଖିରେ ଦେଖୁନଥିଲେ ଗୁଡ଼ିଆ । । ଯେଉଁଥିପାଇଁ ଅନେକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା । ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ନିଜର ୪ ବର୍ଷର ଝିଅକୁ ଅନାଥାଶ୍ରମରେ ରଖିବାକୁ ନିଷ୍ପତ୍ତି ନେଇଥିଲେ ଶୁବୋଧ । ହେଲେ ସେମିତି କିଛି ବ୍ୟବସ୍ଥା ହୋଇପାରିଲା ନାହିଁ । ପରବର୍ତ୍ତୀ ସମୟରେ ଦ୍ୱିତୀୟ ପତ୍ନୀ ଗୁଡ଼ିଆ ।ଙ୍କ ପ୍ରରୋଚନାରେ ଝିଅକୁ ବିକ୍ରି କରିବା ପାଇଁ ଯୋଜନା କରିଥିଲେ । ଏଥିପାଇଁ ସେମାନେ ୨ ଜଣ ମହିଳା ଦଲାଲଙ୍କ ସହ ଯୋଗାଯୋଗ କରିଥିଲେ ।

ଦୁଇ ମହିଳା ଦଲାଲ ଗ୍ରାହକ (ଛୁଆ । କିଣିବାକୁ ରାଜି ଥିବା ଦମ୍ପତି) ଯୋଗାଡ କରିଥିଲେ । ବହୁ ଖୋଜାଖୋଜି ପରେ ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ରଘୁନାଥ ବେହେରା ଓ ତାଙ୍କ ପତ୍ନୀଙ୍କୁ ପାଇଥିଲେ । ଦଲାଲମାନେ ପ୍ରଥମେ ରଘୁନାଥଙ୍କୁ ଫୋନ୍ କରି ଝିଅ ବିକ୍ରି ସମ୍ପର୍କରେ କଥା ହୋଇଥିଲେ । ବହୁ ମୂଲଚାଲ ପରେ ୪୦ ହଜାର ଟଙ୍କାରେ ଡିଲ୍ ଫାଇନାଲ୍ ହୋଇଥିଲା । ରଘୁନାଥ ଓ ତାଙ୍କ ପତ୍ନୀ ନଗଦ ୩୫ ହଜାର ଟଙ୍କା ଏବଂ ଫୋନ୍ ପେ'ରେ ବାକି ୫ ହଜାର ଟଙ୍କା ଶୁବୋଧଙ୍କ ୨ୟ ପତ୍ନୀ ଗୁଡ଼ିଆ ।ଙ୍କୁ ଦେଇଥିଲେ । ତା'ପରେ ଝିଅକୁ ନେଇ ଯାଇଥିଲେ । ଘର ମାଲିକ ଗତ ଦୁଇ ଦିନ ହେଲା ଶୁବୋଧଙ୍କ ୪ ବର୍ଷର ଝିଅକୁ ଦେଖିବାକୁ ପାଇନଥିଲେ । ତେଣୁ ସେ ଝିଅ ସମ୍ପର୍କରେ ପଚରାଉଚରା କରିଥିଲେ । ମାତ୍ର ସେ ସନ୍ତୋଷ ଜନକ ଉତ୍ତର ପାଇନଥିଲେ । ଶୁବୋଧ ଓ ତାଙ୍କ ପତ୍ନୀଙ୍କ କଥାବାର୍ତ୍ତାକୁ ନେଇ ସନ୍ଦେହ କରୁଥିଲେ ଘର ମାଲିକ । ଝିଅ ବିକ୍ରି କରାଯାଇଥିବା ନେଇ ସେ କୌଣସି ସୂତ୍ରରୁ ଖବର ପାଇଥିଲେ ।

ଘର ମାଲିକ ଏନେଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲାର ଖୋଳତାଡ ଆରମ୍ଭ କରିଥିଲା । ପ୍ରଥମେ ଶୁବୋଧ ଓ ତାଙ୍କ ଦ୍ୱିତୀୟ ପତ୍ନୀ ଗୁଡ଼ିଆ ।କୁ ଉଠାଇ ଆଣି ପଚରାଉଚରା କରିଥିଲେ । ସବୁଠାରୁ ବଡ଼ କଥା ହେଉଛି ୪୦ ହଜାର ଟଙ୍କାରେ ଅୟସ୍ କରୁଥିବା ଶୁବୋଧ ପୁଲିସ୍ ଆଗରେ କିଛି ଜାଣିନଥିବା କହିଥିଲେ । ଆଉ ସବୁ ଦୋଷ ପତ୍ନୀଙ୍କ ଉପରେ ଲଦି ଦେଇଥିଲେ । ତେଣୁ ପୁଲିସ୍ ଗୁଡ଼ିଆ ।ଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ

ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଅର୍ଥନୀତିକୁ ସବୁ ବେଳେ ବିପନ୍ନ କରିଆସିଛି। ତେଣୁ ଓଡ଼ିଶା ଦେଶର ଅନ୍ୟ ରାଜ୍ୟ ତୁଳନାରେ ଆର୍ଥିକ ଦୃଷ୍ଟିରୁ ପଛରେ ପଡ଼ିଛି ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ। ତେବେ ଏକଥାକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ, ଆମ ଦାରୀଦ୍ର୍ୟ ସମ୍ପର୍କରେ ବିଭିନ୍ନ ସମୟରେ ଗଣମାଧ୍ୟମରେ ମାତ୍ରାଧିକ ପ୍ରଚାର ହୋଇଛି। ଅଶୀ ଦଶକରେ କଳାହାଣ୍ଡିରେ ପେଟ ବିକଳରେ ମା' ନିଜ ଛୁଆକୁ ବିକ୍ରୀ କରିବା ଘଟଣା ବେଶ ଚର୍ଚ୍ଚିତ ହୋଇଥିଲା। ଏଭଳି ଘଟଣା ଅନ୍ୟ ରାଜ୍ୟରେ ମଧ୍ୟ ହେଉଛି। କିନ୍ତୁ ଓଡ଼ିଶାର ଏହି ଘଟଣାକୁ ଏଭଳି ଭାବେ ପ୍ରଚାର କରାଗଲା ଯେ, ସଡ଼ିାବାସୀଙ୍କ ମୁଣ୍ଡ ତଳକୁ ନଇଁଗଲା। ସ୍ୱାଧୀନତା ପରେ ଓଡ଼ିଶାର ଚିତ୍ର କ୍ରମାଗତ ଭାବେ ବଦଳିବାରେ ଲାଗିଛି। ଦାରୀଦ୍ର୍ୟହାର କମିଛି। ଅନେକ ଶିଳ୍ପ ପ୍ରତିଷ୍ଠା ସହ ଭିତ୍ତିଭୂମି ବିକାଶ, କୃଷି ଉତ୍ପାଦନ ବୃଦ୍ଧି ହୋଇଛି ଯାହାକୁ ଆମେ ଯଥେଷ୍ଟ ବୋଲି କହିନପାରୁ। କିନ୍ତୁ ବିଗତ ୨୪ ବର୍ଷ ଭିତରେ ଓଡ଼ିଶାରେ ଦାରୀଦ୍ର୍ୟ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ, ଯୋଜନା ଏବଂ ଦାରୀଦ୍ର୍ୟ ଦୂରୀକରଣ ଅଭିଯାନ ଯୋଗୁ ଓଡ଼ିଶାରୁ ଦାରୀଦ୍ର୍ୟ ଅନେକାଂଶରେ ହଟିଛି। ଗାଁ ଗାଁରେ କୋଠାଘର, ପାନୀୟଜଳ ଯୋଗାଣ, ଘରେ ଘରେ ବିଜୁଳି ବତୀ ଜଳୁଛି। ପ୍ରତ୍ୟେକ ବ୍ୟକ୍ତିର ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଅନେକ ନୂଆ ନୂଆ ଶିଳ୍ପ କାରଖାନା ଗଢ଼ି ଉଠିଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାର ମାନ ବଢ଼ିଛି। ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିଛି। ରେଳବାଇର ବିକାଶ ସହ ସଡ଼କ ସଂଯୋଗ ବ୍ୟବସ୍ଥାରେ ଉନ୍ନତି ଆସିଛି। ଗାଁ ଗାଁରେ ସ୍କୁଲ କଲେଜ ଖୋଲିଛି। ଅତି ଗରିବ ଲୋକଙ୍କ ହାତରେ ମଧ୍ୟ ସ୍ମାର୍ଟ ଫୋନ ରହିଛି। କିନ୍ତୁ ଏ ସବୁ ବିକାଶ ସତ୍ତ୍ୱେ କେଉଁଠି ନା କେଉଁଠି ବିକାଶର ଯାତ୍ରା ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ବିକାଶ ଏବଂ ଦାରୀଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପଛରେ ପଡ଼ିଯାଇଛି। ଏହାର ଏକ ନିଛକ ଉଦାହରଣ ହେଲା ନଗଡ଼ା। ସେହିପରି କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ଅଞ୍ଚଳର ଏକ ନିପଟ ମଫସଲରେ ଏଭଳି ଏକ ଘଟଣା ଘଟିଛି ଯାହା ଆମ ଦୁର୍ବଳତାକୁ ପଛରେ ପକାଇ ଦେଇଛି। ଆମ୍ବ ଟାକୁଆ ଜାଉ ଖାଇ ୨ଜଣ ପ୍ରାଣ ହରାଇଛନ୍ତି ଏବଂ ୪ଜଣ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। କୁହାଯାଉଛି ଯେ, ସେଠାକାର ଲୋକଙ୍କର, ଆଦିବାସୀଙ୍କର ଏହା ହେଉଛି ନିୟମିତ ଖାଦ୍ୟ। ଆମ୍ବଟାକୁଆରୁ କୋଇଲି ବାହାର କରି ଏହାକୁ ଜାଉ କରି ଖାଇବାରେ କେହି ଅସୁସ୍ଥ ହେବେନି ସେମାନେ ବାସି ଜାଉ ଖାଇବା ଫଳରେ ଅସୁସ୍ଥ ହୋଇଛନ୍ତି। ଏହା ତ କଥା। କିନ୍ତୁ ସେମାନେ ଆମ୍ବ ଟାକୁଆର ଜାଉ କାହିଁକି ଖାଇଲେ? ସେମାନଙ୍କ ନିକଟରେ ଖାଇବାକୁ ଭାତ ବା ଅନ୍ୟ ଖାଦ୍ୟ ସାମଗ୍ରୀ ନଥିବାରୁ ସେମାନେ ବାଧ୍ୟ ହୋଇ ଆମ୍ବ ଟାକୁଆର ଜାଉ ଖାଇବାକୁ ବାଧ୍ୟ ହେଉଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ମୁଣ୍ଡ ପିଛା ମାସିକ ୫ କେଜି ଚାଉଳ ଦେଉଛନ୍ତି। ଏହା ଅନେକ ଲୋକଙ୍କ ଜବୀନ ବଞ୍ଚାଇଛି। କିନ୍ତୁ ରାଜ୍ୟରେ ସରକାର ବଦଳିବା ପରେ ଇ-କେୱାଇସି ନାମରେ ହଠାତ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ବନ୍ଦ ହୋଇଗଲା। ଫଳରେ ଅନେକ ଗରିବ ଲୋକ ନିରାଶ ହେଲେ। ଚାଉଳ ନଥିବାରୁ ସେମାନେ ଆମ୍ବ ଟାକୁଆର ଜାଉ ଖାଇବାକୁ ବାଧ୍ୟ ହେଲେ। ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ। କେବଳ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇବାରୁ ସେମାନେ ବଂଚିତ ହୋଇଛନ୍ତିସ କଥା ନୁହେଁ, ଅନେକ ସରକାରୀ ଯୋଜନାର ସୁଫଳ ସେମାନଙ୍କ ନିକଟରେ ପହଞ୍ଚିପାରିନାହିଁ। ଆବାସ ଯୋଜନାରେ ଅନେକଙ୍କୁ ଘର ମିଳିନି।

# ଫତୁରାନନ୍ଦଙ୍କ ଚରିତ୍ରର ଅଜ୍ଞାତ ଦିଗ

“ ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ।

॥ ରଘୁନାଥ ମହାପାତ୍ର ॥

ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା ହାସ୍ୟ ବ୍ୟଙ୍ଗ ଲେଖକ ଫତୁରାନନ୍ଦଙ୍କୁ ସାହିତ୍ୟ ରସପିପାସୁ ପାଠକମାନେ ଭଲ ଭାବରେ ଜାଣନ୍ତି ଚିହ୍ନନ୍ତି। ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାକୁ ପଢ଼ିବା ପାଇଁ ସମସ୍ତେ ଉତ୍କଣ୍ଠିତ ହୋଇ ରହିଥାନ୍ତି। ପତ୍ରିକାଟିଏ ହାତରେ ପଡ଼ିଲେ ପ୍ରଥମେ ସୂଚୀପତ୍ରରେ ଖୋଜନ୍ତି ଫତୁରାନନ୍ଦଙ୍କ ନାଁ। ସେଇ ନାଁଟି ମିଳିଗଲା ପରେ ପତ୍ରିକାର ପୃଷ୍ଠା ଓଲଟାଇ ଲେଖାଟିକୁ ଅଣନିଃଶ୍ୱାସୀ ହୋଇ ପଢ଼ି ପକାନ୍ତି। ଏହା ହିଁ ତାଙ୍କ ଲେଖାର ଆକର୍ଷଣ। ବ୍ୟଙ୍ଗ ଲେଖକ ହିସାବରେ ସେ ହିନ୍ଦୀ ଲେଖକ ହରି ଶଙ୍କର ପରସାୟୀଙ୍କ ସମସାମୟିକ ଏବଂ ତାଙ୍କରି ପରି ପ୍ରତିଭାବାନ। ହିନ୍ଦୀ ସାହିତ୍ୟରେ ପରସାୟୀଙ୍କର ଯେଉଁ ପ୍ରତିଷ୍ଠା ରହିଛି ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦଙ୍କର ତା'ଠାରୁ ଅଧିକ ପ୍ରତିଷ୍ଠା ରହିଛି। ୧୯୬୬ ମସିହାରେ ମୁଁ ପ୍ରଥମେ ଫତୁରାନନ୍ଦ ସହିତ ତାଙ୍କ ଝାଞ୍ଜିରୀମଙ୍ଗଳା ବାସଗୃହରେ ସାକ୍ଷାତ କରିଥିଲି। ସେହି ଦିନ ଠାରୁ ତାଙ୍କ ସହିତ ମୋର ବନ୍ଧୁତା ଏପରି ଘନିଷ୍ଠ ହୋଇଗଲା ଯେ ତାଙ୍କ ମୃତ୍ୟୁ ତା ୬-୧୧-୧୯୯୫ ପର୍ଯ୍ୟନ୍ତ ତାହା ଅବିଚ୍ଛିନ୍ନ ହୋଇ ରହିଥିଲା। ପ୍ରତିଦିନେ ଦୁଇଦିନେ ସଂଧ୍ୟାବେଳେ ମୁଁ ଡଗର ପ୍ରେସକୁ ଯାଇ ତାଙ୍କ ସହିତ ସାକ୍ଷାତ କରୁଥିଲି ଏବଂ ପ୍ରେସର ଭଲ ମନ୍ଦ ବିଷୟରେ ଆଲୋଚନା କରୁଥିଲି। ଦୀର୍ଘଦିନ ତାଙ୍କ ସହିତ ଘନିଷ୍ଠତା ରହିବା ଫଳରେ ତାଙ୍କ ବ୍ୟକ୍ତି ଚରିତ୍ରର କେତୋଟି ଦିଗ ମୁଁ ଦେଖିପାରିଥିଲି ଯାହା ଅନ୍ୟମାନେ ଦେଖିପାରି ନାହାନ୍ତି। ମୁଁ ସେହି ବିଷୟରେ କିଛି ଲେଖି ପାଠକମାନଙ୍କୁ ଜଣାଇବା ପାଇଁ ଚାହୁଁଛି। ୧. ଫତୁରାନନ୍ଦଙ୍କ ବନ୍ଧୁ ବତ୍ସଳତା, ୨. ଫତୁରାନନ୍ଦଙ୍କ ବଦାନ୍ୟତା, ୩. ଅନ୍ୟକୁ ସାହାଯ୍ୟ କରିବାର ଉଦାରତା, ୪. ଗରିବ ଛାତ୍ରଙ୍କୁ ଅର୍ଥଦାନ କରି ପଢ଼ାଇବାର ପ୍ରେରଣାଦାତା, ୫. ପଶୁ ପକ୍ଷୀ ମାନଙ୍କ ପ୍ରତି ତାଙ୍କର ନିବିଡ଼ ଶ୍ରଦ୍ଧା, ୬. ସାହିତ୍ୟ ସ୍ରଷ୍ଟାଙ୍କୁ ପ୍ରୋତ୍ସାହନ ଏହିପରି ଅନେକ ଗୁଡ଼ିଏ ସାତ୍ତ୍ୱିକଗୁଣ ତାଙ୍କ ଠାରେ ପରିଲକ୍ଷିତ ହୁଏ ଯାହା ଅନ୍ୟ ଲୋକମାନଙ୍କ ଠାରେ ଦେଖିବାକୁ ମିଳେ ନାହିଁ। ସାହିତ୍ୟ ସର୍ଜନା ଆରମ୍ଭ କରିବା ଦିନରୁ ସେ ଗେରୁଆ ଲୁଙ୍ଗି ଓ ଗେରୁଆ ସାର୍ଟ ପିନ୍ଧୁଥିଲେ। ଛାତି ଉପରେ ଗେରୁଆ ରଙ୍ଗର ଚାଦର ଘୋଡେଇ ହେଉଥିଲେ। ତାଙ୍କ ଚେହେରା ଜଣେ ସନ୍ନ୍ୟାସୀ ପରି ଦେଖାଯାଉଥିଲା। ସେ ପିଲାଦିନରୁ ଯୋଗ ଓ ବ୍ୟାୟାମ କରୁଥିବାରୁ ତାଙ୍କ ଶରୀର ଖୁବ୍ ହୃଷ୍ଟପୁଷ୍ଟ ଥିଲା। ତାଙ୍କୁ ଦେଖିଲାମାତ୍ରେ ଯେ କୌଣସି ଲୋକ ତାଙ୍କୁ ଜଣେ ସନ୍ନ୍ୟାସୀ ଛଡ଼ା ଅନ୍ୟ କିଛି ଭାବିବ ନାହିଁ। ଫତୁରାନନ୍ଦ ତାଙ୍କର ଆତ୍ମଜୀବନୀ 'ମୋ ଫୁଟା ଡଙ୍ଗାର କାହାଣୀ' ଲେଖିଛନ୍ତି ସେଥିରେ ନିଜ ବିଷୟରେ ଯାହା ଲେଖି ନାହାନ୍ତି ମୁଁ ସେହି ବିଷୟ ଗୁଡ଼ିକ ଉଲ୍ଲେଖ କରିବାକୁ ଚାହେଁ।

ତାଙ୍କର ବନ୍ଧୁ ବତ୍ସଳତା : ଫତୁରାନନ୍ଦଙ୍କ ବ୍ୟକ୍ତିତ୍ୱରେ ଏକ ଚୁମ୍ବକ ଶକ୍ତି ଥିଲା। ଯେ କୌଣସି ଲୋକ ତାଙ୍କ ପାଖକୁ ଆସି ଦୁଇ ଚାରିପଦ କଥା ହେବ ସେ ଅଜଣା ହେଉ ଅଶୁଣା ହେଉ ତାପରେ ସେ ହୋଇଯିବ ଫତୁରାନନ୍ଦଙ୍କ ବନ୍ଧୁ। କେବଳ ବନ୍ଧୁ ନୁହେଁ ଘନିଷ୍ଠ ବନ୍ଧୁ। ଏହି ସମ୍ପର୍କରେ ମୁଁ କେତେଜଣ ବିଶିଷ୍ଟ ଲେଖକଙ୍କ ନାମ ଉଲ୍ଲେଖ କରୁଛି ପ୍ରଥମ ହେଲେ ଓଡ଼ିଶାର ପ୍ରଥିତଯଶା କବି ଡଃ ଗୋପାଳ ଚନ୍ଦ୍ର ମିଶ୍ର। ସେ ବରାବର ଡଗର ପ୍ରେସକୁ ଆସନ୍ତି ଏବଂ ଫତୁରାନନ୍ଦଙ୍କୁ ରାମନା ବୋଲି ସମ୍ବୋଧନ କରନ୍ତି। ରାସ୍ତା ଉପରୁ ସେ ରାମନା ରାମନା ଡାକଛାଡ଼ି ଡଗର ପ୍ରେସ ଭିତରକୁ ପଶନ୍ତି। ଫତୁରାନନ୍ଦ ନଦେଖି ପାରିଲେ ମଧ କଣ୍ଠ ଶବ୍ଦରୁ ଜାଣି ପାରନ୍ତି ଗୋପାଳ ମିଶ୍ର ଆସିଗଲେ ତେଣୁ ସେ ହସି ହସି କହନ୍ତି 'କହ ନୂଆବୋଉ ଭଉଣୀ ତୁମର ଅଛକି ଆଉ?' ପାଇଲି ପାଇଲି ରାମନା ଭଉଣୀ ଗୋଟିଏ ପାଇଲି ତମେ ଦେଖିବନି ନେଇ ଆସିବି ଏଠିକି? ଆରେ ମୋର କ'ଣ ଆଖି ଅଛି ଦେଖିବି? ତମେ ଦେଖ ତା ପାଇଁ ପୁଣି କବିତା ଲେଖ। ଗୋପାଳ ମିଶ୍ର ଠୋ ଠୋ ହୋଇ ହସନ୍ତି। କହନ୍ତି ରାମନା ଆଉ ଗୋଟିଏ ବଢ଼ିଆ କବିତା ଲେଖିଛି କାଲି ସଂଧ୍ୟାବେଳକୁ ଆଣିବି ଆଜି ବଜାରରେ କାମ ଅଛି ଶୀଘ୍ର ପଳାଉଛି। ଏହି ଗୋପାଳ ମିଶ୍ର ଥିଲେ ସୁଲେଖକ କବି ରେଭେନ୍ସା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ। ଫତୁରାନନ୍ଦଙ୍କ ସହିତ ତାଙ୍କର ଆତ୍ମୀୟତା ବହୁତ ଭଲ ଥିଲା। ଆଉ ଜଣେ ହେଲେ ଜେନାକବି ମୁରାରୀ ମୋହନ ଜେନା। ଫତୁରାନନ୍ଦଙ୍କ ସାନଭାଇ ଡଃ ଶ୍ୟାମସୁନ୍ଦର ମିଶ୍ରଙ୍କ ସହପାଠୀ। ଘର ତାଙ୍କର ଭଗତପୁର ଗ୍ରାମରେ। ଝାଞ୍ଜିରୀମଙ୍ଗଳା ଓ ଭଗତପୁର ଲଗାଲଗି ହୋଇ ଦୁଇଟି ସାହି। ଶ୍ୟାମସୁନ୍ଦର ମିଶ୍ର ଟିକିଏ ନରମ ସ୍ୱଭାବର କିନ୍ତୁ ମୁରାରୀ ମୋହନ ଟିକିଏ ଉଗ୍ର ସ୍ୱଭାବର। ଫତୁରାନନ୍ଦଙ୍କୁ ସେ ରାମ କକେଇ ବୋଲି ଡାକନ୍ତି। ତାଙ୍କ କବିତା ଡଗରରେ ନ ବାହାରିଲେ ସେ ଦୋଷାରୋପ କରନ୍ତି ଫତୁରାନନ୍ଦଙ୍କ ଉପରେ। ମଝିରେ ମଝିରେ ତାଙ୍କ କବିତା ବାହାରେ। କବିତା ଉପରେ ସେ ନାନା ଦିଗରୁ ଆଲୋଚନା କରନ୍ତି ଏବଂ ତାଙ୍କ କବିତାର ଶ୍ରେଷ୍ଠତା ପ୍ରତିପାଦନ କରନ୍ତି। ତାଙ୍କ ଲେଖା ଯେ କେବଳ ଡଗରରେ ପ୍ରକାଶ ପାଏ ତାହା ନୁହେଁ ଓଡ଼ିଶା ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ କବିତା ପ୍ରକାଶିତ ହୁଏ। ସେ ଜଣେ ଦକ୍ଷ ସାହିତ୍ୟ ସଂଗଠକ। ଉତ୍କଳ ସାହିତ୍ୟ ସମାଜର ସେ କେତେ ବର୍ଷ ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରିଥିଲେ। ଫତୁରାନନ୍ଦ ଯେଉଁ ସରସ ସାହିତ୍ୟ ସମିତି ଗଢ଼ିଥିଲେ ସେଥିରେ ମଧ ସେ ସଂପାଦକ ଥିଲେ। ରଜ ଉତ୍ସବ କିପରି ଜାକ ଜମକରେ ପାଳିତ ହେବ ସେଥିପାଇଁ ସେ ଭାରି ତତ୍ପର ହେଉଥିଲେ। ସରସ ସାହିତ୍ୟ ସମିତି ରଜ ଉତ୍ସବରେ ଗବେଷକ ସଚ୍ଚିଦାନନ୍ଦ ମିଶ୍ର ପ୍ରବନ୍ଧ ପଢ଼ିଲାବେଳେ ମୁରାରୀ ବାବୁ ଟିକା ଟିପ୍ପଣୀ ଦେଉଥିଲେ ଯାହାଫଳରେ ଦୁଇଜଣଙ୍କ ଭିତରେ କଳି ଗୋଳ ଲାଗୁଥିଲା ଯାହାକୁ ଫତୁରାନନ୍ଦ ସମାଧାନ କରୁଥିଲେ। ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ। ଫତୁରାନନ୍ଦଙ୍କ ସହିତ ତାଙ୍କର ଦୀର୍ଘ ଜୀବନ ଧରି ଦେଖା ସାକ୍ଷାତ ହୋଇ ପାରିଲା ନାହିଁ। ମଝିରେ ମଝିରେ ଗୋଟିଏ ହାସ୍ୟରସାତ୍ମକ ଗଳ୍ପ କିମ୍ବା କବିତା ଡଗରକୁ ପଠାନ୍ତି। ତାହା ଡଗରରେ ପ୍ରକାଶ ପାଏ ସେ କିନ୍ତୁ ବ୍ୟକ୍ତିଗତ ଭାବେ ଆସି ପାରନ୍ତି ନାହିଁ। ଅନେକ ବର୍ଷ ପରେ ଚାକିରୀରୁ ଅବସର ଗ୍ରହଣ କରି ସେ ଆସି କଟକରେ ରହିଲେ। ବକ୍ସି ବଜାର ବଡ଼େଇ ସାହିରେ ତାଙ୍କର ଭଡ଼ାଘର। ସେଇଠୁ ଦିନେ ସେ ଗୋଟିଏ ରିକ୍ସା କରି ଡଗର ପ୍ରେସ୍ ଖୋଜି ପିଠାପୁର ଠାରେ ଆସି ପହଞ୍ଚିଲେ। ସେତେବେଳେ ସମୟ ଅପରାହ୍ନ ପାଞ୍ଚଟା ହେବ। ଛାଇ ଲେଉଟାଣି ବେଳ। ମୁଁ ଅଫିସ ଘରେ ହାତ ନଥିବା ଗୋଟିଏ ଚେୟାରରେ ବସିଥାଏ। ପୁଲିନବାବୁ ରିକ୍ସାରୁ ଓହ୍ଲେଇ ପ୍ରେସ ପିଣ୍ଡା ଉପରକୁ ଉଠିଲେ ଏବଂ ପଚାରିଲେ ଏଇଟା ଡଗର ପ୍ରେସ ତ? ମୁଁ ସଂକ୍ଷିପ୍ତ ଉତ୍ତର ଦେଲି ହଁ। ରାମବାବୁ ଅଛନ୍ତି? ଆଜ୍ଞା ଅଛନ୍ତି। ଆଲମାରୀ ପଛପଟରେ ବସିଥିବା ଫତୁରାନନ୍ଦ ମତେ ପଚାରିଲେ କିଏ କି? ମୁଁ କହିଲି ମୁଁ ଚିହ୍ନି ନାହିଁ। କେବେତ ଆଗରୁ ଦେଖି ନାହିଁ। ପୁଲିନ ବାବୁ ଅଫିସ ଭିତରକୁ ପଶୁ ପଶୁ କହିଲେ ମୁଁ ପୁଲିନ। ପୁଲିନ ବିହାରୀ ରାୟ। ହଠାତ ଫତୁରାନନ୍ଦ ତାଙ୍କ ବସିବା ସ୍ଥାନରୁ ଉଠି ଆସିଲେ ପୁଲିନ ପୁଲିନ ବୋଲି କହି କୁଣ୍ଢାଇ ପକାଇଲେ। ପୁଲିନବାବୁ ଆଖିରୁ ଦୁଇଟୋପା ଆନନ୍ଦ ଅଶ୍ରୁ ଝରି ପଡ଼ିଲା। ପ୍ରାୟ ପଚିଶ ତିରିଶ ବର୍ଷ ପରେ ଦୁଇ ବନ୍ଧୁଙ୍କର ଦେଖା ସାକ୍ଷାତ। ସେ ମିଳନ ଏତେ ଆନନ୍ଦ ଦାୟକ ତାହା ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ। ସେଦିନ ଦୁଇବନ୍ଧୁ ବହୁତ ସମୟ ଧରି ଖୁସି ଆଳାପ କଲେ ହସା ହସି ଅତୀତର ମଧୁର ସ୍ମୃତିକୁ ରୋମନ୍ଥନ କଲେ ସତେ ଯେପରି ମେଡ଼ିକାଲର ଦୁଇଟି ତରୁଣ ଛାତ୍ର ଆନନ୍ଦବିଭୋର ହୋଇ ଆଳାପ କରୁଛନ୍ତି। ଏହି ସାକ୍ଷାତପରେ ପୁଲିନ ବାବୁ ମଝିରେ ମଝିରେ ଡଗରକୁ ଆସି ଫତୁରାନନ୍ଦଙ୍କୁ ସାକ୍ଷାତ କରୁଥିଲେ। ହଠାତ୍ ତାଙ୍କର ଆସିବା ବନ୍ଦ ହୋଇଗଲା ଖବର ବି କିଛି ମିଳିଲା ନାହିଁ। ସେତେବେଳେ ଡଗର ପ୍ରେସରେ ଫୋନ ବି ନଥାଏ କାହା ସହିତ କଥାବାର୍ତ୍ତା କରିବା ପାଇଁ। ଦିନେ ତାଙ୍କର ପୁଅ ଡାକ୍ତର ଫାଲଗୁନି ରାୟ ଡଗରକୁ ଆସି ଫତୁରାନନ୍ଦଙ୍କୁ ଖବର ଦେଲେ ଯେ ବାପାଙ୍କ ଦେହ ଭାରି ଅସୁସ୍ଥ। ଆପଣଙ୍କୁ ଦେଖିବା ପାଇଁ ଖୋଜୁଛନ୍ତି। ଏହି ଖବର ଶୁଣିବାପରେ ଫତୁରାନନ୍ଦଙ୍କ ମୁହଁ ବିଷର୍ଣ୍ଣ ହୋଇଗଲା। ପରଦିନ ଉପର ଓଳି ମତେ କହିଲେ ଗୋଟିଏ ରିକ୍ସା ଡାକ ପୁଲିନକୁ ଦେଖିବାକୁ ଯିବା। ମୁଁ ଗୋଟିଏ ରିକ୍ସା ଡାକି ଆଣିଲି ସାଙ୍ଗ ହୋଇ ବକ୍ସି ବଜାର ବଡ଼େଇ ସାହି ଗଲୁ। ପୁଲିନ ବାବୁଙ୍କ ଭଡ଼ାଘର ଭିତରକୁ ପ୍ରବେଶ କଲୁ। ସେତିକିବେଳେ ପୁଲିନବାବୁ ରୋଗଶଯ୍ୟାରେ ନିସ୍ତେଜ ହୋଇପଡ଼ିଥାନ୍ତି। ତାଙ୍କ ଉପରେ ଧଳା ଚାଦରଟିଏ ଘୋଡେଇ ଦିଆଯାଇଥାଏ। କାନ୍ଥ କଡ଼କୁ ଗୋଟିଏ ଲମ୍ବା ବେଞ୍ଚ ପଡ଼ିଥାଏ ମୁଁ ସେଇଠି ବସିଲି। ଫତୁରାନନ୍ଦ ତାଙ୍କ ପାଦପାଖରେ ଥିବା ଗୋଟିଏ ଚେୟାର ଉପରେ ଯାଇ ବସିଲେ। ତାଙ୍କ ପୁଅ ବାପାଙ୍କୁ ଯେତେ ଡାକିଲେ ତାଙ୍କର କୌଣସି ଉତ୍ତର ମିଳିଲା ନାହିଁ। ଛାତି ଉପରେ ଘୋଡ଼ା ହୋଇଥିବା ଧଳା ଚାଦରଟି ଖାଲି ଉଠୁଥାଏ ପଡୁଥାଏ। ନିଃଶ୍ୱାସ ଘନ ଘନ ଯାଉଥାଏ। ତାଙ୍କ ପୁଅ କହିଲେ ମଉସା ଆପଣ ଡାକନ୍ତୁ କାଳେ ଆପଣଙ୍କ ପାଟି ବାରି ପାରିବେ। ଫତୁରାନନ୍ଦ ଧୀର କଣ୍ଠରେ ଡାକିଲେ ପୁଲିନ.....ପୁଲିନ ଏଇ ଦେଖ ମୁଁ ରାମ ଆସିଛି। ଅଣ୍ଡାଳି ଅଣ୍ଡାଳି ତାଙ୍କ ଶରୀର ଉପରେ ହାତ ପକାଇଲେ। ସେ ଡାକରେ କି ଅମୃତ ସ୍ପର୍ଶ ଥିଲା କେଜାଣି ପୁଲିନ ବାବୁଙ୍କ ନିଷ୍ପ୍ରଭ ଆଖି ଦୁଇଟି ମୁହୂର୍ତ୍ତକ ପାଇଁ ଖୋଲିଗଲା। ଫତୁରାନନ୍ଦଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହିବାକୁ ଲାଗିଲା। କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ପୁଲିବ ବୋଲି ଆଉ ଡାକି ପାରିଲେ ନାହିଁ। ମୁଁ ସେତେବେଳେ ଲକ୍ଷ୍ୟ କରୁଥିଲି ଦୁଇଜଣଙ୍କ ବନ୍ଧୁତ୍ୱର ନିବିଡ଼ତା ଆହା କି ହୃଦୟ ବିଦାରକ ସେହି ଦୃଶ୍ୟ। ମୋ ଆଖିରୁ ମଧ୍ୟ ଲୁହ ଝରି ପଡ଼ିଲା। ସେଠାରୁ ଉଠି ମୁଁ ବାହାରକୁ ଚାଲି ଆସିଲି।

# ଜଳବାୟୁ ପ୍ରଦୂଷଣ ଓ ବେକାରୀ ସମସ୍ୟା

॥ ଅଜୟ କୁମାର ବେହେରା ॥

ଜାପାନ ଶିଳ୍ପପତିଙ୍କୁ ଓଡ଼ିଶା ଆଣିବା ପୂର୍ବରୁ ଭାବନ୍ତୁ। ଶିଳ୍ପ ପାଇଁ ଭିତ୍ତିଭୂମି ପାଇଁ ସ୍ଥାନ, ସ୍ଥାନକୁ ରାସ୍ତା ପଥ, ଶିଳ୍ପକୁ କଞ୍ଚାମାଲ, ଜଳ, ବିଦ୍ୟୁତ ଯୋଗାଇବାକୁ ପଡ଼ିବ। ଶିଳ୍ପ ଜାତ ଦ୍ରବ୍ୟକୁ କଞ୍ଚାମାଲର ଉତ୍ସ ଖଣି। ଖଣିରୁ ଉତ୍ତୋଳନ ଦ୍ରବ୍ୟ ଯାହା ମିଳିବ ତାହା ସେ ଶିଳ୍ପରେ ପୂର୍ଣ୍ଣ ଲାଗିବ ନା ତାର ଅଂଶ ତାଙ୍କ ଦେଶକୁ ଆଳ କରି ରପ୍ତାନୀ କରିବେ। ପୁଣି ଉତ୍ପାଦିତ ଶିଳ୍ପଜାତ ଦ୍ରବ୍ୟକୁ ପୂର୍ଣ୍ଣ ଭାରତ ଭୂଖଣ୍ଡରେ ବିକ୍ରୟ ବ୍ୟବସ୍ଥା ରଖିବେ ନା ଉତ୍ପାଦିତ ବସ୍ତୁର ଅର୍ଦ୍ଧ ପ୍ରସ୍ତୁତକୁ ପୁଣି ତାଙ୍କ ଦେଶକୁ ପଠାଇ ସେଠାରୁ ଦରକାରୀ ଷ୍ଟିଲର ପୁଣି ଆମ ଦେଶକୁ ବିକ୍ରୟ କରିବେ। ଯେମିତି କମ୍ପାନୀମାନେ ଆମ ଦେଶରୁ ଲୁଣ ଧଳାକୁ ବନ୍ଦ କରି ତାଙ୍କ ଦେଶରୁ ଲୁଣ ଆଣି ଆମକୁ ବାଧ୍ୟକରି ବିକ୍ରୟ କଲେ ଆମ ମାଟିଆ ଲୁଣକୁ ସଫାକରି ବିକ୍ରୟ କରି ଧନ୍ଦା ଚାଳନା କରୁଥିଲେ। ପୁଣି ଏ ସମୟ ଅଟୋମେଟିକ ମେସିନ ବହୁ ଶ୍ରମିକଙ୍କର ବୃତ୍ତି ରନ୍ଧ କରୁଛି। ଏପରି ଅଟୋମେଟିକ ମେସିନର ଅପରେଟର ଏ ପର୍ଯ୍ୟନ୍ତ ଆମ ଦେଶରେ ବହୁତ ତିଆରି ନାହାଁନ୍ତି ଯାହା ସେମାନଙ୍କର ଦେଶର ବା ଅନ୍ୟ ରାଜ୍ୟରୁ ଏପରି ବିଶେଷଜ୍ଞ ଆସି ଆମ ରାଜ୍ୟରେ ଶିଳ୍ପ ସଞ୍ଚାଳନ କରିବେ ଫଳରେ ସ୍ଥାନୀୟ ଲୋକେ ଠିକ କର୍ମ ନିଯୁକ୍ତି ପାଇବେ ବି? ଅନେକ ସଂସ୍ଥା ଠିକ ଶ୍ରମିକ ବା କର୍ମଚାରୀ କିଛି ବର୍ଷ ପାଇଁ ରଖି ତାଙ୍କୁ ଛଟେଇ କରୁଛନ୍ତି। ଯୌବନକାଳର ରୋଜଗାର ବାଧା କି କଷ୍ଟକର ଅନୁଭବୀ ହିଁ ଜାଣି ପାରିବେ। ଏପରି ଅସ୍ଥାୟୀ ମୁତୟନ କରିବେ କି? ଲୁହା କାରଖାନାକୁ ହାର୍ଡ଼କୋକ ବା ସଫ୍ଟକୋକ କୋଇଲା ନହେଲେ ଲୁହା ତରଳା ଚୁଲ୍ଲୀ ଚାଲି ପାରିବ ନାହିଁ। ଲୁହା ଯେତେ ତାପରେ ତରଳେ ବା ପଥରକୁ ଗୁଣ୍ଡକରି ତାକୁ ଚୁଲ୍ଲୀରେ ତରଳାଇ ଲୁହାପିଣ୍ଡ କାଢ଼ିବାବେଳେ ଯେ ଉତ୍ତାପ ବିକିରଣ ହେବ ତାହା ଯେଉଁଠି କାରଖାନା ହେବ ସବୁ ଋତୁରେ ବହୁଥିବା ପବନରେ ବିଭିନ୍ନ ଦିଗକୁ ଯିବ ନାହିଁ। ସ୍ଥାନ ଗରମରୁ ସ୍ଥାନର ପାଣିପାଗ ଉପରେ ପ୍ରକୃତି ଉପରେ ପ୍ରଭାବ ପଡ଼ିବ କି ନାହିଁ? ଓଡ଼ିଶାର ସ୍ୱାଧିନତା ପୂର୍ବରୁ ଯେ ଜଳ ବାୟୁ ଥିଲା ଏବେ ସେପରି କାହିଁକି ନାହିଁ? ପୂର୍ବେ ଲୋକେ ଏତେ ପ୍ରକାର ରୋଗ ଭୋଗୁଥିଲେ କି? ପ୍ରଦୂଷିତ ବାୟୁମଣ୍ଡଳ ଓ ତାପବୃଦ୍ଧି କେତେ ହିଂସା ଚିନ୍ତା ଲୋକଙ୍କୁ ଘାରୁଛି। ଏତେ ପୋଲିସ ଥିଲେ କି? ଏତେ ଥାନା ଥିଲା କି? କେତେ ବୃକ୍ଷ ଏବେଳରେ ଶିଳ୍ପ ନାମରେ ରାସ୍ତା ନିର୍ମାଣରେ କ୍ଷୟ ଶିଳ୍ପକୁ ରାସ୍ତା, ରେଳରାସ୍ତା ପାଇଁ କେତେ ଶସ୍ୟ କ୍ଷେତ୍ର କ୍ଷୟ ଏକଥା କଣ ବିଜ୍ଞମାନେ ଜାଣି ପାରୁନାହାଁନ୍ତି? ଏକଦା ଗଡ଼ଜାତ ମୟୂରଭଞ୍ଜ ରାଜ୍ୟରେ ବାଦାମ ପାହାଡ଼ରେ ଲୁହା ଖଣିର ସନ୍ଧାନ ମିଳିଥିଲା। ତାହା ଟାଟା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ହେବା ପାଇଁ ସ୍ଥାନ ଖୋଜାରେ କଣ ମୟୂରଭଞ୍ଜର ବଡ଼ ସହର ବାରିପଦା ରାଜାଙ୍କ ରାଜଧାନୀ ପାଖରେ ହୋଇପାରି ନଥାନ୍ତା। ରାଜ୍ୟରେ କଣ ଶ୍ରମିକ ନା ସ୍ଥାନ ଅଭାବ ଥିଲା ତେବେ ବିହାର, ସିଂହଭୂମର ବର୍ଗମକର ଜାମସେଦପୁରକୁ କାହିଁକି ସ୍ଥାନାନ୍ତର ହୋଇଥିଲା? ଏବେ ବିହାରର ଭଙ୍ଗ ହୋଇ ଏବେ ଝାରଖଣ୍ଡ ରାଜ୍ୟରେ ଏବେ ଆସିଗଲାଣି। ଝାରଖଣ୍ଡ ଅର୍ଥ ବନାଞ୍ଚଳ ରାଜ୍ୟ ଯେଉଁଠି ବହୁତ ବୃକ୍ଷଲତା ଭରି ରହିଥିଲା। ଏହି କାରଖାନା ପରେ ଅନ୍ୟକ ଆନୁସଙ୍ଗିକ କାରଣରୁ ବହୁ ଜଙ୍ଗଲ ପଦା ବହୁ ପଶୁପକ୍ଷୀ ବିଲୁପ୍ତ। ଲୋକଙ୍କୁ ଅର୍ଥ ମିଳିବ ମାତ୍ର ଖାଇବା ପଦାର୍ଥ ଅନ୍ନ ଧାନ୍ୟ ପନିପରିବା ମହରଗ ହୋଇଯିବା ନିଶ୍ଚିନ୍ତ।

ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମୁଦ୍ରରେ ରହିଛି। ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ। ଏହି କାରଣ ସହିତ କେନ୍ଦ୍ରାପଡ଼, ଜଗତସିଂହପୁରରେ ନିର୍ମାଣକୁ ଜାପାନ ଶିଳ୍ପପତିଙ୍କୁ ଅଣାଯିବା ଯଦି ଭବିଷ୍ୟତକୁ ଏ ଅଞ୍ଚଳ ଜଳବାୟୁକୁ କ୍ଷତି ନହେବ ତାହା ଚିନ୍ତା କରାଯାଉ। ଜାପାନୀ ଦ୍ରବ୍ୟ ଆମ ଦେଶରେ ଅନେକ ଯହିଁରେ ବ୍ୟାଟ୍ରୀ ଆଇସି, ମୋବାଇଲ ଫୋନ, ଇଲେଟ୍ରନିକ ଖେଳନା ବ୍ୟବହାର ପ୍ରତି ଘରେ ଜଳୁଥିବା ବଲବ୍ ଏମିତି ଜିନିଷ ଏକ ପ୍ରକାର ଛୋଟ ଛୋଟ ଶିଳ୍ପରେ ପ୍ରସ୍ତୁତ ପୁଣି ଏମାନଙ୍କର ଛୋଟ ଶିଳ୍ପମାନେ ପରସ୍ପର ସହଯୋଗ ଏହାକୁ ନିର୍ମାଣ କରି ଅନେକ ଲୋକଙ୍କୁ ବୃତ୍ତିରେ ରଖି ପାରୁଛନ୍ତି। ସେ ଦେଶ ୧୯୪୫ ପରେ ସମୃଦ୍ଧ ହୋଇଛି। କେବଳ ପରସ୍ପର ସହଯୋଗ ତାଙ୍କର ମୂଳ ପୁଞ୍ଜିକୁ କାରିଗରୀ ଜ୍ଞାନ କୌଶଳ ତାଙ୍କର ଦୁଇ ପ୍ରୟୋଗାତ୍ମକ ବିଦ୍ୟା ଆମର କୌଳିକ ବୃତ୍ତି ରନ୍ଧ କରି ସମସ୍ତଙ୍କୁ ବେକାର କରାଯାଇଛି। ଶିକ୍ଷା ଖାଲି ଚାକିରୀ ପାଇଁ ଉଦ୍ଦିଷ୍ଟ। ନୂଆ ଛାଞ୍ଚରେ ଲୋକଙ୍କୁ ସେ ଦେଶ ପରି ଶିକ୍ଷା, କାରିଗରୀ ଜ୍ଞାନରେ ଦେଲେ ଶୀଘ୍ର ବେକାରୀ ହଟନ୍ତା। ଲୋକେ ସହଜରେ ଚଳି ପାରନ୍ତେ ନିଜ ଭିଟାମାଟି ଛାଡ଼ି ସ୍ଥାନାନ୍ତର ପସନ୍ଦ କରନ୍ତେ ନାହିଁ ପାରିବାରିକ ଜୀବନ ସୁଖପ୍ରଦ ହୁଅନ୍ତା। ଚାଷଜମି ଠିକ ଚାଷ ହୁଅନ୍ତା। ସରକାର ଯାନ୍ତ୍ରିକ ଦ୍ୱିଚକ୍ର ତ୍ରିଚକ୍ର ବାହାର କରି ଦ୍ୱିଚକ୍ର ସାଇକେଲକୁ ଆସ୍ତେ ଆସ୍ତେ ବନ୍ଦ କରି ଦେଲେ ତ୍ରିଚକ୍ର ରିକ୍ସା ସହରରେ କାଁ ଭାଁ ଟ୍ରାକ୍ଟର ଟ୍ରଲି ଲଗାଇ ମାଲବୁହା ଚାଲିଲାଣି। ଶଗଡ଼ ଅଦୃଶ୍ୟ, ହଳ ପାଇଁ ହଳ ଲଙ୍ଗଳ ମଇର ଦରକାର ନାହିଁ ଏଣୁ ବଳଦ ଆଉ ଦୃଶ୍ୟ ନୁହଁନ୍ତି। ଏସବୁ ପାଇଁ ପ୍ରଗତିର ବିରୁଦ୍ଧ ଆମେ ଚାହୁଁନା ଗ୍ରାମାଞ୍ଚଳ ମଟରସାଇକେଲ ସ୍କୁଟି ଅଟୋରିକ୍ସା ଟ୍ରାକ୍ଟର ପାୱାର ଟିଲର ପରି ଯାନ ମରାମତି ଶିକ୍ଷା ଦେଇ ଲୋକଙ୍କୁ ଏଥିରେ ବ୍ରତୀ କଲେ କଣ ବେକାରୀ ହଟିବ ନାହିଁ। ସମସ୍ତେ ଲୁଗା ଯାମା ପ୍ୟାଣ୍ଟ ପିନ୍ଧୁଛନ୍ତି। ଗାମୁଛା ବ୍ୟବହାର କରୁଛନ୍ତି ଏସବୁ ପ୍ରସ୍ତୁତି ନୂଆ ରୂପରେ କଣ ଗ୍ରାମରେ କରାଯାଇ ପାରିବ ନାହିଁ। କମାର କାମର ସଂସ୍କାରରେ ଗ୍ୟାସ ବିଦ୍ୟୁତର ଝଳେଇ କାମରେ କାରିଗର ସଂକ୍ଷିପ୍ତ ତାଲିମ ଦେଇ ଗ୍ରାମାଞ୍ଚଳର ଗୃହ ଉପକରଣ କଣ ପ୍ରସ୍ତୁତ କରି ହେବନାହିଁ? ଏମିତି ଅନେକ ଶିଳ୍ପ ମଧ୍ୟରେ କୃଷି ଜାତ ଦ୍ରବ୍ୟର ପ୍ରକ୍ରିୟାକରଣ। ଏହା ଗ୍ରାମେ ଗ୍ରାମେ କଣ ହୋଇପାରିବ ନାହିଁ? ଏହାଦ୍ୱାରା ସରକାର କଣ ଟିକସ ପାଇବେ ନାହିଁ। ଶ୍ରମିକ ସମସ୍ୟା ତୁଟିବ ବେକାରୀ ସମସ୍ୟା ତୁଟିଯିବ ଏହା ଚିନ୍ତାଶୀଳମାନେ ଭାବନ୍ତୁ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସଫଳ ହାସ୍ୟ ସାହିତ୍ୟିକ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ସାମସମୟିକ ଓଡ଼ିଆ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ଦୁଃଖୀ ଥିଲେ ହେଁ ଅନ୍ତରର ବେଦନାକୁ ଚାପି ସତେ ଯେପରି ଅନ୍ୟମାନଙ୍କୁ ହସାଇବାକୁ ଶପଥ ନେଇଥିଲେ ଏବଂ ସୃଷ୍ଟି କରିଥିଲେ ବହୁ ବ୍ୟଙ୍ଗ ସାହିତ୍ୟ। ତାଙ୍କର ପ୍ରକୃତ ନାମ ରାମଚନ୍ଦ୍ର ମିଶ୍ର। ଡାକ୍ତରୀ ପଢୁଥିବା ବେଳେ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିଲେ। ରୋଗ କବଳରୁ ମୁକ୍ତି ମିଳୁ ମିଳୁ ହରାଇଥିଲେ ଦୃଷ୍ଟି ଶକ୍ତି ଏବଂ ଆଜୀବନ ଅବିବାହିତ ରହି ପାଳଟିଥିଲେ ସାହିତ୍ୟ ସେବକ। ଏକ ସମୟରେ ସାହିତ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନଥିଲା। ସାହିତ୍ୟ ନାମ ଶୁଣିଲେ ବିତୃଷ୍ଣା ଆସିଯାଉଥିଲା। ସାହିତ୍ୟକୁ ଏକ ଅଲୋଡ଼ା, ଅଦରକାରୀ ବିଷୟ ଭାବୁଥିଲେ। ହେଲେ ଜୀବନର ମଧ ଭାଗରେ ସାହିତ୍ୟ ହିଁ ହୋଇଥିଲା, ତାଙ୍କର ଏକମାତ୍ର ଅବଲମ୍ବନ, ଯାହା କାଏମ ରହିଥିଲା ଜୀବନର ଶେଷ ଭାଗ ପର୍ଯ୍ୟନ୍ତ। ଫତୁରାନନ୍ଦଙ୍କ ଆତ୍ମଚରିତ ହେଉଛି 'ମୋ ଫୁଟା ଡଙ୍ଗାର କାହାଣୀ'। ଏଥିରେ ସେ ଲେଖିଛନ୍ତି, ସ୍କୁଲରେ ପଢୁଥିବା ବେଳେ ଶିକ୍ଷକଙ୍କ ବାଧବାଧକତାରେ ସେ ପଢ଼ିଥିବା ପ୍ରଥମ ସାହିତ୍ୟ ପୁସ୍ତକଟି ଥିଲା ଫକୀର ମୋହନ ସେନାପତିଙ୍କର ଛଅ ମାଣ ଆଠଗୁଣ୍ଠ। ତାହା ପୂର୍ବରୁ ରାମାୟଣ, ମହାଭାରତ, ତଅପୋଇ, ନୃସିଂହ ପୁରାଣ, ହରିବଂଶ, ଲକ୍ଷ୍ମୀପୂଜା ପଢ଼ିଥିଲେ। ଧର୍ମ ପୁସ୍ତକ ପଢ଼ିଲେ ଉତ୍ତମ ଭୋଜନ ମିଳୁଥିବାରୁ ସେ ଏସବୁ ବାରମ୍ବାର ପଢୁଥିଲେ। ଶ୍ରୀକୃଷ୍ଣ, ହନୁମାନ, ଭୀମ, ଅର୍ଜ୍ଜୁନ ଥିଲେ ତାଙ୍କର ଅତି ପ୍ରିୟ ପୌରାଣିକ ଚରିତ୍ର। ସ୍କୁଲରେ ପଢ଼ିବା ବେଳେ ସେ ଏକ ଗପ ଲେଖିଥିଲେ। ତାହା ସ୍କୁଲ ପତ୍ରିକା ଛାତ୍ରବନ୍ଧୁରେ ପ୍ରକାଶିତ ହୋଇଥିଲା। ମେଡ଼ିକାଲ ପଢ଼ା ସାରି ବ୍ୟାଧିଗ୍ରସ୍ତ ହୋଇ ଘରେ ବସିବା ବେଳେ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା। ପ୍ରଥମେ ଲେଖିଥିଲେ କବି ଲଢ଼େଇ ନାମକ ପଦ୍ୟ। ସେଇଟି ପ୍ରକାଶିତ ହୋଇଥିଲା ଡଗରରେ। ମେଡ଼ିକାଲରେ ପଢ଼ିବା ବେଳେ ଜଣେ ବନ୍ଧୁ ତାଙ୍କୁ ଫତୁରାନନ୍ଦ ନାମ ଦେଇଥିଲେ। କାଳେ ଜୀବନର ପ୍ରଥମ ପଦ୍ୟ ସମାଲୋଚିତ ହେବ, ଏହି ଭୟରେ ଲେଖକ ଭାବେ ଫତୁରାନନ୍ଦ ନାମଟିକୁ ବ୍ୟବହାର କରିଥିଲେ। ପଦ୍ୟଟି ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ରାମଚନ୍ଦ୍ର ମିଶ୍ର ଫତୁରାନନ୍ଦ ନାମରେ ଲେଖକୀୟ ପରିଚିତି ଲାଭ କରିଥିଲେ। ଡଗର ମୁଦ୍ରଣାଳୟ ଓ ପତ୍ରିକା ସହ ସଂପର୍କ ତଥା କାନ୍ତିକବି ଲକ୍ଷ୍ମୀକାନ୍ତଙ୍କ ପ୍ରେରଣା ତାଙ୍କୁ ବଡ଼ ଲେଖକରେ ପରିଣତ କରିଥିଲା। ଲେଖକ ଜୀବନର ଆଦ୍ୟ ଭାଗରେ ସେ ଅରୁଚିକର ହାସ୍ୟ ପରିବେଷଣ କରି ଭାଣ୍ଡକବି ଭାବେ ଆଖ୍ୟାୟିତ ହୋଇଥିଲେ। ତେବେ ନିତମ୍ବ ବଂଶୀ କବିତାର ପ୍ରକାଶନ ପରେ ନିଜ ଲେଖାରୁ ରୁଚିହୀନତାକୁ ବାଦ ଦେଇଥିଲେ। ଏହି କବିତାରେ ରାଧା, କୃଷ୍ଣଙ୍କୁ ପଚାରୁଛନ୍ତି ହାତ ବଂଶୀ ବହୁତ ଶୁଣିଲିଣି। ବଡ଼ କପଟିଆ ତୁମେ। ନିତମ୍ବ ବଂଶୀ ଦିନେ ହେଲେ ଶୁଣାଇ ନାହଁ। ନ ଶୁଣାଇଲେ ଆଉ କଥା ହେବିନି। ତହୁଁ କୃଷ୍ଣ କହୁଛନ୍ତି ଥୟ ଧର ଆଜି ଅବଶ୍ୟ ଶୁଣାଇବି। ଏହା କହି ସେ ବାୟୁ ସୃଷ୍ଟିକାରୀ ବରା, ପିଆଜି, ପକୁଡ଼ି ଆଦି ପେଟ ପୁରା ଖାଇଲେ। କିଛି ସମୟ ପରେ ବିଭିନ୍ନ ଧ୍ୱନିଯୁକ୍ତ ଅଧୋବାୟୁମାନ ବାହାରିଲା। ଏହି କବିତାକୁ ଯିଏ ବି ପଢ଼ିବ, ହସିବା ସ୍ୱାଭାବିକ। ତେବେ, ଏ ଭଳି କବିତା ନ ଲେଖିବା ପାଇଁ ଦିନେ ହସି ହସି ତାଙ୍କୁ ଉପଦେଶ ଦେଇଥିଲେ ଲକ୍ଷ୍ମୀନାରାୟଣ ସାହୁ। ତାହା ପରଠାରୁ ସେ ରୁଚିହୀନ ବର୍ଜନ କରିଥିଲେ। ୧୯୧୫ ଜୁନ ୧ ତାରିଖରେ କଟକ ଝାଞ୍ଜିରିମଙ୍ଗଳାରେ ଜନ୍ମ ହୋଇଥିଲେ ଫତୁରାନନ୍ଦ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

## ରେଳ ଷ୍ଟେସନରେ ପ୍ରଥମ 'ଷ୍ଟେସନ ପରାମର୍ଶଦାତା କମିଟି' ବୈଠକ



ବାଣପୁର :( ମହାଭାରତ )ରେଳ ଷ୍ଟେସନର ପ୍ରଥମ ଷ୍ଟେସନ ପରାମର୍ଶଦାତା କମିଟି ବୈଠକ ଆଜି ରେଳ ଷ୍ଟେସନ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଷ୍ଟେସନ ମାଷ୍ଟର ଶଙ୍କର ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ରେଳ ବିଭାଗ ପକ୍ଷରୁ ଆରପିଏଫ ଆଇଆଇସି ଜିତେନ୍ଦ୍ର ମୌର୍ଯ୍ୟ, ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଅନ୍ତେସ ମିନା,ମୁଖ୍ୟ ବାଣିଜ୍ୟ ନିରୀକ୍ଷକ ବ୍ରହ୍ମପୁର ସର୍କଲ ମୋହନ ଚନ୍ଦ୍ର ବେହେରା,ବରିଷ୍ଠ ଅନୁଭାଗ ଯନ୍ତ୍ରୀ ରବୀନ୍ଦ୍ରନାଥ ମହାପାତ୍ର,କନିଷ୍ଠ ବିଦ୍ୟୁତ ଯନ୍ତ୍ରୀ ଗଗନ ଚରଣ ସ୍ୱାଇଁ,ଦୂରସଂଚାର କର୍ମଚାରୀ ଚନ୍ଦ୍ର ଶେଖର ପାତ୍ର, ମୁଖ୍ୟ ଟିକେଟ ନିରୀକ୍ଷକ ରାଜେଶ କୁମାର, ମୁଖ୍ୟ ବାଣିଜ୍ୟ ସୁପରଭାଇଜର ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ସୁପରଭାଇଜର ଏବଂ ଷ୍ଟେସନ ପରାମର୍ଶଦାତା କମିଟି ସଭ୍ୟ ଯଥା ପ୍ରଫୁଲ୍ଲ କୁମାର ମାନସିଂହ,ସୀତାରାମ ଅଗ୍ରୱାଲ, ଡ଼ା ଯୋଗେନ୍ଦ୍ରନାଥ ସେନାପତି,ମୁରଲୀଧର ସାମନ୍ତସିଂହାର ଏବଂ ରବୀନ୍ଦ୍ର ପ୍ରଧାନ ଆଦି ଯୋଗଦେଇଥିଲେ। ଉକ୍ତ ବୈଠକରେ ବାଲୁଗାଁ ରେଳ ଷ୍ଟେସନର ଉନ୍ନତି ଏବଂ ପାସେଞ୍ଜର ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ରେଳ ବିଭାଗ ଅଧିକାରୀମାନଙ୍କୁ ଷ୍ଟେସନ ପରାମର୍ଶଦାତା କମିଟିର ସଦସ୍ୟମାନେ ଅବଗତ କରାଇଥିଲେ ଏବଂ ସେଗୁଡିକର ଯଥାଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଥିଲେ ।ଖୋର୍ଦ୍ଧା ରୋଡ ରେଳ ଡିଭିଜନ ଅଧୀନରେ ଆସୁଥିବା ବାଲୁଗାଁ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ହୋଇଥିବା ବେଳେ ଏଠାରେ ପାସେଞ୍ଜର ଙ୍କ ପାଇଁ ବିଭିନ୍ନ ସୁବିଧା ଯଥା ସବୁ ପ୍ଲାଟଫର୍ମ ରେ କୋଚ ଇଣ୍ଡିକେଟର ବୋର୍ଡ଼ ସ୍ଥାପନ, ସବୁ ପ୍ଲାଟଫର୍ମ କୁ ପୂର୍ଣ୍ଣ ସେଡ଼ କରିବା,ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗମାନଙ୍କ ସୁବିଧା ନିମନ୍ତେ ଏକ୍ସପ୍ରେସ ଟ୍ରେନ ଗୁଡିକ ୨ ନମ୍ବର ପ୍ଲାଟଫର୍ମ ବଦଳରେ ୧ ନମ୍ବର ପ୍ଲାଟଫର୍ମ ରେ ରହିବା, ଷ୍ଟେସନ ପରିସରରେ ସିସିଟିଭି ଲଗାଇବା,ଫୁଡ ପ୍ଲାଜା ଖୋଲିବା, ସାପ୍ତାହିକ ସ୍ୱାସ୍ଥ୍ୟ ପରୀକ୍ଷାଗାରକୁ ନିୟମିତ କରିବା, ଜିଆରପି ବିଟ ହାଉସ କୁ ଫାଣ୍ଡିରେ ପରିଣତ କରିବା, ଆଉ ଏକ ପାଦ ଚଲା ବ୍ରିଜ ନିର୍ମାଣ, ପ୍ଲାଟଫର୍ମରେ ଲିଫ୍ଟ ସ୍ଥାପନ, ପାର୍ସଲ ବୁକିଙ୍ଗ ବ୍ୟବସ୍ଥା, ଗରିବ ରଥ ସମେତ ଏକାଧିକ ଦ୍ରୁତଗାମୀ ଟ୍ରେନ ରହଣି ଏବଂ ଟିକେଟ ନିରୀକ୍ଷକ ମାନେ ଯାତ୍ରୀଙ୍କୁ ଉଚିତ ବ୍ୟବହାର ଦେଖାଇବା ଆଦି ବିଷୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ କମିଟି ସଦସ୍ୟ ମାନେ ରେଳ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଉକ୍ତ ସମସ୍ୟା ମଧ୍ୟରୁ କିଛି ସମସ୍ୟା ଆସନ୍ତା ୩ ମାସ ମଧ୍ୟରେ ପୂରଣ ହେବ ଏବଂ ଅନ୍ୟ କିଛି ସୁବିଧା ପ୍ରଦାନ ଦିଗରେ ପୁର୍ବରୁ କାର୍ଯ୍ୟ ଜାରି ରହିଥିବା ଅଧିକାରୀ ମାନେ କହିଥିଲେ ।ସେହିପରି ଭାବେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକୁ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦିଆଯିବ ବୋଲି କମିଟି ଅଧ୍ୟକ୍ଷ ତଥା ଷ୍ଟେସନ ମାଷ୍ଟର ଶ୍ରୀ ନାୟକ କହିଛନ୍ତି।

## ଧାର୍ଯ୍ୟଲକ୍ଷ୍ୟଠୁ ଦୂରରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ
# ତିନୋଟି ରୁ ଖୋଲିଛି ଗୋଟିଏ ଟନେଲ୍



ଦଶପଲ୍ଲା, ( ମହାଭାରତ ) : ବହୁ ପ୍ରତୀକ୍ଷିତ ଖୋର୍ଦ୍ଧାରୋଡ୍- ବଲାଙ୍ଗୀର ରେଳ ପ୍ରକଳ୍ପକୁ ନେଇ ଏବେ ନାନା ଚର୍ଚ୍ଚା ଓ ଆଲୋଚନା ଲାଗି ରହିଥିବା ବେଳେ ଏହି ପ୍ରକଳ୍ପ କାର୍ଯ୍ୟ କେବେ ଶେଷହେବ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଖୋର୍ଦ୍ଧା ରୋଡ଼ ଠାରୁ ଦଶପଲ୍ଲାକୁ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ଆଗକୁ କେବେ ଗଡ଼ିବ ରେଳ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଡ଼କଥା ହେଉଛି, ଦଶପଲ୍ଲାର ପରବର୍ତ୍ତୀ ଷ୍ଟେସନ ବୁଗୁଡ଼ା ଠାରେ ହେବ ହେଲେ ଏପର୍ଯ୍ୟନ୍ତ ଷ୍ଟେସନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନି। ଦଶପଲ୍ଲାରୁ ଏହି ଷ୍ଟେସନ ପର୍ଯ୍ୟନ୍ତ ପ୍ରାୟ ୧୫ କିମି ରାସ୍ତା ମଧ୍ୟରେ ଦୁଇଟି ଟନେଲ୍ ରହିଛି। ଗୋଟିଏର ବାଟ ଫିଟିଥିବା ବେଳେ ଆଉ ଗୋଟିଏ ଟନେଲ କାର୍ଯ୍ୟ ଚାଲୁ ରହିଛି। ଦଶପଲ୍ଲା ଠାରୁ ଜାମୁସାହି ମଧ୍ୟରେ ରହିଥିବା ୫୧୯୫ ମିଟର ବା ୫ କିମି ୧୯୫ ମିଟର ଲମ୍ବର ୩ ଟି ଟନେଲ ମଧ୍ୟରୁ ୮ ଶହ ମିଟରର ପ୍ରଥମ ଟନେଲ ବାଟ ଫିଟିଛି। ଏହା ମଧ୍ୟରେ ଦ୍ୱିତୀୟ ଟନେଲଟି ୧୭୭୫ ମିଟର ରହିଛି। ଏହି ଦ୍ୱିତୀୟ ଟନେଲ ବାଟ ଫିଟିବା ପରେ ବୁଗୁଡ଼ା ଷ୍ଟେସନ ପର୍ଯ୍ୟନ୍ତ ପଥ ପରିଷ୍କାର ହେବ ହେଲେ ଏହି ପ୍ରକଳ୍ପ କାର୍ଯ୍ୟରେ ମନ୍ଥରତା ଦେଖିବାକୁ ମିଳିଛି। କେଉଁଠି ଜମି ଅଧିଗ୍ରହଣ ବାଧକ ଉପୁଜୁଛି ତ ପୁଣି କେଉଁଠି ବିସ୍ଥାପିତଙ୍କ ପ୍ରତିବାଦ ବାଧକ ସାଜୁଛି। ଅନେକ ସ୍ଥାନରେ ମାଟି ପଡ଼ି ନଥିବା ବେଳେ ବିସ୍ଥାପିତଙ୍କ ସମସ୍ୟା ସୁଧାରିବା ପାଇଁ ତହସିଲ ପକ୍ଷରୁ ଧୀରେ ଧୀରେ ପଟ୍ଟା ପ୍ରଦାନ କରାଯାଉଛି। ସେହିଭଳି ତୃତୀୟ ଟନେଲଟି ବୁଗୁଡ଼ା ଠାରୁ ଜାମୁସାହି ମଧ୍ୟରେ ୨୬୨୦ ମିଟର ଲମ୍ବ ରହିଛି। ଏହି ଟନେଲ୍ କାର୍ଯ୍ୟ ଶେଷ ହେଲେ ନୟାଗଡ଼ ଓ ବୌଦ୍ଧ ମଧ୍ୟରେ ଯୋଗା ଯୋଗର ବାଟ ଫିଟି ପାରିବ। ୩୦୧ କିମି ବିଶିଷ୍ଟ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮୩ କିମି ରେଳ ଲାଇନ୍ କାର୍ଯ୍ୟକ୍ଷମ ହୋଇ ପାରିଛି। ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଉଥିବା ବେଳେ ବାସ୍ତବରେ ଆଶାତୀତ ଭାବେ କାର୍ଯ୍ୟ ଅଗ୍ରଗତି ହୋଇ ପାରୁନଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ ଉଠାଇଛନ୍ତି। ଏପଟେ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କ କହିବା ଅନୁଯାୟୀ, ଯେଉଁଠି ସମସ୍ୟା ରହିଛି ସେସବୁକୁ ସୁଧୁରା ଯାଇଛି। ବିସ୍ଥାପିତଙ୍କୁ ଜାଗା ଯୋଗାଇ ଦେବାସହ ପଟ୍ଟା ବଣ୍ଟନ କରାଯାଉଥିବା କହିଛନ୍ତି। ତେବେ ୨୦୨୬ ଜାନୁଆରି ସୁଦ୍ଧା ଖୋର୍ଦ୍ଧା ରୋଡ୍ ଠାରୁ ବଲାଙ୍ଗୀର ପର୍ଯ୍ୟନ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ବେଳେ ଏହା କେତେ ଦୂର ସମ୍ଭବ ହୋଇପାରୁଛି ତାହା ଦେଖିବାକୁ ବାକି ରହିଲା।

## ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ
# 'ସବୁ ବର୍ଗର ଲୋକ ଏକାଠି ହେଲେ ବାଲ୍ୟବିବାହ ହଟିବ'




ନୟାଗଡ଼, ( ମହାଭାରତ ) : ରାଜ୍ୟରେ ବାଲ୍ୟବିବାହ ଏକ ବ୍ୟାଧିରେ ପରିଣତ ହୋଇଥିବା ବେଳେ ନୟାଗଡ଼ ଜିଲ୍ଲା ଏଥିରୁ ବାଦ୍ ପଡ଼ିନି। ବାଲ୍ୟବିବାହ ରୋକିବାକୁ ବିଭିନ୍ନ ସଂଗଠନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଥିଲେ ମଧ୍ୟ ସଚେତନତା ଅଭାବରୁ ଏବେବି ବିଭିନ୍ନ ସ୍ଥାନରେ ବାଲ୍ୟବିବାହ ହେଉଛି। ନୟାଗଡ଼ ଜିଲ୍ଲାପାଳଙ୍କ ସଭାବନା ଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନର ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଅର୍ଚ୍ଚନା କଅଁର, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ କିଶୋର ଚନ୍ଦ୍ର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିୟନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶନୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଗଣିଆ ଉନ୍ନୟନ ପରିଷଦର ଅଧ୍ୟକ୍ଷା ଉଷା ପଟ୍ଟନାୟକ ଯୋଗ ଦେଇ ବାଲ୍ୟବିବାହ ଉପରେ ନିଜ ନିଜର ମତ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ସିଡିପିଓ, ସୁପରଭାଇଜର, ସ୍ୱୟଂସହାୟକ ଗୋଷ୍ଠୀର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ ସମାଜରୁ ସମୂଳ ଉତ୍ପାଟନ କରିବା ପାଇଁ ସବୁବର୍ଗର ଲୋକଙ୍କୁ ଏକାଠି ହୋଇ କାମ କରିବା ନିମନ୍ତେ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବାଲ୍ୟବିବାହକୁ ପ୍ରତିରୋଧ କରିଥିବା ଦୁଇଜଣ ଶିଶୁକନ୍ୟାଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରି କହିଥିଲେ ଯେ ଏହି ଦୁଇଝିଅଙ୍କ ପରି ଅନ୍ୟମାନେ ବାଲ୍ୟବିବାହ ବିରୋଧରେ ଏକାଠି ହେଲେ ଆଗାମୀ ଦିନରେ ଆମେ ବାଲ୍ୟବିବାହ ମୁକ୍ତ ଭାରତ ନିଶ୍ଚୟ ଗଢ଼ିପାରିବା। ଆଜି ପୂର୍ବାହ୍ନରେ ଲାଠିପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଶପଥ ପାଠ କରାଯାଇଥିଲା। ସନ୍ଧ୍ୟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ମହମବତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ଓ ଗଣିଆ ଉନ୍ନୟନ ପରିଷଦ ମିଳିତ ଭାବେ ଆୟୋଜନ କରିଥିଲେ। ଗଣିଆ ଉନ୍ନୟନ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା ଅନୁଷ୍ଠାନର ଅଧିକାରୀ ସତ୍ୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଦକ୍ଷତା ବିକାଶ ମିଶନ ଏବଂ ଜିଲ୍ଲା କୌଶଳ କମିଟି ବୈଠକ

ନବରଙ୍ଗପୁର (ମହାଭାରତ): ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ର ନିର୍ଦ୍ଦେଶ ଅନୁଯାୟୀ ଆଜି ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିୟୋଜନ ସଂସ୍ଥା ତରଫରୁ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ଓ କୌଶଳ କମିଟି ର ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ଦକ୍ଷତା ବିକାଶ କର୍ମ ନିୟୋଜନ ସଂସ୍ଥା କାର୍ଯ୍ୟକ୍ରମକୁ ସମୀକ୍ଷା କରିବା ସହିତ ଶକ୍ତି ସଦନ ସ୍ୱଧାର ଗୃହ ରେ ଥିବା ପୀଡ଼ିତା ମହିଳା,ଅନାଥ ଓ ବାଲ୍ୟବିବାହ ରୁ ଉଦ୍ଧାର ହୋଇଥିବା କିଶୋରୀ ମାନଙ୍କୁ କୌଶଳ ଭିତିକ ଶିକ୍ଷା ମାଧ୍ୟମରେ ଆତ୍ମ ନିର୍ଭରଶିଳ କରାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି । ବୈଠକର ପ୍ରାରମ୍ଭ ରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲାଇ ଜିଲ୍ଲାରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତଫରୁ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଯୁବକ ଯୁବତୀ ମାନଙ୍କୁ କରାଯାଇଥିବା ନିଯୁକ୍ତି ଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କର ନୂତନ ନିଯୁକ୍ତି ଓ ନିୟୋଜନ ର ଯୋଜନା ଗୁଡିକ ଉପରେ ସବିଶେଷ ବିବରଣୀ ଉପସ୍ଥାପନା କରିଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦରୁଆନ ଜିଲ୍ଲାରେ ଥିବା ପରିତକ୍ତା ମହିଳା , ବାଲ୍ୟବିବାହ ରୁ ଉଦ୍ଧାର କିଶୋରୀ , ବିଚାରାଧିନ କାରାଗାର ଅନ୍ତେବାସୀ ଓ ଯୁବକ ଯୁବତୀ ମାନଙ୍କୁ ଦକ୍ଷତାଶିକ୍ଷା ଅର୍ଜନ କରାଇ ,ସେମାନେ ଯେଭଳି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହେବେ ତା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିୟୋଜନ ଅଧିକାରୀ ଜିଲ୍ଲା ରେ ଦକ୍ଷତା ବିକାଶ ରେ ଚାଲିଥିବା ବିଭିନ୍ନ ଯୋଜନା ଶ ନୂତନ ପ୍ରଚଳିତ ଆଇ ଟି ଆଇ, ପଲିଟେକନିକ୍, ଅନ୍ୟାନ୍ୟ ବୈଷୟିକ ଶିକ୍ଷା ଲାଭ କରିଥିବା ବେକାର ଯୁବକ ଯୁବତୀ ପାଇଁ ନାନୋ ୟୁନିକର୍ଣ୍ଣ, ଉଚ୍ଚ ଶିକ୍ଷା ଓ ଅଧିକ ଜ୍ଞାନ ପାଇଁ ଇ□ର୍ନସିପ ଆର୍ଥିକ ସହାୟତା,ଯୁବତୀ ମାନଙ୍କ ଦକ୍ଷତା ବିକାଶ ପାଇଁ ସୁଦକ୍ଷା ଯୋଜନା , ଇଣ୍ଡୋ ଜାପାନ ସଂପର୍କ ଅନ୍ତର୍ଗତ ଜାପାନ ଦେଶରେ ନର୍ସ ଚାକିରି ଉପରେ ପିପିଟି ମାଧ୍ୟମରେ ସୁଚନା ଦେଇଥିଲେ। ଓଡିଶା ନଲେଜ କୋପରେସନ ଲିମିଟେଡ, ଅରିସ୍କ ସିକୁରୀଟି ଲିମିଟେଡ ଆଦି ସଂସ୍ଥା ଉପସ୍ଥିତ ଥାଇ ସେମାନଙ୍କ ର ପ୍ରକଳ୍ପରେ ଥିବା କାର୍ଯ୍ୟକ୍ରମ ଗୁଡିକୁ କମିଟି ସମ୍ମୁଖ ରେ ଉପସ୍ଥାପନା କରିବା ସହ ଜିଲ୍ଲାରେ ବେକାର ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବିକାଶ ପାଇଁ ନେଇଥିବା ପଦକ୍ଷେପ କୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର , ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ,ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡ଼ୁ , ଓରମାସ ଡେପୁଟି ସିଓ ଉମା ମହେଶ ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ଓ ଜିଲ୍ଲାର ସମସ୍ତ ଆଇ.ଟି.ଆଇ ଏବଂ ପଲିଟେକନିକ ମହାବିଦ୍ୟାଳୟ ର ଅଧକ୍ଷମାନେ ଜିଲ୍ଲା କୌଶଳ ଭିତିକ ଶିକ୍ଷା ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ପରାମର୍ଶ ମାନ ଦେଇଥିଲେ। ଶେଷରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ସହ ଅଧିକାରୀ ଶୁଭମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଆଡିସନାଲ ଷ୍ଟାଡିଙ୍ଗ କାଉନ୍ସିଲର ଭାବେ ନିଯୁକ୍ତ ହେଲେ ଜୟନ୍ତ କୁମାର ଖଣ୍ଡାୟତରାୟ

ଟାଙ୍ଗୀ(ମହାଭାରତ): ଆଡଭୋକେଟ ଜୟନ୍ତ କୁମାର ଖଣ୍ଡାୟତରାୟ ଓଡିଶା ହାଇକୋର୍ଟ ରେ ନୂତନ ଆଡିସନାଲ ଷ୍ଟକ୍ଷଡିଙ୍ଗ କାଉନ୍ସିଲର ଭାବେ ନିଯୁକ୍ତ ହୋଇଛନ୍ତି । ରାଜ୍ୟ ସରକାରଙ୍କର ଆଇନ ବିଭାଗ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଛନ୍ତି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡି ଗ୍ରାମ ପଞ୍ଚାୟତ ଭଜାଗଡ ଗ୍ରାମର ଯୁଧିଷ୍ଠିର ଖଣ୍ଡାୟତରାୟ ଙ୍କର ପୁତ୍ର ଶ୍ରୀ ଜୟନ୍ତ କୁମାର ଖଣ୍ଡାୟତରାୟ। ଦୀର୍ଘ ୨୮ ବର୍ଷ ରୁ ଅଧିକ ବର୍ଷ ହେଲା ଓଡିଶା ହାଇକୋର୍ଟରେ ଓକିଲାତି ଅଧବସାୟ କରି ଆସୁଛନ୍ତି। ଗତ ୩୧.୧୦.୨୦୨୪ ରେ ରାଜ୍ୟ ସରକାରଙ୍କ ର ଆଇନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ଖଣ୍ଡାୟତରାୟ ଙ୍କୁ ଆଡିସନାଲ ଷ୍ଟାଣ୍ଡିଂ କାଉନ୍ସିଲର ଭାବେ ଅନ୍ୟ ମାନଙ୍କ ସହିତ ନିଯୁକ୍ତି ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଶ୍ରୀ ଖଣ୍ଡାୟତରାୟ ଙ୍କର ଦୀର୍ଘ ଓକିଲାତି ସମୟ ମଧ୍ୟରେ ଏହା ପୂର୍ବରୁ ୨୦୦୫ ରୁ ୨୦୧୫ ମସିହା ପର୍ଯ୍ୟନ୍ତ ହାଇକୋର୍ଟ ରେ କେନ୍ଦ୍ର ସରକାରଙ୍କର କାଉନ୍ସିଲ (ସି. ଜି. ସି) ଓ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ( ବେ□ ରେ ଆଡିସନାଲ ସେଣ୍ଟ୍ରାଲ ଗମେ□ ଷ୍ଟାଣ୍ଡିଂ କାଉନ୍ସିଲ ୨୦୧୦-୨୦୧୪ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି ।

## କରଞ୍ଜିଆ ଓ଼ ଠାକୁରମୁଣ୍ଡା ବ୍ଲକ ରେ ପାନୀୟ ଜଳ ସଙ୍କଟ ନେଇ ବିଧାନସଭା ରେ ପ୍ରଶ୍ନ ଉଠାଇଲେ ବିଧାୟକ

କରଞ୍ଜିଆ, (ମହାଭାରତ) କରଞ୍ଜିଆ ନିର୍ବାଚନ ମଣ୍ଡଳୀ ର କରଞ୍ଜିଆ ଓ଼ ଠାକୁରମୁଣ୍ଡା ବ୍ଲକ ଅଞ୍ଚଳ ରେ ପାନୀୟ ଜଳ ସଙ୍କଟ କୁ ନେଇ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ହରଘର ନଳ, ହରଘର ଜଳ ସ୍କିମ ରେ କେତେ ଗ୍ରାମରେ କିଭଳି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ବୋଲି ଏକ ତାରକା ପ୍ରଶ୍ନ କରିଥିବାର ଜଣାଯାଇଛି ଗତ ୨୬ ତାରିଖ ଚଳିତ ବିଧାନସଭା ଅଧିବେଶନ ଆରମ୍ଭ ଦିନ ବିଧାୟକ ହାଇବ୍ରୁରୁ କରିଥିବା ତାରକା ପ୍ରଶ୍ନ ଅନୁସାରେ ଏହି ଦୁଇଟି ବ୍ଲକ ଅଞ୍ଚଳ ରେ କେତେଗୋଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି, ଆଉ କେତେ ଗୋଟି କାର୍ଯ୍ୟକ୍ଷମ ନାହିଁ ଏବଂ ସରକାର ଏଥିପାଇଁ କି ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ । ଉତ୍ତରରେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ, ଏହି ଦୁଇ ବ୍ଲକ ରେ ୨୮୬୨ ଗୋଟି ସଚଳ ନଳକୂପ କାର୍ଯ୍ୟକ୍ଷମ ଥିବାବେଳେ ୧୩୩ ଗୋଟି ଏକକ / ଏକାଧିକ ଗ୍ରାମ ରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ଅଛି ବୋଲି ପ୍ରକାଶ କରିଥିଲେ । ଏହାଛଡା ୭୬ ଗୋଟି ଏକକ /ଏକାଧିକ ଗ୍ରାମରେ ପାଇପ ଯୋଗେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣଧୀନ ଥିବାବେଳେ ସେଗୁଡିକ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ଏବଂ ୨୦୨୫ ଜୁନ ମାସ ସୁଦ୍ଧା ଏହିସବୁ ଗ୍ରାମରେ ଲୋକ ମାନେ ପାନୀୟ ଜଳ ପାଇପାରିବେ । ଏତଦବ୍ୟତୀତ ଏହି ଦୁଇ ବ୍ଲକ ର ବିଭିନ୍ନ ଗ୍ରାମ ନିମନ୍ତେ ୪୭୭ ଗୋଟି ସୌର ଶକ୍ତି ଚଳିତ ପାଇପ ଜଳ ଯୋଗାଣ ପ୍ରକଳ୍ପ ଅନୁମୋଦିତ ହୋଇ ଥିବାବେଳେ ସେଥିମଧ୍ୟରୁ ୨୮୨ ଗୋଟି ପ୍ରକଳ୍ପ ର କାର୍ଯ୍ୟ ଶେଷ ହୋଇଅଛି ଏବଂ ଅବଶିଷ୍ଟ ୧୯୫ ଗୋଟି ପ୍ରକଳ୍ପ ର କାର୍ଯ୍ୟ ଆସନ୍ତା ୨୦୨୫ ଜୁନ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ବୋଲି ଲକ୍ଷ ରଖାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ଏହି ସବୁ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବା ପରେ ଉପଯୁକ୍ତ ଗୁଣବ□। ସମ୍ପନ୍ନ ପାନୀୟ ଜଳ ଏହି ଦୁଇ ବ୍ଲକ ର ୨୦୨୫ ଜୁନ ମାସ ସୁଦ୍ଧା ଲୋକେ ପାଇପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

## ଡ଼ିସେମ୍ବର ୧ରେ 'ନୂଆ ଜହ୍ନ ଉଇଁଛି'ର ପାଠକାର୍ପଣ

କେନ୍ଦ୍ରାପଡା,(ମହାଭାରତ): ସମକାଳୀନ ଉଭୟ ଓଡ଼ିଆ କଥା ଓ କବିତା କ୍ଷେତ୍ରରେ ସ୍ୱକୀୟ ସ୍ୱତନ୍ତ୍ର ପରିଚୟ ସହ ଅସାମାନ୍ୟ ପ୍ରତିଷ୍ଠା ଅର୍ଜନ କରିଥିବା ବିରଜା ରାଉତରାୟଙ୍କ ପଞ୍ଚମ କବିତା ସଙ୍କଳନ 'ନୂଆ ଜହ୍ନ ଉଇଁଛି' ଆସନ୍ତା ୧ ଡ଼ିସେମ୍ବର ରବିବାର ଦିନ ଏକକାଳୀନ ଭାବେ କେନ୍ଦ୍ରପଡ଼ାର ଦୁଇ ସାରସ୍ୱତ ଉତ୍ସବରେ ପାଠକାର୍ପିତ ହେବ। ଉକ୍ତ ଦିବସର ପ୍ରଥମେ ଦିବା ଅଧିବେଶନରେ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ଅନୁଷ୍ଠିତ 'ରାକମ୍ -୨୦୨୪' ସାହିତ୍ୟ ଉତ୍ସବ ଏବଂ ଅପରାହ୍ନରେ ସହରର ମାଧପୁରସ୍ଥିତ ଅମର ଉଦ୍ୟାନଠାରେ ଆୟୋଜିତ ହେବାକୁଥିବା 'ପୁନର୍ବାସ ସୃଜନ ସମ୍ମାନ ଉତ୍ସବ-୨୦୨୪'ରେ ଓଡ଼ିଆର ବରେଣ୍ୟ ସାରସ୍ୱତ ସାଧକମାନଙ୍କ ଦ୍ୱାରା ପାଠକାର୍ପିତ ହେବ। ରାଜ୍ୟର ଅଗ୍ରଣୀ ପୁସ୍ତକ ପ୍ରକାଶନ ସଂସ୍ଥା 'ଆଦିତ୍ୟ ଭାରତ' ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି କବିତା ସଂକଳନରେ ୩୨ ଗୋଟି ମନୋଜ୍ଞ କବିତା ସନ୍ନିବେଶିତ ହୋଇଛି। ୨୦୧୫ ମସିହାରେ ବିରାଜାଙ୍କ 'ଅଭିଷେକ ହୃଦୟର' କବିତା ସଂକଳନ ପ୍ରକାଶର ଦୀର୍ଘବର୍ଷ ପରେ ତାଙ୍କର ଏହି କବିତା ସଙ୍କଳନଟି ପ୍ରକାଶ ପାଇବାକୁ ଯାଉଛି।

## 'ଭାରତରେ ମାନବିକ ଅଧିକାର' ଆଲୋଚନାଚକ୍ର

ବେଗୁନିଆ, (ମହାଭାରତ): ବେଗୁନିଆ ମହାବିଦ୍ୟାଳୟ ରାଜନୀତି ବିଭାଗ ପକ୍ଷରୁ 'ଭାରତରେ ମାନବିକ ଅଧିକାର ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରାଧାପକ ପଙ୍କଜ କୁମାର କର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅର୍ଥନୀତି ବିଭାଗର ପ୍ରାକ୍ତନ ମୁଖ୍ୟ ବ୍ରଜେନ୍ଦ୍ର କୁମାର ପାଲଟାସିଂ ଏବଂ ସମ୍ମାନିତ ଅତିଥି ଭାବେ ବିଜୟ ଲକ୍ଷ୍ମୀ ସୁବୁଦ୍ଧି, ସ୍ମିତିମୟୀ ବସନ୍ତିଆ, ଡ. ସତ୍ୟଜିତ୍ ଦାସ, ରୋନାଲିସା ପାତ୍ର ଏବଂ ଦାମୋଦର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଶୀତ ସାଙ୍ଗକୁ ଶୀତ ବସ୍ତ୍ର କିଣିବାକୁ ଗ୍ରାହକଙ୍କ ଭିଡ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ହାଇସ୍କୁଲ ଛକ ନିକଟରେ ବିକ୍ରି ହେଉଛି ଶୀତ ପୋଷକ ଏହା ଋତୁ କାଳୀନ ବ୍ୟବସାୟ ହୋଇ ଥିବାରୁ ଦୁଇ ପଇସା ରୋଜଗାର କରିବା ଆଶାରେ କିଛି ଲୋକ ଶୀତ ବସ୍ତ୍ର ବିକ୍ରି କରୁଛନ୍ତି। ସନ୍ଧ୍ୟା ହେଲେ ଲୋକ ଶୀତବସ୍ତ୍ର କିଣି ବାକୁ ଭିଡ ଜମୁଛିଯଶୀତ ଯେତେ ବଢିବ ବେପାର ସେତେ ଜମିବ ବୋଲି ବେପାରୀ ପ୍ରକାଶ କରିଛନ୍ତି।

## ଜଟଣୀରେ ଖୋଲମଖୋଲା ଭାବେ ଚାଲିଛି ସେକ୍ସ କାରବାର

ଜଟଣୀ(ମହାଭାରତ): ଜଟଣୀ ସହର ହେଉଛି ଏକ ବାଣିଜ୍ୟିକ ପେଣ୍ଠସ୍ଥଳୀ,ଛୋଟ ଠାରୁ ଆରମ୍ଭ କରି ବଡ଼ ବ୍ୟାବସାୟୀମାନେ ମିଳିମିଶି ଏଠାରେ ବ୍ୟାପାର କରିଥାନ୍ତି । ଏଠାରେ ସମସ୍ତ ପ୍ରକାର ଜିନିଷ ଅତି ସୁଲଭ ମୂଲ୍ୟରେ ମିଳିଥାଏ । ସବୁଠାରୁ ବଡ଼ କଥା ହେଲା ଏହା ଏକ ଭାଇଚାରାର ସହର ଓ କିନ୍ତୁ କିଛି ଅସାମାଜିକ ଯୁବକ ଜଟଣୀରେ ନୂଆ ବିଜିନେସ୍ କରିବାରେ ଲାଗିପଡ଼ିଛନ୍ତି ଆଉ ସେମାନଙ୍କ ପାଇଁ ଆଜି ଜଟଣୀ ସହର ବଦନାମ ହେବାକୁ ଯାଉଛି ଓ ରାତାରାତି କୋଟିପତି ହବା ଆଶାରେ କିଛି ଯୁବକ ବର୍ତ୍ତମାନ ଜଟଣୀରେ ଚଳାଇଛନ୍ତି ବେଧଡ଼କ ଆଉ ଖୋଲମଖୋଲା ଭାବେ ସେକ୍ସ କାରବାର ଓ ଗୋଟିଏ ସ୍ଥାନ ନୁହେଁ ଜଟଣୀର ବିଭିନ୍ନ ସ୍ଥାନରେ ଚାଲିଛି ସେକ୍ସ କାରବାର ଓ ଶୁଣିବାକୁ ମିଳୁଛି ଜନୈକ ଜଣେ ଭଦ୍ରବ୍ୟକ୍ତି ନିଜକୁ ସମାଜସେବୀ କହି ବୁଲୁଥିବା ଏହି ରକେଟ ସାମିଲ୍ ଅଛନ୍ତି ବୋଲି କେବଳ ସେତିକି ନୁହେଁ ଶୁଣିବାକୁ ମିଳୁଛି ବଙ୍ଗୀୟ ଯୁବତୀ ମାନଙ୍କୁ ଆଣି ଏଠାରେ ଦେହ ବ୍ୟାବସାୟରେ ନିୟୋଜିତ କରାଯାଇ ମୋଟା ଅଙ୍କର ଲାଭ ଉଠାଉଛନ୍ତି ଓ ତେବେ ଏଠି ସାଧାରଣରେ ଗୋଟେ ପ୍ରଶ୍ନ ଉଙ୍କି ମାରୁଛି କଣ ପାଇଁ ପୋଲିସ୍ ପ୍ରଶାସନ ଚୁପ୍ ହୋଇକି ବସିଛି । କଟକ, ଭୁବନେଶ୍ୱର, ପୁରୀ ମାନଙ୍କରେ ପୋଲିସ୍ ଆକ୍ସନ ମୁଡ୍ ରେ ଥିବା ବେଳେ ଜଟଣୀ ପୋଲିସ୍ କଣ ପାଇଁ ଚୁପ୍ ତାହା ସମସ୍ତଙ୍କୁ ଆଚର୍ଯ୍ୟ କରୁଛି । ଯଦି ଆଗାମୀ ଦିନରେ ପୋଲିସ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ଏହାର ଉଚିତ୍ ଜାବାବ ଦିଆ ଯିବ ବୋଲି ବହୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

## ଜାତୀୟ ସ୍ତରରେ ଚମକିଲା ଓଡିଶା ହକିଦଳ
# ୧୦ ବର୍ଷ ପରେ ୧୭ ବର୍ଷ ବାଳକ ବର୍ଗରେ ସ୍ୱର୍ଣ୍ଣ ପଦକ

ସୁନ୍ଦରଗଡ(ମହାଭାରତ): ୬୮ ତମ ଜାତୀୟ ୧୭ ବର୍ଷ ବାଳକ ବର୍ଗର ହକି ଖେଳ ହରିୟାଣା ରୋହତକ ର ରାଜୀବଗାନ୍ଧୀ ଖେଳପଡ଼ିଆରେ ଗତ ୨୨ ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ଦଳ ତରଫରୁ ସୁନ୍ଦରଗଡର ବାଳକ ମାନେ ଆକର୍ଷଣୀୟ କ୍ରୀଡା ପ୍ରଦର୍ଶନ କରି ଫାଇନାଲରେ ହରିଆଣାକୁ ୩-୧ ଗୋଲରେ ପରାଜିତ କରି ୧୦ବର୍ଷ ପରେ ପୁଣିଥରେ ହକିରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡିଶା ପାଇଁ ଗୌରବ ଆଣିଦେଇଛନ୍ତି । ଏହି ଓଡିଶା ଦଳରେ ସୁନ୍ଦରଗଡ ଜିଲ୍ଲାର ୧୫ ଜଣ ଖେଳାଳୀ ଥିବାରୁ ଏହି ବିଜୟ ଖବର ପ୍ରକାଶିତ ହେବା ପରେ ସୁନ୍ଦରଗଡରେ ଖୁସିର ଲହରି ଖେଳିଯାଇଛି । ପ୍ରକାଶ ଥାଉକି ସୁନ୍ଦରଗଡ ମାଟିରେ ସୁନ୍ଦରଗଡର ଭବାନୀଭବନ ହକି ପଡିଆରେ ରାଜ୍ୟ ସ୍ତରୀୟ ଖେଳ ଆୟୋଜିତ ହୋଇ ଏଠାରୁ ହିଁ ଏହି ଅଭିଯାନ ଆରମ୍ଭ ହୋଇଥିଲା। ବିଜୟୀ ଦଳରେ ଅରମାନ ସରେଙ୍ଗ କ୍ୟାପଟେନ ଥିବାବେଳେ ମନଦୀପ କେର୍କେଟା ଶ୍ରେଷ୍ଠ ସ୍କୋରର,ରୀତିକ ଲାକ୍ରା ମ୍ୟାନଅଫଦି ମ୍ୟଚ,ସୁଦାମ ବାଡା ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ ହୋଇ ଓଡିଶାର ନାଁ ରଖିଛନ୍ତି । ଏହି ଦଳର ତ୍ୱବାବଧାରକ ଭାବେ ଅଜୟ ରାଉତ, ନିରଞ୍ଜନ ମଲ୍ଲିକ,ବଂଶୀଧର ମାହାତୋଙ୍କ ପ୍ରତ୍ୟକ୍ଷ ତ୍ୱବାବଧାନରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ । ଏହି ଜୟ ବାର୍ତ୍ତା ଶୁଣିବା ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା,ଅତିରିକ୍ତ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା,ଜିଲ୍ଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପଧାନ ପ୍ରମୁଖ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଗାମୀ ଦିନ ସୁନ୍ଦରଗଡ ଠାରେ ଏକ ବିଜୟୀ ଦଳକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିବାର ଘୋଷଣା କରିଛନ୍ତି । ପ୍ରକାଶ ଥାଉକି ଝାଡଖଣ୍ଡ ଠାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ରରେଓଡିଶାର ମ୍ୟାନ ସିନିୟର ଦଳ ଚଳିତ ବର୍ଷ ସମାନ ଭାବେ ହରିୟାଣାକୁ ପରାଜିତ କରି ଗୋଲ୍ଡମେଡାଲ ହାସଲ କରିଥିବା ବେଳେ ସେହି ଧାରାରେ ଓଡିଶାର ଜୁନିୟର ୧୭ ବର୍ଷରୁ କମ୍ ବାଳକ ସେହି ହରିୟାଣାକୁ ପରାଜିତ କରି ଚମ୍ପିଆନ ହୋଇ ଓଡିଶା ହକିକୁ ଆଉ ଗୋଟିଏ ପାଦ ଆଗକୁ ନେଇଛନ୍ତି ।

## ଲଡୁଗାଁ ଗ୍ରାମ ପଞ୍ଚାୟତରେ ନିମ୍ନ ମାନର ମାଣ୍ଡିଆ ବଣ୍ଟନ

କୋକସରା,(ମହାଭାରତ): କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଠାରେ ପୁର୍ବରୁ ରାସନ ସାମଗ୍ରୀ ବଣ୍ଟନରେ ବ୍ୟାପକ ଅନିୟମିତତା ଦେଖାଦେଉଥିବା ବେଳେ ଏବେ ନିମ୍ନ ମାନର ମାଣ୍ଡିଆ ବଣ୍ଟନ କରାଯାଉଥିବା ଖାଉଟି ମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ଖାଉଟିଙ୍କୁ ପରିବାର ପିଛା ୯ କେଜି ଲେଖାଏଁ ମାଣ୍ଡିଆ ବଣ୍ଟନ କରାଯାଉଛି । ଉକ୍ତ ମାଣ୍ଡିଆରେ ଅନେକ ଧୁଳି ଗୁଣ୍ଡ ଓ ଅଗାଡ଼ି ସବୁ ରହିଥିବା ଖାଉଟି ମାନେ ପ୍ରକାଶ କରିଛନ୍ତି। ଯାହା ଫଳରେ ଖାଉଟିଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ପୁଣି ପଞ୍ଚାୟତରେ ସଠିକ ସମୟରେ ଖାଉଟିଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଉନଥିବା ଅଭିଯୋଗ ହେଉଛି। ପୁଣି,ଯେଉଁ ରାସନ ସାମଗ୍ରୀ ସବୁ ବଣ୍ଟନ କରାଯାଉଛି ତାହାର ଓଜନ ମଧ୍ୟ ନିର୍ଦ୍ଧାରିତ ଓଜନ ଠାରୁ କମ ରହୁଥିବା ଖାଉଟି ମାନେ ଅଭିଯୋଗ କରିଛନ୍ତି। ବ୍ଲକର ସମସ୍ତ ପଞ୍ଚାୟତରେ ରାସନ ସାମଗ୍ରୀ ବଣ୍ଟନ କରିସାରିଲା ପରେ ଏଠାରେ ଖାଉଟିଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଇ ଥାଏ। ତାହା ପୁଣି ଯୋଗାଣ ସହାୟକଙ୍କ ମନ ମୁତାବକ । ଯାହା ଫଳରେ ଖାଉଟି ମାନେ ଅନେକ ହଇରାଣ ହରକତ ର ଶିକାର ହେଉଛନ୍ତି । ଅନ୍ୟପକ୍ଷେ ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ରାସନ ସାମଗ୍ରୀ ବଣ୍ଟନରେ ସହଯୋଗ କରିବା ପାଇଁ ଯୋଗାଣ ସହାୟକ, ପିଅନ, ରାତ୍ର ଜଗୁଆଳି ତଥା ବେଳେ ବେଳେ ପିଇଓ ରହିଥାନ୍ତି। ହେଲେ, ଦୀର୍ଘ ବର୍ଷ ହେବ ଲଡୁଗାଁ ପଞ୍ଚାୟତରେ ରାସନ ସାମଗ୍ରୀ ବଣ୍ଟନ କରାଯିବା ପାଇଁ ଯୋଗାଣ ସହାୟକ ୫ ରୁ ୬ ଜଣ ଲୋକଙ୍କୁ ନିଯୁକ୍ତ କରିଥାଆନ୍ତି । ପୁଣି ତାବାହାରେ ପଞ୍ଚାୟତର ୱାର୍ଡ଼ ସଭ୍ୟ ସଭ୍ୟା ମଧ୍ୟ ରାସନ ସାମଗ୍ରୀ ଦେଲାବେଳେ ଉପସ୍ଥିତ ରହିଥାନ୍ତି । ତେବେ ବୁଦ୍ଧିଜିବୀ ମହଲରେ ପ୍ରଶ୍ନ ଉଠିଛି ଯେ ଏତେ ଗୁଡ଼ାଏ ଲୋକଙ୍କୁ ରାସନ ସାମଗ୍ରୀ ଦେଲାବେଳେ ନିଯୁକ୍ତ କରାଯାଇଛି ମାନେ ଏମାନଙ୍କୁ ପାରିଶ୍ରମିକ ନିଶ୍ଚିତ ଭାବରେ ଦିଆଯାଉଛି। ନହେଲେ ପଞ୍ଚାୟତ କାମ ତ କେହି ମାଗଣାରେ କରିବେ ନାହିଁ। ଏହି ବିଷୟରେ କୋକସରା ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ ଙ୍କୁ ଫୋନ ଯୋଗେ ବାର୍ତ୍ତାଳାପ କରିବା ପାଇଁ ବାରମ୍ବାର ପ୍ରୟାସ କରିଥିଲେ ମଧ୍ୟ କୌଣସି ଉ□ର ମିଳିପାରିନଥିଲା । ତେବେ ଖାଉଟିଙ୍କୁ ଉଚିତ ମାନର ମାଣ୍ଡିଆ ବଣ୍ଟନ କରାଯିବା ସହ ସଠିକ ଭାବରେ ମାପ ତୋଲ କରାଯିବା ପାଇଁ ଖାଉଟି ମାନେ ଦାବୀ କରିଛନ୍ତ।

## ଘଟଗାଁ ବ୍ଲକ ରୁଟିଶିଳା ଗ୍ରାମରେ ପାୟୋନିୟର କମ୍ପାନୀ ପକ୍ଷରୁ ଧାନ ଅମଳ ଦିବସ ପାଳିତ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ରୁଟିଶିଳା ପଞ୍ଚାୟତ ଅନ୍ତର୍ଗତ ଆଙ୍କଲପଡା ଗ୍ରାମରେ ପାୟୋନିୟର କମ୍ପାନୀ ପକ୍ଷ ରୁ ୨୭ ପି ୩୭ ଧାନ ଫସଲ ଅମଳ ଦିବସ ପାଳିତ ହୋଇଛି । ଏହି ଦିବସ ରେ କେନ୍ଦୁଝର ଜିଲ୍ଲା କ୍ଷେତ୍ରୀୟ ନିହାର ରଞ୍ଜନ ଦାଶ ତତ୍ୱବୋଧାନ ରେ ଚାଷୀ ଭାଇ ଭଉଣୀ ମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । ସୁଷମ ସାର ଓ କୀଟନାଶକ ପ୍ରୟୋଗ କଲେ ଧାନ ରେ କିପରି ରୋଗ ପୋକ ନିୟନ୍ତ୍ରଣ ହୋଇପାରିବ ଏନେଇ ବିସ୍ତୃତ ଭାବେ ବୁଝାଇବା ସହ ଆଲୋଚନା ହୋଇ ଥିଲା । ଏହି ୨୭ପି୩୭ ଧାନ ଚାଷ ର ଗୁଣାତ୍ମକ କ୍ରପ୍ କଟିଂ ରୁ ଜଣାଗଲା ଯେ ଗୋଟେ ଏକର ଧାନ ଚାଷ ଜମି ରୁ ୩୭କୁଇଣ୍ଟାଲ ଧାନ ଅମଳ ହୋଇ ଛି । ଏହି ଧାନ ଫସଲ ଅମଳ ଦିବସ ପାଳିତ କାର୍ଯ୍ୟକ୍ରମ ରେ ରୁଟିଶିଳା ପଞ୍ଚାୟତ ର ଶତାଧିକ ଚାଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ଏମ୍ ଡି ଆର ସୁରେନ୍ଦ୍ର କୁମାର ମହାନ୍ତ ପରିଚାଳନା କରିଥିବା ବେଳେ ଅଗ୍ରଣୀ ଚାଷୀ ଭାବେ ଈଶ୍ୱର ନାଏକ,ରଞ୍ଜନ କୁମାର ନାଏକ,ପ୍ରମିଳା ନାଏକ, ନାଏକ,ଗନ୍ଧା ନାଏକ କାର୍ଯ୍ୟକ୍ରମ କୁ ସଂପୂର୍ଣ୍ଣ ସହଯୋଗ କରିଥିଲେ।

## ଚାଷୀଙ୍କ ଧାନ କିଣା ପାଇଁ ସଚେତନ ବୈଠକ

ଦେବଗଡ଼(ମହା ଭାରତ) ସରକାରଙ୍କ ତରଫରୁ୨୦୨୪/୨୫ବର୍ଷ ପାଇଁ କିଣିବାକୁ ଥିବା ଧାନ , ଆଜି ବାରକୋଟ ବ୍ଲକ କଲା ପଞ୍ଚାୟତ ର ସୋସୟଇଟି ଠାରେ ନୂତନ ସେକ୍ରେଟାରୀ ଶ୍ରୀ ଯୁକ୍ତ ହରିହର ସାହୁ ଙ୍କ ତତ୍ତ୍ୱାବଧାନରେ ଏକ ଚାଷୀମାନ ଙ୍କ ସହିତ ସାଧାରଣ ବୈଠକ ହୋଇଛି। ଏହି ବୈଠକ ରେ ସରକାରଙ୍କ ଧାନ ର ଗୁଣାତ୍ମକ(ଏଫ୍, ଏ,କ୍ୟୁ )ଅନୁଯାୟୀ ଧାନ ସଂଗ୍ରହ ଠିକ୍ ଭାବରେ ହେଲେ , ଉପଯୁକ୍ତ ଧାନ ର ରାଶି ୨୪ଘଣ୍ଟା ମଧ୍ୟରେ ଚାଷୀ ଙ୍କ ଖାତା କୁ ଟଙ୍କା ଦିଆ ଯିବ ବୋଲି ,ବାରକୋଟ ବ୍ଲକ ସପ୍ଲାଏ ଇନିସ ପେକ୍ଟ ର, ଯ ସୋଦା ସିଂହ, କଲା ମଣ୍ଡି ନୋଡାଲ ଅଫିସର, ମଞ୍ଜରୀ ବାଗ ସରକାରଙ୍କ ଧାନ କିଣିବା ନିୟମ ଚାଷୀ ଙ୍କୁ ପରି ପ୍ରକାଶ କରିଛନ୍ତି।ସେ ଏହା ମଧ୍ୟ କହିଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ୧୩ତାରିଖରୁ ଧାନ ମଣ୍ଡି ଖୋଲି ବ ବୋଲି କହିଛନ୍ତି।ଏହି ସଭାରେ କଲା ଚାଷୀ ମାନକ ସଭା ପତି ସନ୍ତୋଷ ଜେନା,ଘାସି ପ୍ରଧାନ(ସଇଦୟ),ଅଜିତ ସାହୁ ଅଜୟ ସାହୁ (କଲା)ହରିହର ସାହୁ,ମି ତ୍ର ଭାନୁ ସାହୁ,ଆନନ୍ଦ ବେହେରା, ସନ୍ତୋଷ ବିଶ୍ୱାଳ, ଲାଣ୍ଡୁ ଜେନା,ନର ବେହେରା,ମୁନ ସାହୁ,ନବୀନ ଦ୍ୱିବେଦୀ, ଗୁଇ□ା ଦଳବେହେରା , କଲା , କାଳିଆ ପାଳ ,ସ ଇ ଡୟ ପଞ୍ଚାୟତ ର ପ୍ରମୁଖ ଚାଷୀ ଏହି ସଭାରେ ଉପସ୍ଥିତ ଥିଲେ।

## ତେର ବର୍ଷର ନାବାଳିକା ଯୁବତୀ ମୁଣ୍ଡ ରେ ପରିବାର ବୋଝ



କରଞ୍ଜିଆ(ମହାଭାରତ)ଯେଉଁ ବୟସରେ କଲମ ଧରି ପାଠ ପିବା କଥା, ସେଇ ବୟସରେ ପରିବାର ବୋଝ। ବାପା ଚାଲିଯିବା ପରେ ଅଧାରୁ ଡୋରି ବନ୍ଧା ହୋଇଛି ପାଠପଢାରେ । ମା’ ୧୫ ଦିନ ହେଲା ୪ ଛୁଆ କୁ ଛାଡି ଚାଲିଗଲା ପରେ ଅଳିଏ ଖାଇଲେ ଅଳିଏ ଉପାସ । ଏପରି ଘଟଣା ସମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ଚନ୍ଦିଖମଣ ଗାଁ ରୁ । ଗତବର୍ଷ ଦୁଇ ବର୍ଷ ତଳେ କୁଆଁର ବାସ୍କେ ରୋଗରେ ପଡି ମୃତ୍ୟୁବରଣ କରିଥିବାବେଳେ ଛଅ ମାସ ହେବ ବଡଭଉଣୀ ପାଉଁରା ବିବାହ କରି ଶାସୁଘର ଚାଲିଗଲା ବେଳେ ମା ସହିତ ୪ ଶିଶୁ ଦୁଃଖ କଷ୍ଟରେ ପରିବାରର ଚାଲିଥିଲା । ୧୫ ଦିନ ହେବ କମଳ ମତି ୪ ଶିଶୁ କୁ ଛାଡି ମା ରିନ୍ତି ଅନ୍ୟ ପୁରୁଷ ହାତ ଧରି ଚାଲିଗଲା । ଚାରି ନା ବାଳକ ଭାଇଭଉଣୀ ଏବେ ବେସାହାରା ହୋଇ ପଡିଛନ୍ତି । ଭଙ୍ଗା ଦଦରା ଘରେ ଭୋକ ଉପାସରେ ଏବେ ଦିନକାଟୁଛନ୍ତି,। ୧୩ ବର୍ଷ ଝିଅ ଡୁମୁନୀ ବାସ୍କେ ଉପରେ ପରିବାର ବୋଝ , ତା ତଳକୁ ସାନ ଭାଇ କିଁଡି (୧୨) ୫ମ ଶ୍ରେଣୀରୁ ପାଠ ପଢ଼ା ବନ୍ଦ, ତା ତଳକୁ ଭଉଣୀ ହିରାମଣି ବାସ୍କେ (୬) , ସବୁ ସାନ ଲକ୍ଷ୍ମଣ ଅଢେଇ ବର୍ଷ । ଏବେ ଗାଁ ବିଲରେ ଧାନ କଟାରୁ ବଡ ଭଉଣୀ ଡୁମୁନୀ ମୁଲ ଲାଗି ଆଣିଲେ ପରିବାର ଚଳେ। ଛୁଆଙ୍କ ଦୁଃଖ ଦେଖି ସାହି ଲୋକ ମାନେ ସହଯୋଗ ହାତ ବଢ଼ାଇ ଛନ୍ତ। ସେ କାମ କରି ଦିନକୁ ଯେଉଁ ପଇସା ରୋଜଗାର କରିଥାଏ କଷ୍ଟେମଷ୍ଟେ ଚଳିଯାଉଛନ୍ତି । ଗ୍ରାମବାସୀ ମାନେ ଅସହାୟ ଭାଇଭଉଣୀ ମାନଙ୍କୁ ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବା ପାଇଁ ଚନ୍ଦିଖମଣ ଗ୍ରାମବାସୀ ଗୁହାରୀ କରିଛନ୍ତି ।

## ଅଲିଭରିଡଲେ କଇଁଛ ସୁରକ୍ଷା ପାଇଁ କଟକଣା

# ଜୀବିକା ହରାଇ ଚିନ୍ତା ରେ ମତ୍ସ୍ୟଜିବି



ଅସ୍ତରଙ୍ଗ (ମହାଭାରତ) :ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ୍ ରିଡଲେଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଛି ଗଭୀର ସମୁଦ୍ର ଭିତରେ ମିଳନ ରତ ହଜାର ହଜାର ଅଲିଭ ରିଡିଲେ।ଏହି ପରିପେକ୍ଷୀରେ ସେମାନଙ୍କ ମିଳନ ଓ ଗଣ ଅଣ୍ଡାଦାନ ପାଇଁ ଓଡିଶା ଉପକୂଳରେ ମାଛଧରା ଉପରେ ବନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୧୯୮୨ ଓମଫ୍ରା ଆଇନ ଅନୁଯାୟୀ ନଭେମ୍ବର ୧ ତାରିଖରୁ ମେ ୩୧ପର୍ଯ୍ୟନ୍ତ ୭ ମାସ ଧରି ଯନ୍ତ୍ର ଚଳିତ ଡ଼ଙ୍ଗା କି ବୋଟ ରେ ମାଛ ମାରିବା ପାଇଁ କଟକଣା ଜାରି କରାଯାଇଛି। ଏହା ଦ୍ୱାରା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପ୍ରାୟ ୨୫ ହଜାର ମତ୍ସଜୀବୀଙ୍କ ସହିତ ପୁରୀ ଜିଲ୍ଲାର ୩ ଲକ୍ଷରୁ ଉର୍ଦ୍ଧ୍ୱ ପାରମ୍ପରିକ ତଥା ଅଣ ପାରମ୍ପରିକ ମତ୍ସଜୀବୀ ମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜୀବିକା ହରାଉଛନ୍ତି । ଅଲିଭ ରିଡ଼ଲେ ଙ୍କ ସୁରକ୍ଷା ପାଇଁ ସାତ ମାସ ଧରି ସମୁଦ୍ର କୂଳରୁ ୨୦ କି. ମି ସାମୁଦ୍ରିକ ଜଳ ସୀମାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ଯନ୍ତ୍ରଚାଳିତ ଟ୍ରଲର ଓ ଡଙ୍ଗା ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଅଲିଭ୍ ରିଡଲେଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରୀ ହୋଇଥିବା ନିର୍ଦ୍ଦେଶ ଅନୁସାରେ ଯନ୍ତ୍ର ଚାଳିତ ଡ଼ଙ୍ଗା ରେ ମାଛ ଧରୁଥିବା ସମସ୍ତ ମାଛଧରା ଡଙ୍ଗା, ଟାପା ଓ ଟ୍ରଲର ଚଳାଚଳକୁ ଏହି ସାମୁଦ୍ରିକ ଜଳସୀମା ମଧ୍ୟରେ ପ୍ରବେଶ ନିଷେଧ କରାଯାଇଛି। ଏଥି ସହିତ କଇଁଛ ସୁରକ୍ଷା ପାଇଁ ବନ ବିଭାଗ, ସାମୁଦ୍ରିକ ମତ୍ସ ବିଭାଗ, ରାଜ୍ୟ ପୁଲିସ୍ ଓ ତଟରକ୍ଷୀ ବାହିନୀକୁ ପ୍ରଭୂତ କ୍ଷମତା ଦିଆଯାଇଛି। ସୁଦୂର କୋଷ୍ଟାରିକାରୁ ୪୦ ହଜାର କିଲୋମିଟର ଜଳପଥ ଅତିକ୍ରମ କରି ଆମ ରାଜ୍ୟ ଉପକୂଳକୁ ଗଣ ଅଣ୍ଡାଦାନ ପାଇଁ ଏହି ବିରଳ ପ୍ରଜାତିର କଇଁଛ ପ୍ରତିବର୍ଷ ଆସୁଥିବାରୁ ସେମାନଙ୍କ ସୁରକ୍ଷା ଲାଗି ଅସ୍ତରଙ୍ଗ ଦେବୀ ମୁହାଣରୁ କେଳୁଣୀ ମୁହାଣ ପର୍ଯ୍ୟନ୍ତ ଅସ୍ତରଙ୍ଗ ବନାଞ୍ଚଳ ପକ୍ଷରୁ ସ୍ଥାନେ ସ୍ଥାନେ ଅସ୍ଥାୟୀ କଇଁଛ ସୁରକ୍ଷା ଶିବିର ନିର୍ମାଣ କରାଯାଇଛି। ଏହା ସହିତ ଅସ୍ତରଙ୍ଗ ବନାଞ୍ଚଳ ପକ୍ଷରୁ କଇଁଛ ସୁରକ୍ଷା ପାଇଁ ବନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ସମୁଦ୍ର ବେଳାଭୂମିରେ ରହି ସାମୁଦ୍ରିକ ଜଳସୀମା ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ନିଷିଦ୍ଧାଞ୍ଚଳ ଭିତରକୁ ଟ୍ରଲର ଅନୁପ୍ରବେଶ କରୁଚି । ଏଠାରେ ସୂଚନା ଥାଉ କି ବିଶ୍ୱର ୫ଟି ପ୍ରସିଦ୍ଧ ସ୍ଥାନ ମଧ୍ୟରୁ ଅଲିଭ୍ ରିଡଲେଙ୍କ ଗଣ ଅଣ୍ଡା ଦାନ ପାଇଁ ଅସ୍ତରଙ୍ଗ ସାମୁଦ୍ରିକ ବେଳାଭୂମି ତୃତୀୟ ସ୍ଥାନ ଅଧିକାର କରି ଥିବାରୁ ଏଠିକି ଉପଯୁକ୍ତ ସ୍ଥାନ ଭାବି ଏଠିକି ଅଣ୍ଡା ଦେବାକୁ ଆସିଥାନ୍ତି। ଅବାଧ ରେ ଟ୍ରଲର ମାଛ ମାରିବା ପାଇଁ ନିଷିଦ୍ଧା□ଳ ପ୍ରବେଶ କରିବା, ଚିଙ୍ଗୁଡ଼ି ଘେରି ର ରାସାୟନିକ ପାଣି ରାତିରେ ଜାଳୁଥିବା ଉଜ୍ଜ୍ୱଳ ଆଲୋକ କାରଣ ରୁ ଗତ ବର୍ଷ ଆଶାନୁରୂପକ କଇଁଛ ଆସିନଥିଲେ ଅଣ୍ଡା ଦେବାକୁ ଚଳିତ ବର୍ଷ କେତେ ସଂଖ୍ୟକ କଇଁଛ ଆସୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ରର ୨୫ତମ ବୈଜ୍ଞାନିକ ଉପଦେଷ୍ଟା ସମିତି ବୈଠକ ଅନୁଷ୍ଠିତ



ଭାବନୀପାଟଣା (ମହାଭାରତ) : କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡିର ୨୫ ତମ ବୈଜ୍ଞାନିକ ଉପଦେଷ୍ଟା ସମିତି ବୈଠକ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଓ.ୟୁ.ଏ.ଟି. ର ସମ୍ପ୍ରସାରଣ ଶିକ୍ଷାରେ ଅଧକ୍ଷ ପ୍ରଫେସର ପ୍ରସନ୍ତଜୀତ ମିଶ୍ର ଅନଲାଇନ ମାଧ୍ୟମରେ ଏହି ବୈଠକରେ ସାମିଲ ହୋଇ ଏହି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କୋଲକାତା ସ୍ଥିତ ଭାରତୀୟ କୃଷି ଓ ଗବେଷଣା ଅନୁସନ୍ଧାନ ଅନ୍ତର୍ଗତ କୃଷି ପ୍ରଦୋଷିକ ଅନୁପ୍ରୟୋଗ ଅନୁସନ୍ଧାନ ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ପ୍ରଫେସର କଲ୍ୟାଣ ସୁନ୍ଦର ଦାସ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ ଦେଇ ଜିଲ୍ଲାରେ ମତ୍ସ୍ୟଚାଷୀ ଓ କୁକୁଡ଼ା ପାଳନ କୁ ପ୍ରୋତ୍ସାହନ ଦେବା ସହ ପ୍ରାକୃତିକ କୃଷିକୁ ଲୋକପ୍ରିୟ କରାଇବା ପାଇଁ ପରାମର୍ଶ ଦେଇଥିଲେ । ଓ.ୟୁ.ଏ.ଟି. ସମ୍ପ୍ରସାରଣ ଶିକ୍ଷାର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପି.କେ. ମହାନ୍ତି ଏବଂ ଡେପୁଟି ନିର୍ଦ୍ଦେଶକ ଡଃ. ଅଜିତ ଫୋଙ୍ଗଲୋସା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡିର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଅମିତାଭ ପଣ୍ଡା ଚଳିତ ବର୍ଷ ୨୦୨୪-୨୫ ପାଇଁ କେନ୍ଦ୍ରର ବାର୍ଷିକ ପ୍ରଗତି ତଥା ୨୦୨୫-୨୬ ର ବାର୍ଷିକ କାର୍ଯ୍ୟଖସଡା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କୃଷି ମହାବିଦ୍ୟାଳୟର ଅଧକ୍ଷ, ଆଞ୍ଚଳିକ ଗବେଷଣା ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତର କେନ୍ଦ୍ରର ମୁଖ୍ୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଜଳ ଛାୟା ପ୍ରକଳ୍ପର ନିର୍ଦ୍ଦେଶ, ଡି.ଡି.ଏମ. ନାବାର୍ଡ, ଆଇ.ଆଇ.ଏସ.ଡବ୍ଲ୍ୟୁ.ସି (ଆଇ.ସି.ଏ.ଆର.) ର ବୈଜ୍ଞାନିକ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ଏନ୍ ଜି ଓ, ର କର୍ମକର୍ତ୍ତା, କୃଷକ ଉତ୍ପାଦନ ସଂଘର ସଦସ୍ୟ, ଜିଲ୍ଲାର ଆଗଧାଡ଼ିର ସଫଳ କୃଷକ ଏବଂ କୃଷିଜୀବି ମହିଳା, ଦୁରଦର୍ଶନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାସ୍ତରର କୃଶକମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଅସୁବିଧା ଗୁଡିକ କିପରି ବୈଜ୍ଞାନିକ ପଦ୍ଧତିରେ ସମାଧାନ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯିବା ସହ ଜିଲ୍ଲାରେ ଜୈବିକ ତଥା ପ୍ରାକୃତିକ କୃଷି, ଉଦ୍ୟାନ କୃଷି, ଛତୁ ଚାଷ, ଜିଆଖତ, ସମ୍ମନିତ ମାଛ ଏବଂ ଧାନ ଚାଷ, ରୋଗପୋକ ପରିଚାଳନା, ଅଣୁସାର ପ୍ରୟୋଗ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବାର୍ଷିକ ସମାଚାର କୃଷି କଳିକା ଓ ଅନ୍ୟାନ୍ୟ କୃଷି ସମ୍ବନ୍ଧିୟ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବୈଜ୍ଞାନିକ ତଥା ଅନ୍ୟାନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ,ବିନୋଦ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ଭୋଲଭୋ ବସରୁ ବଞ୍ଚିତ ଖଣି ଅଞ୍ଚଳ ବାସୀ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ବଡ଼ବିଲ ସହର କୁ ପୁରୀ ସହିତ ସିଧାସଳଖ ସଂଯୋଗ କରିବା ପାଇଁ ରାଜ୍ୟ ସରକାର ଏକ ଶୀତ ତାପ ଆରାମ ଦାୟକ ଭଲଭୋ ବସ ଚାଲୁ କରିଛନ୍ତି ।ଦୁଇ ଗୋଟି ବସ ପୁରୀ ରୁ ବଡ଼ବିଲ କୁ ଆସୁ ଅଛି ଏବଂ ବଡ଼ବିଲ ରୁ ପୁରୀକୁ ରାତ୍ରି କାଳୀନ ସେବା ଯୋଗୟଉଛି ।ବଡ଼ବିଲ ରୁ ପୁରୀ କୁ ଯାଉଥିବା ବସ ଯୋଡା ସହର କୁ ପ୍ରବେଶ କରୁ ନାହିଁ ।ସେହିପରି ବିଳମ୍ବିତ ରାତିରେ ପୁରୀ ରୁ ବଡ଼ବିଲ ଯାଉଥିବା ବସ ଯୋଡା ସହର ଭିତରକୁ ପ୍ରବେଶ କରୁ ନାହିଁ ଯଫଳରେ ଏହି ବସ ରେ ଯୋଡା ସହର ସମେତ ଖଣି ଅଞ୍ଚଳ ,ଯୋଡା,ବଂଶଧର ପାଣି,କମାର ଯୋଡା, ଜୁରୁଡ଼ି, ଜରିବାହୟଲ,ବାମେ ବାରି,ପ୍ରଭୃତି ଅଞ୍ଚଳ ର ଲୋକେ ଯାତାୟାତ ରୁ ବଞ୍ଚିତ ହେଉ ଛନ୍ତି ।ତେବେ ବସ ର କର୍ମଚରି ଙ୍କ କହିବା ଅନୁଯାୟୀ,ବସ ଟି ଅପେକ୍ଷାକୃତ ଲମ୍ବା ହୋଇ ଥିବାରୁ ସହର ଭିତରକୁ ଯାଇ ବୁଲି ପୟରୁ ନାହିଁ ଯଫଳତଃ ଯୋଡା ସହର ଉପକଣ୍ଠ କଳା ପାହାଡ଼ ବାଇ ପାସ ରେ ବସ ଟି କିଛି କ୍ଷଣ ପାଇଁ ଅଟକୁ ଛି ।ତେଣେ ବସ ଷ୍ଟାଣ୍ଡ ଠାରୁ କଳା ପାହାଡ଼ ବହୁ ଦୂରରେ ଥିବାରୁ ଯାତ୍ରୀ ମାନେ ଏହି ସରକାରୀ ବସରେ ଆସିବାକୁ ଓ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ।ତେବେ ଏହି ବସ ରେ ଯାତ୍ରା କରିବା ପାଇଁ କଳା ପାହାଡ ଛକ ଠାରେ ଅପେକ୍ଷା କରିଥିବା ଯାତ୍ରୀ ମାନଙ୍କ ମଧ୍ୟରୁ ଯାତ୍ରୀ ସୁଦର୍ଶନ ଲେଙ୍କା,ଗଜେନ୍ଦ୍ର ସାହୁ,ପ୍ରମୁଖ କହିଛନ୍ତି ଯେ,ବସ ଟି ଅତ୍ୟନ୍ତ ଆରମ ଦାୟକ ହେଲେ ଯୋଡା ସହର ଭିତରକୁ ଯାଉ ନ ଥିବାରୁ ଯାତ୍ରୀ ମାନେ ଏହି ବସ ରେ ଯାଇ ପାରୁ ନାହାଁନ୍ତି ।ତେଣେ ଯାତ୍ରୀ ମାନେ ମଧ୍ୟ ରାତ୍ରି ରେ ଜାତୀୟ ରାଜପଥ କଡ଼ରେ ଓହ୍ଲାଇ ସେଠାରେ କୌଣସି ଅଟୋ ର ସୁବିଧା ନ ଥିବାରୁ ଚାଲି ଚାଲି ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି ।ଏହି ସମସ୍ୟା ର ସମାଧାନ ପାଇଁ ଯାତ୍ରୀ ମାନେ କହିଛନ୍ତି ଯେ,ଯଦି ଲମ୍ବା ଗାଡ଼ି ହୋଇ ଥିବାରୁ ଏହା ବୁଲି ପାରୁ ନାହିଁ,ତାହେଲେ ଯୋଡା ରେ ନିର୍ମାଣ ହୋଇଥିବା ଫ୍ଲାଏ ଓଭର ଦେଇ ସହର ମଧ୍ୟକୁ କାହିଁକି ପ୍ରବେଶ କରୁ ନାହିଁ ବୋଲି ଯାତ୍ରୀ ମାନେ ପ୍ରଶ୍ନ କରିଛନ୍ତି ।ଏପରି ଅବ୍ୟବସ୍ଥା ଯୋଗୁଁ ଯୋଡା ରୁ ମହିଳା ଯାତ୍ରୀମାନେ କଟକ,ଭୁବନେଶ୍ୱର ଓ ପୁରୀ କୁ ମହିଳା ଯାତ୍ରୀ ମାନଙ୍କ ପାଇଁ ରହିଥିବା ୫୦ ପ୍ରତିଶତ ରିହାତି ରୁ ବଞ୍ଚିତ ହେଉ ଥିବା ମହିଳା ଯାତ୍ରୀ ଲକ୍ଷ୍ମୀ ମୁଣ୍ଡା କହିଛନ୍ତି ।ଏଣୁ ଯାତ୍ରୀମାନେ ମୁଖ୍ୟତଃ ଦାବି କରିଛନ୍ତି ଯେ,ଏହାର ଏକ ବିକଳ୍ପ ବ୍ୟବସ୍ଥା କରାଯାଇ ଖଣି କ୍ଷେତ୍ର ଯୋଡା ବସ ଷ୍ଟାଣ୍ଡ କୁ ଏହି ସରକାରୀ ବସ କୁ ନିଆ ଯାଉ ।

## କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ପକ୍ଷରୁ ଓଡିଶା ପ୍ରଶାସନିକ ସେବା ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା(ମହାଭାରତ): ପ୍ରଶାସନିକ ଅଧିକାରୀମାନେ ନୀତିନିୟମ ଓ ବିବେକ ଅନୁସାରେ କାର୍ଯ୍ୟକରିବା ଆବଶ୍ୟକ ବୋଲି କେନ୍ଦ୍ରାପଡା ସହରର ଗୌରୀଶଙ୍କର ହୋଟେଲ ପରିସରରେ ଆୟୋଜିତ କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି ଲିଃ ପକ୍ଷରୁ ଆୟୋଜିତ ସଫଳ ଓଡିଶା ପ୍ରଶାସନିକ ସେବା ପ୍ରତିଭା ସମାରୋହରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଦର୍ଶନ ନାୟକ କହିଲେ ଯେ,ଓଡିଶା ପ୍ରଶାସନିକ ସେବା ୨୦୨୨ରେ କୃତକାର୍ଯ୍ୟ ହୋଇଥିବା କୃତି ପ୍ରତିଭାମାନେ କୌଣସି ଚାପର ବଶବର୍ତ୍ତୀ ନହୋଇ ସଚ୍ଚୋଟତା ଓ ନିଷ୍ଠାବାନ ମଧ୍ୟରେ ନିଜ ବିବେକକୁ ପଚାରି ଜଣେ ଉତ୍ତମ ଓ ଦାୟିତ୍ୱବାନ ପ୍ରଶାସକ ଭାବରେ ଜନସାଧାରଣଙ୍କ ସେବାରେ ବ୍ରତୀ ହେବା ଆବଶ୍ୟକ । ସେହିପରି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟ ବିଭିନ୍ନ ଉଦାହରଣ ମାଧ୍ୟମରେ ଜଣେ ସ୍ୱଚ୍ଛ ଓ ଦାୟିତ୍ୱବାନ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟ କରିବା ବେଳେ ସେଭଳି ଭାବରେ ସାଧାରଣରେ ପ୍ରତୀୟମାନ ହେବାର ଆବଶ୍ୟକତା ରହିଛି । ଏହା ଜଣେ ପ୍ରଶାସନିକ ଅଧିକାରୀ ଭାବେ ବ୍ୟକ୍ତି ଚରିତ୍ରର ସ୍ପଷ୍ଟ ନିଦର୍ଶନ ବୋଲି କହିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କେନ୍ଦ୍ରାପଡ଼ାର ଲୋକପ୍ରିୟ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ନିଜ



ବକ୍ତବ୍ୟରେ ନିଜର କର୍ମମୟ ଜୀବନର ଅନୁଭୂତି ବଖାଣିବା ଛଳରେ ଏହି ପ୍ରଶାସନିକ ସେବା ପ୍ରତିଭା ମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇଥିଲେ କ୍ଷ ଅବିଭକ୍ତ କଟକ ଜିଲ୍ଲାର ଏହି ପ୍ରତିଭା ମାନଙ୍କୁ ନେଇ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭର ସଭାପତି ପ୍ରମୋଦ ସାହୁ ପୌରହିତ କରି କହିଲେ ଯେ, ଦେଶ ଓ ଜାତିର ସେବା ପାଇଁ ଏହି ଯୁବ ପ୍ରତିଭାମାନେ ଜନ ସାଧାରଣଙ୍କ ଦୁଃଖ ଦୂର ପାଇଁ ସେବକ ମନୋଭାବ ନେଇ କାର୍ଯ୍ୟ କରିବା ଉଚିତ । ସମିତିର ସମ୍ପାଦକ ପ୍ରହଲ୍ଲାଦ ସାହୁ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ସମୟରେ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମିତିର ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ,ଅନୁରକ୍ତା ସାମନ୍ତରାୟ, ପଙ୍କଜ ମଲ୍ଲିକ,ଦିଲ୍ଲୀପ ସ୍ୱାଇଁ,ବିଜୟ ଦାସ,ସନ୍ତୋଷୀ ସାମଲ,ତପନ ମହାନ୍ତି,ଦେବାଶିଷ ସାହୁ,ଅଂଶୁମାନ ଚୌଧୁରୀ,ଲକ୍ଷ୍ମଣ ସାହୁ,ସୁକାନ୍ତ ପତି,ମାନସ ରାଉତ,ନଳିନୀ ପଡ଼ିଆରୀ,ସନ୍ତୋଷ ଦାସ,ରାଜେଶ ପାତ୍ର,ରଞ୍ଜନ ସାହୁ ଓ ସାନ୍ତନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କଟକ ଜିଲ୍ଲାର ୩୨ ଜଣ ଓଡ଼ିଶାର ସଫଳ ସେବା ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ, ଫୁଲତୋଡ଼ା ଓ ପ୍ରତ୍ୟେକଙ୍କୁ ପାଞ୍ଚ ହଜାର ଲେଖାଏ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା ।

## ଜିଲ୍ଲା ସ୍ତରୀୟ କୃଷକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ମାଛମରାୟ ଗ୍ରାମପଞ୍ଚାୟତର ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ କୃଷକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ତୁଷାର ରଞ୍ଜନ ସାହୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ବିଦ୍ୟୁତ ଶେଖର ମିଶ୍ର ଯୋଗ ଦେଇ ଥିବା ବେଳେ ଡକ୍ଟର ପ୍ରଭଞ୍ଜନ କୁମାର ପ୍ରଧାନ, ଉଞ୍ଜଉ ଡକ୍ଟର ସାଇ ସନ୍ଦୀପ ଠଇଝ ଓ ମାଛମରା ସରପ□ ତ୍ରିପତି ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ଏହିକାର୍ଯ୍ୟକ୍ରମରେ ୨୦ ରୁ ଉର୍ଦ୍ଧ୍ୱ ଗୋ ପାଳକ ଚାଷୀ ପ୍ରଶିକ୍ଷଣ ନେଇଥିଲେ। ୨୮ ନଭେମ୍ବର ୨୦୨୪ ରୁ ୩୦ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବନ୍ଧ୍ୟାଦୋଷ ନିରାକରଣ, ଘାସ ଚାଷ, କୃମି ନାଶକ ଓ ଔଷଧ ସେବନ ପ୍ରଣାଳୀ,ଥନ ହରା ରୋଗ ନିରାକରଣ ଉପରେ ବିସ୍ତୃତ ଆଲୋଚନା ହୋଇ ଥିବା ବେଳେ ଚାଷୀଙ୍କ ପ୍ରଶ୍ନ ଉପରକୁ ବିଭାଗୀୟ ଅଧିକାରୀ ମାନେ ବୁଝାଇ ଥିଲେ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏଲ ଆଇ ପି. ଶ୍ରୀନିବାସ ରାଓ, ସନମୁଖା ପାଲକା ଏଲ ଆଇ, ପ୍ରୀତି ନିହାରି ଏଲ ଆଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



## 'ତାଙ୍କର ଅତ୍ୟାଧିକ ଆତ୍ମବିଶ୍ୱାସ ଆମକୁ ବୁଡ଼ାଇ ଦେଲା'

**ମୁମ୍ବାଇ,୨୮।୧୧(ଏଜେନ୍ସି):** ନିକଟରେ ସରିଛି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ । ଏଥିରେ ମହାବିକାଶ ଅଘାଡ଼ି(ଏମ୍ଭିଏ)ର ହୋଇଛି ଶୋଚନୀୟ ପରାଜୟ । ଏହି ପରାଜୟ ପରେ ଶିବସେନାର ବରିଷ୍ଠ ନେତା ଅମ୍ବାଦାସ ଦାନବେ କଂଗ୍ରେସକୁ କରିଛନ୍ତି ଟାର୍ଗେଟ । ସେ କହିଛନ୍ତି, କଂଗ୍ରେସର ଅତ୍ୟାଧିକ ଆତ୍ମବିଶ୍ୱାସ ଓ ଆସନ ବୁଝାମଣା ବେଳେ ଅହଂକାରୀ ମନୋଭାବ ଏମ୍ଭିଏ ମେଣ୍ଟ ପରାଜୟର ମୁଖ୍ୟ କାରଣ । ବିଜେପି ନେତୃତ୍ୱାଧୀନ ମହାଯୁତି ୨୮୮ ରୁ ୨୩୦ ଆସନ ଜିତି ପ୍ରଚଣ୍ଡ ବହୁମତ ହାସଲ



କରିଥିଲା । ସେଭଳି କଂଗ୍ରେସ, ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଓ ଉଦ୍ଧବ ଠାକରେଙ୍କ ଶିବସେନା ଏମ୍ଭିଏ ମେଣ୍ଟ କେବଳ ୪୬ ଆସନ ହିଁ ଜିତିପାରିଛି । ମହାରାଷ୍ଟ୍ର ବିଧାନ ପରିଷଦର ବିରୋଧୀ ଦଳ ନେତା ଅମ୍ବାଦାସ ଦାନବେ କହିଛନ୍ତି, ମହାବିକାଶ ଅଘାଡ଼ିକୁ ଉଦ୍ଧବଙ୍କୁ ମୁଖ୍ୟମନ୍ତ୍ରୀ ପଦର ପ୍ରାର୍ଥୀ ଭାବରେ ଆଗତ କରିବାର ଥିଲା । ସେ କଂଗ୍ରେସ ଉପରେ ପରୋକ୍ଷରେ କଟାକ୍ଷ କରି କହିଛନ୍ତି, ସେ ରେଜଲ୍ଟ ଆସିବା ପୂର୍ବରୁ ସୁଟ୍ ଓ ଟାଇ ପିନ୍ଧିବାର ପ୍ରସ୍ତୁତିରେ ଥିଲେ ।

### ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ

## ନିର୍ଣ୍ଣାୟକ ପଦକ୍ଷେପ ନିଅନ୍ତୁ ସରକାର

**ଢାକା,୨୮।୧୧(ଏଜେନ୍ସି):** ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ବଢ଼ି ଚାଲିଛି ହିଂସାକାଣ୍ଡ ମାମଲା । ଇସ୍କନ ମନ୍ଦିରର ଚିନ୍ମୟ କୃଷ୍ଣ ଦାସଙ୍କୁ ଜେଲ୍ ପଠାଯିବା ପ୍ରସଙ୍ଗରେ ଭାରତ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛି । କେବଳ କେନ୍ଦ୍ର ସରକାର ନୁହଁନ୍ତି, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିକ୍ରିୟା ସାମନାକୁ ଆସିଛି । ସେ ବାଂଲାଦେଶର ବର୍ତ୍ତମାନର ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଓ କହିଛନ୍ତି, ଏହା ଉପରେ କେନ୍ଦ୍ର ସରକାର ପଦକ୍ଷେପ ନେବା ଦରକାର । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ କେନ୍ଦ୍ର ସହିତ ଅଛୁ, ସେ ଯାହା ଉଚିତ ସେହି ପଦକ୍ଷେପ ନେଇ ପାରିବେ । ମମତା ଗୁରୁବାର କହିଛନ୍ତି, ଏହା ଅନ୍ୟ ଦେଶର ମାମଲା । ତେଣୁ ମୁଁ କୌଣସି ମନ୍ତବ୍ୟ ଦେବିନି, କାରଣ ଏହା ଆମର ଅଧିକାର କ୍ଷେତ୍ରର ବାହାରେ ରହିଛି । ମମତା ବିଧାନସଭାରେ ସ୍ପଷ୍ଟ କରିଛନ୍ତି, ଏହି ପ୍ରସଙ୍ଗକୁ କେନ୍ଦ୍ର ସରକାର ସମାଧାନ କରିବା ଦରକାର ଓ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ନିଷ୍ପତ୍ତି ପାଳନ



କରିବେ । ମମତା କହିଛନ୍ତି,ବାଂଲାଦେଶ ଏକ ଅଲଗା ଦେଶ । ଭାରତ ସରକାର ଏହା ଉପରେ ଅଧିକ ଧ୍ୟାନ ଦେବା ଦରକାର । ଏହା ଆମର କ୍ଷମତାର ପରିସରରେ ଆସୁନି । ଆମକୁ ଏ ବିଷୟରେ କଥା ହେବା ଉଚିତ ନୁହେଁ କିମ୍ବା ହସ୍ତକ୍ଷେପ କରିବାର ଅଧିକାର ନାହିଁ । ସେଠାର ସ୍ଥିତିକୁ ଆମେ ଦୁଃଖିତ, କିନ୍ତୁ ଆମେ କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ନୀତିର ପାଳନ କରୁଛୁ ।' ମମତା କହିଛନ୍ତି, ସେ ଏହି ମାମଲାରେ ଇସ୍କନର ପ୍ରତିନିଧିଙ୍କ ସହ କଥା ହୋଇଛନ୍ତି । ତେବେ କ'ଣ କଥା ହୋଇଥିଲେ ସେ ନେଇ ସ୍ପଷ୍ଟ ସୂଚନା ଦେଇ ନାହାନ୍ତି । ସେ କହିଛନ୍ତି, ବାଂଲାଦେଶରେ ହିନ୍ଦୁଙ୍କ ବିରୋଧରେ ଘଟୁଥିବା ଏହି ଘଟଣାକୁ ନେଇ ମୁଁ ନିରାଶ ।

## ଇସ୍କନ ଉପରେ କଟକଣା ଲଗାଇବାକୁ ମନା କଲେ ବାଂଲାଦେଶ ହାଇକୋର୍ଟ

**ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି):** ବାଂଲାଦେଶରେ ଅନ୍ତର୍ଜାତୀୟ କୃଷ୍ଣ ଚେତନା ସଂଘ (ଇସ୍କନ୍)ର କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ସେଠାକାର ହାଇକୋର୍ଟ ଆଦେଶ ଜାରି କରିବାକୁ ମନା କରିଦେଇଛନ୍ତି । ଇସ୍କନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ସରକାରୀ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ଶୁଣାଣି ସମୟରେ ବାଂଲାଦେଶ ହାଇକୋର୍ଟ ଆହୁରି କହିଛନ୍ତି ଯେ ସରକାର ଏହି ମାମଲାର ଅନୁଧ୍ୟାନ



କରିବେ । ବାଂଲାଦେଶର ଆଟର୍ଣ୍ଣି ଜେନେରାଲ କହିଛନ୍ତି ଯେ ଇସ୍କନ ସହ ଜଡିତ ପ୍ରସଙ୍ଗ ବାଂଲାଦେଶ ପାଇଁ ସର୍ବୋଚ୍ଚ ପ୍ରାଥମିକତା । ଚିନ୍ମୟ ଦାସ ଗିରଫ ହେବା ପରେ ଆଇନ ଶୃଙ୍ଖଳା ଭଙ୍ଗ କରୁଥିବା ଲୋକଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବାଂଲାଦେଶ ସରକାର କହିଛନ୍ତି । ସରକାର (ଅତିରିକ୍ତ ଆଟର୍ଣ୍ଣି ଜେନେରାଲ) ଅଦାଲତଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଇସ୍କନ୍ ପ୍ରସଙ୍ଗକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି । ଆବେଦନକାରୀ କୋର୍ଟରେ ଜଣାଇଥିଲେ ଯେ ଇସ୍କନ ଉପରେ ପ୍ରତିବନ୍ଧକ ଲଗାଇବାର ଏହା ହେଉଛି ପ୍ରକୃଷ୍ଟ ସମୟ । ତେବେ ଏହାର ଜବାବରେ କୋର୍ଟ କହିଥିଲେ ଯେ ଏ ସଂପର୍କରେ ସରକାର ଉପଯୁକ୍ତ ପଦକ୍ଷେପ ନେଇପାରିବେ ।

## ସଂସଦରେ ଆଦାନୀ ପ୍ରସଙ୍ଗରେ ବର୍ଷିଲେ ରାହୁଲ

**ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି):** ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗ ଉପରେ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଆଦାନୀ ତାଙ୍କ ଅଭିଯୋଗ ସ୍ୱିକାର କରିବେ ନାହିଁ । ଆଦାନୀଙ୍କୁ ଗିରଫ ନକରିବାରୁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି ରାହୁଲ୍ । ଏଥି ସହ ସେ କହିଛନ୍ତି ଯେ, ସରକାର ତାଙ୍କୁ ସୁରକ୍ଷା ଦେଉଛନ୍ତି । ଆଦାନୀଙ୍କୁ ନେଇ ଯେବେ ରାହୁଲ ଗାନ୍ଧୀଙ୍କୁ ପଚରାଗଲା, ସେ କହିଥିଲେ ଯେ, ଆପଣଙ୍କୁ ଲାଗୁଛି କି ଆଦାନୀ ଏହି ଅଭିଯୋଗକୁ ସ୍ୱିକାର କରିବେ ? କିନ୍ତୁ ସେ ଏହି ଅଭିଯୋଗକୁ ଅସ୍ୱୀକାର କରିବେ । ପ୍ରସଙ୍ଗ ହେଉଛି, ଯେପରି ଆମେ କହିଛୁ ତାଙ୍କୁ ଗିରଫ କରାଯିବା ଉଚିତ୍ । ଅନେକ ଲୋକଙ୍କୁ ଛୋଟ ଛୋଟ ଅଭିଯୋଗରେ ଗିରଫ କରାଯାଉଛି ଏବଂ ଆଦାନୀଙ୍କ ଉପରେ ଆମେରିକାରେ ହଜାରେ କୋଟି ଟଙ୍କା ଅଭିଯୋଗ ହୋଇଛି, ସେ ଜେଲରେ ରହିବା ଉଚିତ । ହେଲେ ସରକାର ତାଙ୍କୁ ସୁରକ୍ଷା ଦେଉଛନ୍ତି । ଏପଟେ ଗୌତମ



ଆଦାନୀ ଗ୍ରୁପ୍ ବୁଧବାର ଏକ ବିବୃତ୍ତି ଜାରି କରି କହିଛି ଯେ, ଆମେରିକାର ଦୁର୍ନୀତି ଅଧିନିୟମ ଅନୁଯାୟୀ ଅଭିଯୋଗ ହେବା ଉପରେ କୌଣସି ସତ୍ୟତା ନାହିଁ । ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀ ଏବଂ ବିନିତ୍ ଜୈନଙ୍କ ଉପରେ ଆମେରିକା DOG ଅଭିଯୋଗ କିମ୍ବା ଆମେରିକା SEC ନାଗରିକ ଅଭିଯୋଗରେ ଦର୍ଶାଯାଇଥିବା ମାମଲା ଆମେରିକାର ଦୁର୍ନୀତି ଆଇନର କୌଣସି ଉଲ୍ଲଂଘନ ବୋଲି ଅଭିଯୋଗ କରେ ନାହିଁ । ଏହା ପୂର୍ବରୁ ସୋମବାର ଦିନ ଆଦାନୀ ଗ୍ରୁପ୍ ଲାଞ୍ଚ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି । ଏହା ପରେ ଆଜି ଷ୍ଟକ୍ ଏକ୍ସଚେଞ୍ଜରେ ସୂଚନା ଦେଇଛି ଯେ ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀ ଏବଂ ବିନିତ୍ ଜୈନଙ୍କ ବିରୋଧରେ କୌଣସି ପ୍ରକାରର ଅଭିଯୋଗ ନାହିଁ । ଆଦାନୀ ଗ୍ରୁପ୍ ଅଧିକାରୀଙ୍କ ବିରୋଧରେ ଲାଞ୍ଚ ଏବଂ ଦୁର୍ନୀତି ଅଭିଯୋଗ ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ଭୁଲ ଅଟେ ।

## ଦୁର୍ଘଟଣାରେ ୫ ଡାକ୍ତର ମୃତ

**ଲକ୍ଷ୍ନୌ,୨୮।୧୧(ଏଜେନ୍ସି):** ପ୍ରଥମେ ଡିଭାଇଡରରେ ପିଟି ହେଲା କାର୍ । ତା'ପରେ ରୋଡର ଅନ୍ୟ ପାର୍ଶ୍ୱକୁ ଯାଇ ଟ୍ରକ୍ ସହ ହେଲା ମୁହାଁମୁହିଁ ଧକ୍କା । ଏକା ସାଙ୍ଗେ ଚାଲିଗଲା ୫ ଡାକ୍ତରଙ୍କ ଜୀବନ । ସେହିପରି ଆଉ ଜଣେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ଏଭଳି କିଛି ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି ଉତ୍ତର ପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ । ଉତ୍ତରପ୍ରଦେଶର କନୌଜ ଜିଲ୍ଲା । ଆଜି ଭୋରୁ ଆଗ୍ରା ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏକ ସ୍କର୍ପିଓ କାର୍ ଦ୍ରୁତ ଗତିରେ ଆସି ଡିଭାଇଡରରେ ପିଟ ହୋଇ ରାସ୍ତା ଆର ପାର୍ଶ୍ୱକୁ ଚାଲିଯାଇଥିଲା । ଏହାପରେ ସାମ୍ନା ପଟୁ ଆସିଥିବା ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୫ ଜଣ ଡାକ୍ତରଙ୍କ ସମେତ କାର୍ ଡ୍ରାଇଭର ଅଛନ୍ତି । ମୃତ ୫ ଡାକ୍ତର ସୈଫଇ ମେଡିକାଲ କଲେଜରେ ପୋଷ୍ଟିଂ ଥିଲେ । ଏମାନେ ନିଜର ଅନ୍ୟ ସାଙ୍ଗମାନଙ୍କ ସହ ଲକ୍ଷ୍ନୌରୁ ସୈଫଇକୁ ଫେରୁଥିଲେ । ତେବେ ଅଧ ରାସ୍ତାରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ କାରଟି ନିୟନ୍ତ୍ରଣ ହରାଇ ଡିଭାଇଡରରେ ପିଟି ହୋଇ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେକୁ ମାଡି ଯାଇଥିଲା ।

## ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ମୋର କୌଣସି ଲାଳସା ନାହିଁ

**ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି):** କିଏ ହେବ ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ? ଏହି ସମ୍ବନ୍ଧରେ ସୃଷ୍ଟି ହୋଇଥିବା ସସପେନ୍ସକୁ ଏବେ ସ୍ପଷ୍ଟ କରିଛନ୍ତି ବର୍ତ୍ତମାନର କାର୍ଯ୍ୟନିର୍ବାହୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ । ଏକ ସାମ୍ବାଦିକ ସମ୍ମିଳନୀରେ ଏକନାଥ ସିନ୍ଦେ କହିଛନ୍ତି ଯେ, ମୁଁ ଜଣେ ଖୋଲା ହୃଦୟର ମଣିଷ । ମୁଁ ଛୋଟ ଭାବନା ମନରେ ରଖେନାହିଁ । ମୁଁ ଲୋକଙ୍କ ପାଇଁ କାମ କରୁଥିବା ଜଣେ ନେତା । ବିଜେପିର ନିଷ୍ପତ୍ତିକୁ ସମର୍ଥନ କରିବି, ଯିଏ ତାଙ୍କର ସିଏମ୍ ହେବେ ମୁଁ ତାଙ୍କୁ ଗ୍ରହଣ କରିବି । ଏକନାଥ ସିନ୍ଦେ ଆହୁରି ମଧ୍ୟ କହିଛନ୍ତି କି, ଗତକାଲି ପିଏମ ମୋଦୀ ମୋତେ ଡାକିଥିଲେ । ମୁଁ ତାଙ୍କୁ କହିଥିଲି ଯେ ନୂତନ ସରକାର ଗଠନ କରିବାରେ ମୋ ପକ୍ଷରୁ କୌଣସି ଅସୁବିଧା ହେବ ନାହିଁ । ସିଏମ ପଦ ପାଇଁ ମୋର କୌଣସି ଇଚ୍ଛା ନାହିଁ । ଆପଣ ଆପଣଙ୍କର ନିର୍ଣ୍ଣୟ ନିଅନ୍ତୁ । ମହାଯୁତି ଏବଂ ଏନଡିଏ ମୁଖ୍ୟମାନେ ଯାହା ନିଷ୍ପତ୍ତି ନେବେ ତାହା ମୋ ପାଇଁ



ଗ୍ରହଣୀୟ ହେବ । ମୋ ବିଷୟରେ ଚିନ୍ତା କରିବା ପରିବର୍ତ୍ତେ ମହାରାଷ୍ଟ୍ର ଏବଂ ରାଜ୍ୟବାସୀଙ୍କ ବିଷୟରେ ଚିନ୍ତା କରିବାକୁ ନରେନ୍ଦ୍ର ମୋଦୀ ଜୀ ଙ୍କୁ ମୁଁ କହିଥିଲି । ମୁଁ ଅମିତ ଶାହାଙ୍କୁ ସମାନ କଥା କହିଛି ଯେ ମୋ ପକ୍ଷରୁ କୌଣସି ଅସୁବିଧା ହେବ ନାହିଁ । ଆପଣଙ୍କର ନିଷ୍ପତ୍ତି ଚୂଡାନ୍ତ ହେବ । ଏକନାଥ ସିନ୍ଦେ କହିଛନ୍ତି ଯେ ସରକାରରେ ଥିବାବେଳେ ମହାରାଷ୍ଟ୍ରବାସୀଙ୍କ ସ୍ୱାର୍ଥରେ ଆମେ କଣ କରିପାରିବା ତାହା ଚିନ୍ତା କରି କାର୍ଯ୍ୟ କରିଛୁ । ଆମେ ଲୋକଙ୍କ ପାଇଁ ଛିଡା ହୋଇ ପୁଣି ରାଜ୍ୟକୁ ଆଗକୁ ନେବାକୁ ପଡିବ। ରାଜ୍ୟ କେନ୍ଦ୍ର ସରକାରଙ୍କ ସାହାଯ୍ୟ ଆବଶ୍ୟକ ଏବଂ ଏହାର ସହାୟତା ପାଇବ । ଆମେ କେନ୍ଦ୍ରରୁ ଲକ୍ଷ ଲକ୍ଷ କୋଟି ଟଙ୍କା ପାଣ୍ଠି ନେଇଛୁ, ତେଣୁ ମୁଁ ନରେନ୍ଦ୍ର ମୋଦୀ ସରକାରଙ୍କୁ କୃତଜ୍ଞତା ଜଣାଉଛି ।

## ଡଲାର ପ୍ରୋଟେକ୍ଟ ପକ୍ଷରୁ 'ୱିଣ୍ଡଗାର୍ଡର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ, ଭାରତର ହୋସେଆରୀ ଏବଂ ପୋଷାକ ଶିଳ୍ପରେ ଏକ ଅଗ୍ରଣୀ ନାମ। ଏହା ଡଲାର ପ୍ରୋଟେକ୍ଟ ବ୍ରାଣ୍ଡ ଅନ୍ତର୍ଗତ ୱିଣ୍ଡଗାର୍ଡ ରେଞ୍ଜର ଶୁଭାରମ୍ଭ ସହିତ ଉତ୍ପାଦ ପରିସରକୁ ବିସ୍ତାର କରିଛି। ୱିଣ୍ଡଗାର୍ଡ କଲେକସନରେ ଶୀତ ବସ୍ତ୍ରର ଏକ ବହୁମୁଖୀ ପରିସର ରହିଛି ଯାହା ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଡିଜାଇନ ହୋଇଛି। ଏହା ଶୀତଳ ପବନ ଏବଂ ହାଲୁକା ଶୀତରୁ ଉନ୍ନତ ସୁରକ୍ଷା ପ୍ରଦାନ କରିଥାଏ।

ୱିଣ୍ଡଗାର୍ଡ କଲେକସନରେ କ୍ରସ ଟିପ୍ସ, ବଟର ଏନଏସ, ମାଇକ୍ରୋ ପା, ମାଇକ୍ରୋ ଟିପ୍ସ, ସାଣ୍ଡୱିଚ ଇତ୍ୟାଦି ସାମଗ୍ରୀ ବ୍ୟବହାର କରି ପ୍ରସ୍ତୁତ ହୋଇଛି ଯାହା ଏକ ସ୍ଥିର ଏବଂ ଆଧୁନିକତା ବଜାୟ ରଖିବା ସହିତ ସ୍ଥାୟୀତ୍ୱ, ନମନୀୟତା ଏବଂ ସର୍ବୋଚ୍ଚ ତାପ ନିୟନ୍ତ୍ରଣକୁ ସୁନିଶ୍ଚିତ କରିଥାଏ।

ଏହି ଅବସରରେ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଲେ, ଆମେ ସବୁବେଳେ ଆମର ଗ୍ରାହକଙ୍କୁ ଉପଯୁକ୍ତ କାର୍ଯ୍ୟକ୍ଷମ ତଥା ଫେଶନ ଉପଯୋଗୀ ଉତ୍ପାଦ ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଶୀତ ଯେତିକି ପାଖେଇ ଆସୁଛି, ବାହ୍ୟ ପୋଷାକ ପାଇଁ ଚାହିଦା ବଢୁଛି ଯାହା କେବଳ ଆରାମଦାୟକ ଏବଂ ଉଷ୍ମତାଯୁକ୍ତ ନୁହେଁ ବରଂ ଷ୍ଟାଇଲିସ ମଧ୍ୟ। ଆମର ୱିଣ୍ଡଗାର୍ଡ କଲେକସନ ଶୀତ ଏବଂ ପବନରୁ ଉଚ୍ଚ-ଗୁଣାତ୍ମକ, ସର୍ବ-ପାଣିପାଗ ସୁରକ୍ଷା ପ୍ରଦାନ କରିବା ସହିତ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଏକ ଅନ-ଟ୍ରେଣ୍ଡ ଲୁକ୍ ସୁନିଶ୍ଚିତ କରିଥାଏ।

## ବେଦାନ୍ତ ଆଇରନ୍ ଓର୍ ଓଡିଶା ପକ୍ଷରୁ ବାର୍ଷିକ ଧାତୁ ଖଣି ସୁରକ୍ଷା

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ବେଦାନ୍ତ ଆଇରନ୍ ଓର୍ ଓଡିଶା (ଆଇଓଓ) ଭୁବନେଶ୍ୱର ରିଜିଅନ-୨ (ଗ୍ରୁପ ବି-୨)ର ୪୨ତମ ବାର୍ଷିକ ମେଟାଲିଫେରସ ମାଇନ୍ସ ସୁରକ୍ଷା (ଏମଏମଏସ) ସପ୍ତାହରେ ଅଂଶଗ୍ରହଣ କରି ସୁରକ୍ଷା ଉତ୍କର୍ଷର ସଂସ୍କୃତି ପ୍ରତିପାଦନ କରିବା ପାଇଁ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲା। ଚଳିତ ବର୍ଷର ବିଷୟବସ୍ତୁ 'ବିକାଶ ଖଦାନ, ବିକାଶ ଭାରତ'(ପ୍ରଗତିଶୀଳ ଖଣି, ପ୍ରଗତିଶୀଳ ଭାରତ) ସ୍ଥାୟୀ ଅଭିବୃଦ୍ଧି ତଥା ରାଷ୍ଟ୍ର ନିର୍ମାଣରେ ଉନ୍ନତ ଖଣି ଅଭ୍ୟାସର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇଥିଲା। ସପ୍ତାହେବ୍ୟାପୀ କାର୍ଯ୍ୟକ୍ରମରେ ନିରାପତା ସଚେତନା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରଭାବଶାଳୀ କାର୍ଯ୍ୟକଳାପ ପ୍ରଦର୍ଶନ କରାଯାଇଥିଲା। ଏମଏମଏସ ସପ୍ତାହର ଉଦଘାଟନୀ ସମାରୋହରେ ଜାତୀୟ ପତାକା ଉତୋଳନ ସମାରୋହ, ସୁରକ୍ଷିତ ଖଣି କାର୍ଯ୍ୟ ପରିଚାଳନା ପାଇଁ ଏକ ସାମୂହିକ 'ସୁରକ୍ଷା ପ୍ରତିଶ୍ରୁତି ଖଣି ସୁରକ୍ଷା ଉପରେ ଏକ ସ୍କିଟ ଯାହା ସୁରକ୍ଷା ପ୍ରୋଟୋକଲ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଦର୍ଶ ସୁରକ୍ଷା ଅଭ୍ୟାସ ପାଇଁ ବ୍ୟବସାୟ ସହଭାଗୀ ଏବଂ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏମଏମଏସ ସପ୍ତାହର ଏକ ଅଂଶ ଭାବରେ, ଏକ ଯାଂଚ୍ ଦଳ ବେଦାନ୍ତ ଆଇଓଓରେ ସୁରକ୍ଷା ପଦକ୍ଷେପଗୁଡିକର ମୂଲ୍ୟାଙ୍କନ କରିଥିଲେ ଯେଉଁଥିରେ ଡକ୍ୟୁମେଂଟ ଯାଂଚ୍ ଏବଂ କାର୍ଯ୍ୟର ଅନ-ସାଇଟ ମୂଲ୍ୟାଙ୍କନ ଅନ୍ତର୍ଭୁକ୍ତ ଥିଲା।

## ଯୁବା ସଙ୍ଗମ ଚରଣ ଅଧୀନରେ ଓଡ଼ିଶାର ୫୦ ଜଣ ଛାତ୍ରଛାତ୍ରୀଙ୍କ ମହାରାଷ୍ଟ୍ର ଯାତ୍ରା

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଆଇଆଇଟି ଭୁବନେଶ୍ୱର ସମେତ ଓଡିଶାର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନରୁ ୫୦ ଜଣ ଛାତ୍ରଛାତ୍ରୀଙ୍କ ଏକ ପ୍ରତିନିଧି ଦଳ ଏକ ଭାରତ ଶ୍ରେଷ୍ଠ ଭାରତ ଅନ୍ତର୍ଗତଯୁବା ସଙ୍ଗମ କାର୍ଯ୍ୟକ୍ରମ ଅଧୀନରେ ମହାରାଷ୍ଟ୍ର ଅଭିମୁଖେ ଯାତ୍ରା କରିଛନ୍ତି। ଓଡିଶାର ନୋଡାଲ୍ ପ୍ରତିଷ୍ଠାନ ଆଇଆଇଟି ଭୁବନେଶ୍ୱର ହୋଇଥିବାବେଳେ ମହାରାଷ୍ଟ୍ରର ନୋଡାଲ୍ ପ୍ରତିଷ୍ଠାନ ହେଉଛି ଆଇଆଇଏମ୍, ମୁମ୍ବାଇ। ଆଇଆଇଏମ୍ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ଦ୍ୱାରା ମିଳିତ ଭାବେ ଏକ ସ୍ୱତନ୍ତ୍ର ସମାରୋହରେ ଛାତ୍ରଛାତ୍ରୀ ପ୍ରତିନିଧୀଙ୍କ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ସେ ଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ, ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର), ବାମଦେବ ଆଚାର୍ଯ୍ୟ, ରେଜିଷ୍ଟ୍ରାର, ପ୍ରତିଷ୍ଠାନର ବରିଷ୍ଠ ଅଧ୍ୟାପକବୃନ୍ଦ ତଥା ଅନୁଷ୍ଠାନର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିନିଧୀମାନେ ୨୯ ନଭେମ୍ବରରେ ମହାରାଷ୍ଟ୍ରରେ ପହଞ୍ଚିବେ ଏବଂ ସେମାନଙ୍କର ଯାତ୍ରା ୩ ଡିସେମ୍ବରରେ ଶେଷ ହେବ। ସେମାନଙ୍କ ସହିତ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଏବଂ କର୍ମଚାରୀମାନେ ମଧ୍ୟ ଅଛନ୍ତି। ଏହି ଗସ୍ତ ସମୟରେ ଓଡିଶାର ଛାତ୍ରମାନେ ମହାରାଷ୍ଟ୍ରର ରାଜ୍ୟପାଳଙ୍କ ସହ ସାକ୍ଷାତ କରିବେ।

## ଫିନୋଲେକ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଗ୍ରାମୀଣ ଓଡ଼ିଶାରେ ନିରନ୍ତର ଦକ୍ଷତା ବିକାଶରେ ଅଗ୍ରଣୀ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଫିନୋଲେକ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଏଫଆଇଏଲ) ପକ୍ଷରୁ ସିଏସ୍ଆର୍ ସହଯୋଗୀ ମୁକୁଳ ମାଧବ ଫାଉଣ୍ଡେସନ୍ (ଏମ୍ଏମଏଫ) ଏବଂ ଆକ୍ସନ ଏଡର ମିଳିତ ସହଯୋଗରେ ଆଇଟିଆଇ ପଟ୍ଟାମୁଣ୍ଡାଇଠାରେ ପାଣି ପାଇପ (ପ୍ଲମ୍ବିଂ)ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଛି ଯେଉଁଥିରେ ୪୭ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଫିନୋଲେକ୍ସ ଏବଂ ଏମଏମଏଫ ମଧ୍ୟରେ ଏକ ଦଶନ୍ଧି ଧରି ଚାଲିଥିବା ସହାଯାଗିତାରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯାହା ସ୍ଥାୟୀ ଉଦ୍ୟୋଗୀ ସୁଯୋଗ ସୃଷ୍ଟି କରିବାର ପ୍ରତିବଦ୍ଧତା ଉପରେ ଆଲୋକପାତ କରୁଛି।

ଅଗ୍ରଣୀ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ଆକ୍ସନ ଏଡ୍ ଏହି କାର୍ଯ୍ୟକ୍ରମର ସାମାଜିକ ପ୍ରଭାବକୁ ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ସହଯୋଗିତା ଗ୍ରାମୀଣ ଓଡ଼ିଶାରେ ଦକ୍ଷତା ବିକାଶ ଏବଂ ଅର୍ଥନୈତିକ ସଶକ୍ତୀକରଣ ପାଇଁ ଏକ ସୁଦୃଢ଼ ପରିବେଶ ସୃଷ୍ଟି କରିଛି।

ଫିନୋଲେକ୍ସର ମାର୍କେଟିଂ ଆଣ୍ଡ କମ୍ୟୁନିକେସନର ଉପାଧ୍ୟକ୍ଷ ସୁମିତ ଭାଟିଆ କହିଛନ୍ତି ଯେ,"ପାଣି ପାଇପ କାର୍ଯ୍ୟ ଏକ ବୈଷୟିକ କୌଶଳ ଠାରୁ ଅଧିକ। ଏହା ଉଦ୍ୟୋଗଏବଂ ଅର୍ଥନୈତିକ ସ୍ୱାଧୀନତାର ପ୍ରବେଶ ଦ୍ୱାର। ଆମେ କେବଳ ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷଣ ଦେଉନାହୁଁ, ବରଂ ଆମେ କ୍ଷୁଦ୍ର ଉଦ୍ୟୋଗୀ ସୃଷ୍ଟି କରୁଛୁ ଯେଉଁମାନେ ସେମାନଙ୍କ ସ୍ଥାନୀୟ ଅର୍ଥନୀତିକୁ ପରିବର୍ତନ କରିପାରିବେ।"

## ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ହୀରାକୁଦରେ ଶୁଭାରମ୍ଭ କଲା ଡିଜିଟାଲ କ୍ଲାସ୍‌ରୁମ ପ୍ରୟାସ 'ପ୍ରୋଜେକ୍ଟ ଅନଭିଶା'

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ 'ପ୍ରୋଜେକ୍ଟ ଅନଭିଶା' ଅଧୀନରେ ଏକ ଡିଜିଟାଲ କ୍ଲାସରୁମ୍ ପ୍ରୟାସ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହା କମ୍ପାନୀର ସମ୍ବଲପୁର ଜିଲ୍ଲାରେ ହୀରାକୁଦ ପ୍ଲାଣ୍ଟ ନିକଟବର୍ତ୍ତୀ ଅଞ୍ଚଳର ୭ଟି ହାଇସ୍କୁଲରେ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପ ଶିକ୍ଷ ଆହରଣ ପରିବେଶକୁ ସମକାଳୀନ କରିବା ଲକ୍ଷ୍ୟ ରଖିଛି। ଛାତ୍ର ଛାତ୍ରୀଙ୍କୁ ସର୍ବାଧୁନିକ ପ୍ରଯୁକ୍ତିରେ ସଜ୍ଜିତ କରାଯାଉଛି, ଯାହା ଡିଜିଟାଲ ଯୁଗରେ ପରିବର୍ଦ୍ଧିତ ଶିକ୍ଷା ଆହରଣ ସୁଯୋଗଗୁଡିକ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରୁଛି। ସନ୍ଦୀପ ରୟ, ହେଡ୍, ହୀରାକୁଦ ଏଫଆରପି ପ୍ଲାଣ୍ଟ ବିସ୍ତୃତ ଭାବରେ ଉଲ୍ଲେଖ କରି କହିଛନ୍ତି, "ହୀରାକୁଦ ଅଞ୍ଚଳର ଛାତ୍ର ଛାତ୍ରୀ ଆଧୁନିକ ଶିକ୍ଷା ପ୍ରଯୁକ୍ତିରୁ ଯେଭଳି ଫାଇଦା ଉଠାଇପାରିବେ ତାହା ସୁନିଶ୍ଚିତ କରିବାକୁ ଆମେ ଡିଜିଟାଲ କ୍ଲାସରୁମ୍ ପ୍ରୟାସକୁ ପରିବ୍ୟାପ୍ତ କରିବାକୁ ଉତ୍ସର୍ଗୀକୃତ ରହିଛୁ। ଡିଜିଟାଲ ସାକ୍ଷରତକାକୁ ପୃଷ୍ଠପୋଷକତା କରି ଏବଂ ଗୁଣାତ୍ମକ ଶିକ୍ଷାର ସୁଯୋଗରେ ଉନ୍ନତି ଆଣି ଏହି ପ୍ରୟାସ ଶିକ୍ଷା ଆହରଣ ପ୍ରକ୍ରିୟାରେ ଅବଦାନ ରଖିବ।

ପ୍ରୋଜେକ୍ଟ ଅନଭିଶା ପାରମ୍ପରିକ କ୍ଲାସରୁମଗୁଡିକୁ ଏକ ଆନ୍ତଃକ୍ରିୟାଶୀଳ, ପ୍ରଯୁକ୍ତି-ପରିଚାଳିତ ସ୍ଥଳରେ ରୂପାନ୍ତରିତ କରିବାକୁ ଚାହୁଁଛି। ଏହି ଡିଜିଟାଲ କ୍ଲାସରୁମଗୁଡିକ ସ୍ମାର୍ଟ ବୋର୍ଡ, ଇ-ଲର୍ଣ୍ଣିଂ ପ୍ଲାଟଫର୍ମ, ଏଆଇ ଇଣ୍ଟରଫେସ୍ ଏବଂ ଆଇଓଟି ଭିତ୍ତିକ ସିଷ୍ଟମଗୁଡିକରେ ସୁସଜ୍ଜିତ ହେବ, ଯାହା ଏକ ପୂର୍ଣ୍ଣାଙ୍ଗ ଆନ୍ତଃକ୍ରିୟାଶୀଳ ଶିକ୍ଷା ଆହରଣ ଅନୁଭୂତି ପ୍ରଦାନ କରିବ। ଏଥିସହିତ ଏହି ପ୍ଲାଟଫର୍ମ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ବହୁ ଭାଷା ଆଧାରିତ ବିଷୟବସ୍ତୁ ଯୋଗାଇଦେବ, ଯାହା ବିବିଧ ଛାତ୍ର ଛାତ୍ରୀଙ୍କର ଆବଶ୍ୟକତା ପୂରଣ କରିବ। ପ୍ରୋଜେକ୍ଟ ଅନ୍‌ଭିଶାର ଶୁଭାରମ୍ଭ ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିଗତ ପ୍ରଗତିକୁ ଆଗେଇନେଇ ଏବଂ ପରବର୍ତ୍ତୀ ପିଢିର ଶିକ୍ଷା ଆହରଣକାରୀଙ୍କୁ ସଶକ୍ତ କରି ହିଣ୍ଡାଲ୍‌କୋର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍ଆର) ନିର୍ବାହ ନିମନ୍ତେ ରହିଥିବା ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି। ପ୍ରୋଜେକ୍ଟ ଅନ୍‌ଭିଶା ଶିକ୍ଷା ଆହରଣ ଦୃଶ୍ୟପଟ୍ଟକୁ ପୁନଃ ରୂପରେଖ ଦେବା ଆଶା କରାଯାଉଛି, ଯାହା ଛାତ୍ର ଛାତ୍ରୀଙ୍କୁ ଡିଜିଟାଲ ସାକ୍ଷରତା ଆହରଣ ସହିତ ସେମାନଙ୍କର ସାମଗ୍ରିକ ଶିକ୍ଷାଗତ ଅନୁଭୂତିକୁ ପରିବର୍ଦ୍ଧିତ କରିବା ଆଶା କରାଯାଉଛି," ବୋଲି ଶ୍ରୀ ରୟ କହିଛନ୍ତି।

## ବାଲ୍ୟ ବିବାହ ନିରାକରଣ ନିମନ୍ତେ ଜାତୀୟ ଅଭିଯାନରେ ଯୋଗଦେଲା ଏଚ୍‌ବିଟି

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଲିଙ୍ଗଗତ ହିଂସାର ଏକ ବ୍ୟାପକ ରୂପ ବାଲ୍ୟ ବିବାହ ଭାରତରେ ପିଲାମାନଙ୍କର ଅଧିକାର ଓ ଭବିଷ୍ୟତ ପ୍ରତି ନିରନ୍ତର ବିପଦ ସୃଷ୍ଟିକରୁଛି। ଏହି ଧାରାରେ ପରିସମାପ୍ତି ଘଟାଇବା ନିମନ୍ତେ ପ୍ରତିଶୃତିବଦ୍ଧ ହମାରା ବଚ୍‌ପନ ଟ୍ରଷ୍ଟ (ଏଚବିଟି) ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ୧୦୪୯ ବାଲ୍ୟ ବିବାହକୁ ସଫଳତାର ସହିତ ରୋକିପାରିଛି। ଏହାର ଲକ୍ଷ୍ୟ ଅନୁଯାୟୀ ରାଷ୍ଟ୍ରବ୍ୟାପୀ 'ବାଲ୍ ବିବାହ ମୁକ୍ତ ଭାରତ' ଅଭିଯାନରେ ସଫଳତାର ସହିତ ଅଂଶଗ୍ରହଣ କରୁଛି, ଯାହା ନଭେମ୍ବର ୨୭ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ୪୦୦ ଜିଲ୍ଲାରେ କାର୍ଯ୍ୟ କରୁଥିବା ୨୫୦ରୁ ଅଧିକ ନାଗରିକ ସମାଜ ସଂଗଠନର ଏକ ରାଷ୍ଟ୍ରୀୟ ନେଟୱର୍କ ଜଷ୍ଟ୍ ରାଇଟ୍ସ୍ ଫର ଚିଲଡ୍ରେନ (ଜେଆର୍‌ସି) ଆଲାଏନ୍ସର ଏକ ମୁଖ୍ୟ ସହଯୋଗୀ ଭାବରେ ଏଚ୍‌ବିଟି ବାଲ୍ୟ-ବିବାହ-ମୁକ୍ତ ଜିଲ୍ଲା ଗଠନ ପ୍ରୟାସରେ କୈଳାଶ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍ସ ଫାଉଣ୍ଡେସନର ସମ୍ପ୍ରତି ରହିଥିବା ସହଯୋଗୀତା ସହିତ କେନ୍ଦୁଝର ଓ କନ୍ଧମାଳରେ ଜିଲ୍ଲାସ୍ତରୀୟ ଉଦ୍‌ଘାଟନର ନେତୃତ୍ୱ ନେଇଥିଲା। ଏହି ପ୍ରୟାସରେ ସଂପୃକ୍ତ ମୁଖ୍ୟ ସହଭାଗୀଙ୍କ ମଧ୍ୟରେ ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ (ଡିଏସ୍‌ପି), ବାଳ ଅପରାଧ ନ୍ୟାୟ ବୋର୍ଡ (ଜେଜେବି)ର ସଦସ୍ୟଗଣ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଗଣ (ସିଡିପିଓ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଗଣ (ଡିସିପିଓ), ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ର ସଦସ୍ୟଗଣ, ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଟସ୍ (ସିସିଆଇ)ର ପ୍ରତିନିଧିବୃନ୍ଦ ଏବଂ କିଶୋରୀ ବାଳିକାମାନେ ସାମିଲ ଥିଲେ।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କରୁଛି ଡିଏସ୍‌ପି ବିଜିନେସ୍ ସାଇକଲ ଫଣ୍ଡ୍

**ମୁମ୍ବାଇ,୨୮।୧୧ (ମହାଭାରତ):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ବ୍ୟବସାୟିକ ଚକ୍ର ଆଧାରିତ (ବିଜିନେସ୍ ସାଇକଲ୍ସ-ବେସ୍‌ଡ) ନିବେଶ କ୍ଷେତ୍ରକୁ ଅନୁସରଣ କରି ଏକ ଓପନ-ଏଣ୍ଡେଡ ଇକ୍ୱିଟି ଡିଏସ୍‌ପି ବିଜିନେସ୍ ସାଇକଲ ଫଣ୍ଡ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ଫଣ୍ଡ୍ ନିବେଶକଙ୍କୁ ଲାର୍ଜ, ମିଡ୍ ଏବଂ ସ୍ମଲ୍‌କ୍ୟାପ କମ୍ପାନୀ ସମେତ ବିବିଧ ମାର୍କେଟ କ୍ୟାପିଟାଲାଇଜେସନ୍‌ରେ ନିବେଶ କରିବା ନିମନ୍ତେ ନିବେଶକଙ୍କୁ ସୁଯୋଗ ପ୍ରଦାନ କରୁଛି। ନିବେଶ ରଣକୌଶଳ ମଜଭୁତ ଅଭିବୃଦ୍ଧି ସାମର୍ଥ୍ୟ ରଖୁଥିବା, ମୂଳ ବିଷୟରେ ଉନ୍ନତି ଆଣୁଥିବା ଏବଂ ଆକର୍ଷଣୀୟ ମୂଲ୍ୟାୟନ ରହିଥିବା ଶିଳ୍ପସମୂହ ଓ କ୍ଷେତ୍ରଗୁଡିକରେ ବିଜ୍ଞତାର ସହିତ ଆସେଟ୍ ଆବଣ୍ଟନ ଉପରେ ଦୃଷ୍ଟିନିବଦ୍ଧ କରୁଛି। ଡିଏସ୍‌ପି ବିଜିନେସ୍ ସାଇକଲ ଫଣ୍ଡ୍ ଉଚ୍ଚ ଅଭିବୃଦ୍ଧି ଅଥବା ଲାଭ ଉପାର୍ଜନ ସାମର୍ଥ୍ୟ ରଖୁଥିବା ଶିଳ୍ପସମୂହ ଏବଂ କମ୍ପାନୀଗୁଡିକୁ ବାଛିବାରେ ବିଧିବ୍ୟବସ୍ଥା ଦ୍ୱାରା ପରିଚାଳିତ ଆଭିମୁଖ୍ୟ ଗ୍ରହଣ କରିଥାଏ। ଏହା ଅପ୍‌ସାଇକଲ୍ସ ସମୟରେ ଏହି କ୍ଷେତ୍ରଗୁଡିକରେ ସକ୍ରିୟ ଆବଣ୍ଟନକୁ ଅନୁମତି ଦେଇଥାଏ ଏବଂ ସେହି ସମୟରେ କ୍ୟାସ୍ କଲ୍ ଏବଂ ଅନ୍ୟ ଆପଦ ପରିଚାଳନା ରଣକୌଶଳ ମଧ୍ୟ କାର୍ଯ୍ୟକାରୀ କରିଥାଏ। ମଜଭୁତ ଶିଳ୍ପ ସାଇକଲ୍‌ଗୁଡିକ ଚିହ୍ନଟ କରିବା ଉପରେ ଦୃଷ୍ଟିନିବଦ୍ଧ କରି ଏହି ଫଣ୍ଡ୍ ବହୁବିଧ ମାର୍କେଟ କ୍ୟାପିଟାଲାଇଜେସନରେ ସ୍ୱେଚ୍ଛାକୃତ ନିବେଶ ଆଭିମୁଖ୍ୟ ପୋଷଣ କରିଥାଏ, ଯାହା କମ୍ପାନୀ ଆକାର ନିର୍ବିଶେଷରେ ଅଭିବୃଦ୍ଧି ସୁଯୋଗଗୁଡିକରେ ଅଂଶଗ୍ରହଣ କରିବାକୁ ନିବେଶକଙ୍କୁ ସମର୍ଥ କରାଏ। ଏହି ଫଣ୍ଡ୍ ନିଜର ନିବେଶ ଜଗତକୁ ପ୍ରସାରିତ କ୍ଷେତ୍ରଗୁଡିକରେ ଶ୍ରେଣୀବିଭାଗ କରେ ଏବଂ ସେଗୁଡିକୁ ଶିଳ୍ପ ସ୍ତରରେ ମୂଲ୍ୟାୟନ କରିଥାଏ। ଏହା ସେମାନଙ୍କର ସାଇକଲ୍‌ର ସର୍ବନିମ୍ନ ସ୍ତରରେ ଥିବା ଏବଂ ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ଭାବନା ରଖୁଥିବା ଏବଂ ବେଞ୍ଚମାର୍କ ତୁଳନାରେ କମ୍ ମୂଲ୍ୟାୟନ ହେଉଥିବା ଶିଳ୍ପଗୁଡିକୁ ଚିହ୍ନଟ କରିବା ଲକ୍ଷ୍ୟ ରଖୁଛି। ଏଥିସହିତ ଏହି ଫଣ୍ଡ୍ ମଜଭୁତ ଅଭିବୃଦ୍ଧି ସମ୍ଭାବନା ଥିବା ସତ୍ତ୍ୱେ ନିମ୍ନମାନର କର୍ପୋରେଟ ପରିଚାଳନା ଥିବା କମ୍ପାନୀଗୁଡିକୁ ବାଦ୍‌ଦେବାକୁ ଉତ୍ସର୍ଗୀକୃତ ଫରେନ୍‌ସିକ ବିଶ୍ଲେଷକଙ୍କୁ ବ୍ୟବହାର କରିଥାଏ। ଆପଦ ପରିଚାଳନା ଦୃଷ୍ଟିରୁ ଏହି ଫଣ୍ଡ୍ ପ୍ରଦତ୍ତ ଐଚ୍ଛିକତା ଏବଂ ଆର୍ବିଟ୍ରେଜ ସୁଯୋଗ ଜରିଆରେ ପୋର୍ଟଫୋଲିଓ ହେଜିଂ ସମେତ ବହୁବିଧ ରଣକୌଶଳକୁ କାର୍ଯ୍ୟକାରୀ କରୁଛି। ଏଥିସହିତ ଏହା ରିଅଲ ଇଷ୍ଟେଟ ଇନଭେଷ୍ଟମେଣ୍ଟ ଟ୍ରଷ୍ଟସ୍ (ଆରଇଆଇଟିଏସ) ଅଥବା ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟସ୍ (ଆଇଏନ୍‌ଭିଆଇଟିଏସ୍)ରେ ବଜାର ସୁଯୋଗ ସୀମିତ ଥିବାବେଳେ ୧୦% ପର୍ଯ୍ୟନ୍ତ ଏହାର ପୋର୍ଟଫୋଲିଓ ନିବେଶ କରିବାର ନମନୀୟତା ବଜାୟ ରଖୁଛି।

# ପାକିସ୍ତାନରେ ଆୟୋଜନ ହେବନି ଚାମ୍ପିୟନ୍ସ ଟ୍ରଫି !



## ପାକିସ୍ତାନରେ ରାଜନୈତିକ ଅସ୍ଥିରତା

ନୂଆଦିଲ୍ଲୀ,୨୮।୧୧ : ଫେବ୍ରୁଆରୀ-ମାର୍ଚ୍ଚରେ ଆଇସିସି ଚାମ୍ପିଅନ୍ ଟ୍ରଫି ପାକିସ୍ତାନ କ୍ରିକେଟ୍ ବୋର୍ଡ ଏହାକୁ ଆୟୋଜନ କରିବାକୁ ଯାଉଛି । ଟୁର୍ଣ୍ଣାମେଣ୍ଟକୁ ଆଉ ଦିନ କେଇଟା ବାକି, ହେଲେ ଏଯାଏ କ୍ରୀଡ଼ାସୂଚୀ ଚୂଡ଼ାନ୍ତ ହୋଇପାରି ନାହିଁ । ଏପଟେ ପାକିସ୍ତାନରେ ରାଜନୈତିକ ଅସ୍ଥିରତା ପିସିବି ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି। ସୁରକ୍ଷା ଦୃଷ୍ଟିରୁ ଶ୍ରୀଲଙ୍କା ବୋର୍ଡ ତାର ଏ' ଦଳକୁ ପାକିସ୍ତାନରୁ ଫେରାଇ ନେଇଛି। ଯାହାକୁ ନେଇ ପିସିବି ଉପରେ ଚେପା ହୋଇଛି। ପୂର୍ବରୁ ବିସିସିଆଇ ଭାରତୀୟ ଦଳକୁ ପାକିସ୍ତାନ ପଠାଇବାକୁ ମନା କରି ଦେଇଥିଲା। ଏହାପରେ ପିସିବି ଉଦ୍‌କ୍ଷିପ୍ତ ହୋଇ ହାଇବ୍ରିଡ୍ ମଡେଲରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ ନାହିଁ ବୋଲି କହିଥିଲା। ଆଇସିସିର ବହୁ ବୁଝାସୁଝା ପରେ ବି ପିସିବି ନିଜ ଜିଦ୍‌ରେ ଅଟଳ ରହିଛି। ଆଇସିସି ଆସନ୍ତା ୨୯ ତାରିଖରେ ସମସ୍ତ ବୋର୍ଡକୁ ନେଇ ବୈଠକ କରିବ ଏବଂ ଏଥିରେ ଟୁର୍ଣ୍ଣାମେଣ୍ଟକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଦେଖା ଦେବା ପରେ ପିସିବି ପାଇଁ ଅଡୁଆ ବଢ଼ିଛି। ଶ୍ରୀଲଙ୍କା ଏ ଦଳ ଫେରିଯାଇଛି। ଚାମ୍ପିଅନ୍ସ ଟ୍ରଫିରେ ସାମିଲ ହୋଇଥିବା ଦଳ ଗୁଡ଼ିକ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ପାକିସ୍ତାନର ପୂର୍ବତନ ବ୍ୟାଟର ବସିତ ଅଲି ୨୯ ତାରିଖରେ ହେବାକୁ ଥିବା ଆଇସିସିର ବୈଠକକୁ ମୂଲ୍ୟହୀନ ବୋଲି କହିଛନ୍ତି ।ସେ କହିଛନ୍ତି, ଆମ ଦେଶରେ ଏବେ ଯେଉଁ ଭଳି ସ୍ଥିତି ତାହା ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଉପରେ ନିଶ୍ଚିତ ଘୋର ପ୍ରଭାବ ପକାଇବ ତେଣୁ ଯାହା ଆଶା କରାଯାଉଛି । ପିସିବି ନିଜ ନିଷ୍ପତ୍ତି ବଦଳାଇବ ଏବଂ ବାଧ ହୋଇ ହାଇବ୍ରିଡ୍ ମଡେଲକୁ ସ୍ୱୀକୃତି ଦେବ। ହାଇବ୍ରିଡ୍ ମଡେଲ ଅନୁସାରେ ଭାରତ ତାର ସମସ୍ତ ମ୍ୟାଚ୍ ୟୁଏଇରେ ଖେଳିବ ପୂର୍ବରୁ ଏସିଆ। କପ୍ ଏହି ମଡେଲରେ ଆୟୋଜିତ ହୋଇଥିଲା

**ଦୁବାଇ,୨୮।୧୧:** ଚାମ୍ପିୟନ୍ସ ଟ୍ରଫି ୨୦୨୫ ଆୟୋଜନରୁ ବଞ୍ଚିତ ହେବ ପାକିସ୍ତାନ ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ପାକିସ୍ତାନ ବାହାରେ ଆୟୋଜନ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏଯାଏ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରିବାକୁ ଗୋଡ଼ ଟେକି ବସିଥିଲା। ହେଲେ ପାକିସ୍ତାନକୁ ଝଟକା ଦେବା ମୁଡରେ ରହିଛି ଆଇସିସି।

ବର୍ତ୍ତମାନ ପାକିସ୍ତାନରେ ଭୟଙ୍କର ରାଜନୀତିକ ହିଂସା ଦେଖିବାକୁ ମିଳିଛି। ଅନେକ ଲୋକ ପ୍ରାଣ ହରାଇଥିବା ବେଳେ ବିଭିନ୍ନ ସ୍ଥାନରେ ପୋଡ଼ା ଜଳା ହୋଇଛି ସ୍ଥିତିକୁ ଦୃଷ୍ଟିରେ ପାକିସ୍ତାନରେ ଦିନିକିଆ ସିରିଜ ଖେଳୁଥିବା ଶ୍ରୀଲଙ୍କା ଏ ଟିମ ଅଧାରୁ ସ୍ୱଦେଶ ଫେରି ଆସିଛି।୨୦୨୫ ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ୍ ସୂଚୀ ପ୍ରସ୍ତୁତ କରିବା ପାଇଁ ଆଇସିସି ଖୁବଶୀଘ୍ର ବୈଠକ କରିବ କିନ୍ତୁ ଏହାପୂର୍ବରୁ ପାକିସ୍ତାନରେ ଦେଖାଯାଇଥିବା ହିଂସା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ହିଂସାକୁ ଦୃଷ୍ଟିରେ ରଖି ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେବାକୁ ଥିବା କିଛି ଦଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିଯୋଗୁ ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ନେଇ ପିସିବି ଉପରେ ରହିଛି। ଏବେ ପିସିବି ଚାମ୍ପିୟନ୍ସ ଟ୍ରଫି ପାଇଁ ହାଇବ୍ରିଡ ମଡେଲ ଆପଣାଇବାକୁ ବାଧ ହେବ। ନଚେତ ପୂରା ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ବାହାରେ ହେବ ବୋଲି ଜଣାପଡ଼ୁଛି। ୧୯୯୬ ପରଠାରୁ ପାକିସ୍ତାନ ଆଇସିସିର କୌଣସି ଇଭେଣ୍ଟ ଆୟୋଜନ କରିନାହିଁ। କିନ୍ତୁ ୨୦୨୫ରେ ଦେଶକୁ ଚାମ୍ପିୟନ୍ସ ଟ୍ରଫି ଆୟୋଜନର ହକ ମିଳିଥିଲା ହେଲେ ଏବେ ଏହି ସୁଯୋଗ ମଧ୍ୟ ପାକିସ୍ତାନ ହାତରୁ ଖସି ଯିବାକୁ ବସିଛି। ପାକିସ୍ତାନର ରାଜଧାନୀ ଏବେ ହିଂସା ଯୋଗୁ ଲକଡାଉନ ହୋଇ ରହିଛି। ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମର୍ଥନ ଓ ପୁଲିସ୍ ମଧ୍ୟରେ ପ୍ରବଳ ସଂଘର୍ଷ ଘଟିଛି ସ୍ଥିତି ଏପରି ହୋଇଛି ଯେ ବିକ୍ଷୋଭକାରୀଙ୍କ ଦମନ ପାଇଁ ଶୁଟ ଆଟ ସାଇଟ ଅର୍ଡର ମିଳିଛି ଏଥିପାଇଁ ଶ୍ରୀଲଙ୍କା ଏ ଟିମ ବାକି ଥିବା ଦୁଇଟି ଦିକିଆ। ନ ଖେଳି ସ୍ୱଦେଶ ଫେରି ଆସିଛି।

# କ୍ଷତିରେ ବ୍ରଡକାଷ୍ଟର୍ସ

ନୂଆଦିଲ୍ଲୀ,୨୮।୧୧(ଏଜେନସି): ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଗତି କୁଆଡ଼େ ଯିବ ? ପାକିସ୍ତାନରେ ଆୟୋଜନ ହେବ ନା ଅନ୍ୟ କୌଣସି ଦେଶକୁ ସ୍ଥାନାନ୍ତର ହେବ ? ନା ପାକିସ୍ତାନ ହାଇବ୍ରିଡ ମୋଡେଲକୁ ଗ୍ରହଣ କରିବ ? ଏସବୁ ପ୍ରଶ୍ନର ଉତ୍ତର କ୍ରୀଡ଼ା ପ୍ରେମୀଙ୍କୁ ନଭେମ୍ବର ୨୯ ଆଇସିସିର ବୋର୍ଡ ମିଟିଂରେ ମିଳିପାରେ କିନ୍ତୁ ଅନ୍ୟପଟେ ଚାମ୍ପିଅନ୍ସ ଟ୍ରଫିର ସିଡ୍ୟୁଲ ଜାରି ନ ହୋଇଥିବା କାରଣରୁ ପ୍ରସାରଣକର୍ତ୍ତାଙ୍କୁ ବଡ଼ କ୍ଷତି ସହିବାକୁ ପଡ଼ିପାରେ।




ନିୟମ ଅନୁଯାୟୀ, ଆଇସିସିକୁ ଚାମ୍ପିଅନ୍ସ ଟ୍ରଫିର ୯୦ ଦିନ ପୂର୍ବରୁ ସମସ୍ତ ଦେଶର କ୍ରିକେଟ୍ ବୋର୍ଡକୁ କ୍ରୀଡ଼ାସୂଚୀ ପଠାଇବାର ଥିଲା କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ କାରଣରୁ ଆଇସିସି ଏ ପର୍ଯ୍ୟନ୍ତ କ୍ରୀଡ଼ାସୂଚୀ ଜାରି କରି ପାରିନି। କ୍ରିକବଜ୍‌ର ଏକ ରିପୋର୍ଟ ଅନୁଯାୟୀ, କ୍ରୀଡ଼ାସୂଚୀ ଜାରି କରାଯିବାର ଅନ୍ତିମ ତାରିଖ ଅତିକ୍ରମ ହୋଇ ସାରିଛି। ଏହି କାରଣରୁ ପ୍ରସାରଣକର୍ତ୍ତା ଡିଜନୀ ଓ ଜିଓକୁ ବିପୁଳ କ୍ଷତି ସହିବାକୁ ପଡ଼ିପାରେ। ଏପରିକି ବ୍ୟବସାୟିକ ପ୍ରସଙ୍ଗରେ ଆଇସିସି କୌଣସି ପ୍ରତିକ୍ରିୟା ଦେଇ ନାହିଁ ।

ସଦ୍ୟତମ ରିପୋର୍ଟରେ ଖୁଲାସା ହୋଇଛି ଯେ, ବିବାଦର ସମାଧାନ ପାଇଁ ଆଇସିସି ଗୋଟିଏ ଗ୍ରୁପରେ ଭାରତ ଓ ପାକିସ୍ତାନକୁ ରଖିବାକୁ ପ୍ରସ୍ତୁତ ନୁହେଁ କିନ୍ତୁ ପ୍ରସାରଣକର୍ତ୍ତା ଭାରତ ଓ ପାକିସ୍ତାନକୁ ଅଲଗା ଅଲଗା ଗ୍ରୁପରେ ରଖିବାକୁ ବିରୋଧ କରିଛନ୍ତି ଯଦି ଗୋଟିଏ ଗ୍ରୁପରେ ଦୁଇ ଦେଶକୁ ରଖାଯାଏ ତେବେ ପାକିସ୍ତାନ ନିଜର ସମସ୍ତ ମ୍ୟାଚ୍ ନିଜ ମାଟିରେ ଖେଳି ପାରିବ ଭାରତ। ହାଇବ୍ରିଡ ମୋଡେଲ୍ ଆଧାରରେ ନିଜର ମୁକାବିଲା ଅନ୍ୟ କୌଣସି ଦେଶରେ ଖେଳି ପାରିବ ଯଦି ଦୁଇ ଦେଶକୁ ଗୋଟିଏ ଗ୍ରୁପରେ ରଖାଯିବ ତେବେ ଜଣଙ୍କୁ ଅନ୍ୟ ଜଣଙ୍କ ସାମ୍ନାରେ ମୁଣ୍ଡ ନୁଆଇଁବାକୁ ପଡ଼ିବ। ଏପରିକି ମ୍ୟାଚ୍ ଆୟୋଜନ ଆଶଙ୍କା ସୃଷ୍ଟି ହେବ।

ତେବେ ନଭେମ୍ବର ୨୯ରେ ଆଇସିସିର ବୋର୍ଡ ବୈଠକ ହେବାକୁ ଯାଉଛି ଏଥିରେ ହାଇବ୍ରିଡ ମୋଡେଲ୍ ଉପରେ ବହୁତ ବଡ଼ ନିଷ୍ପତ୍ତି ହୋଇପାରେ। କାରଣ ପାକିସ୍ତାନ ଆୟୋଜନ ଅଧିକାର ଛାଡ଼ିବାକୁ ଏବଂ ହାଇବ୍ରିଡ ମୋଡେଲ୍ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। ଅନ୍ୟପଟେ ଭାରତ ନିଜ ଦଳକୁ ପାକିସ୍ତାନ ନ ପଠାଇବାକୁ ନିଷ୍ପତ୍ତି ନେଇଛି। ଯଦି ପିସିବି ହାଇବ୍ରିଡ ମୋଡେଲ୍ ସ୍ୱୀକାର ନ କରେ ତେବେ ଆଇସିସିକୁ ବାଧ ହୋଇ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଅଧିକାର ପାକିସ୍ତାନ ହାତରୁ ଛଡ଼ାଇ ନେଇପାରେ। ଏବେ ଦେଖିବା ବାକି ରହିଲା ନଭେମ୍ବର ୨୯ ରେ ଆଇସିସି କଣ ନିଷ୍ପତ୍ତି ନେଉଛି।

# କୁମାରବସ୍ତ ଲୋକନାଥ କ୍ରିକେଟ୍ : ଯାଆଁଳା ଓ ଯଦୁପୁର ବିଜୟୀ

ଖୋର୍ଦ୍ଧା,୨୮।୧୧ : ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଉଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୁଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡିଆ ର ଆଜି ପଞ୍ଚମ ଦିବସରେ ପ୍ରଥମ ମ୍ୟାଚ୍ ରେ ଅଠାରଙ୍ଗ ଦଳ ମୁକୁନ୍ଦ ପ୍ରସାଦ ଦଳଠୁ ୩୮ ରନରେ ରେ ପରାସ୍ତ ହୋଇଛି । ଦ୍ୱିତୀୟ ମ୍ୟାଚ୍ ରେ ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରି ଅଭିମନ୍ୟୁ ସ୍ୱାଇଁ ଙ୍କ ୪୬ ରନ ଓ ଅଭିଷେକ ପଟ୍ଟନାୟକ ଙ୍କ୪୫ ରନ ସହାୟତାରେ ୧୪୪ ରନ ସଂଗ୍ରହ କରି ଥିଲେଜବାବରେ ନିର୍ଦ୍ଧାରିତ ୧୦ ଓଭର ରେ ମାତ୍ର ୧୨୫ ରନ କରି ଥିଲେ। ଦଳ ତରଫରୁ ଦିଲ୍ଲୀପ ୭୦ ରନ କରିଥିଲେ। ଏହି ମ୍ୟାଚ୍ କୁ ଯାଆଁଳା ଦଳ ୧୯ ରନ୍ ରେ ଜିତିଥିଲେ।

ତୃତୀୟ ମ୍ୟାଚରେ ପ୍ରଥମେ ଟସ୍ ରେ ଜିତି ଦିଶା ବଇଦେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୦ ୱିକେଟ୍ ହରାଇ ୭୦ ରନ କରିଥିଲେ। ଜବାବରେ ଯଦୁପୁର ଦଳ ୧୦ ଓଭର ରେ ୪ ୱିକେଟ ହରାଇ ଆବଶ୍ୟକ ୭୧ ରନ ସଂଗ୍ରହ କରି ନେଇଥିଲେ ଏବଂ ଏହି ମ୍ୟାଚ୍ କୁ ୬ ୱିକେଟ ରେ ଜିତି ନେଇଥିଲେ। ଅତିଥି ଅକ୍ଷୟ ବଳିଆର ସିଂହ ପ୍ରଥମ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ରୂପେ ପଙ୍କଜଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍ ରେ ଅଭିମନ୍ୟୁ ସ୍ୱାଇଁ ଙ୍କୁ ଅତିଥି ନରୋତ୍ତମ କହଲ ସିଂ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ। ତୃତୀୟ ମ୍ୟାଚ୍‌ରେ ଅତିଥି କରୁଣାକର ସାମନ୍ତରାୟ ଜିତେନ୍ଦ୍ର ଦାସ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ , ସାନୁଜ ବିଶ୍ୱାଳ, ଶ୍ରଧାକର ପାତ୍ର ଓ ପ୍ରିତିରଞ୍ଜନ ମହାରଣା ପରିଚାଳନା କରିଥିଲେ,ପ୍ରିତିରଞ୍ଜନ ବିଜୟସିଂ ଏବଂ କାଜଲ ବଳିଆର ସିଂହ ମ୍ୟାଚ୍ ରେଫରୀ,ସ୍କୋରର ଭାବେ ରଂଜନ ବରାଳ , ରାକେଶ ପାତ୍ର ଓ ଆଶୀର୍ବାଦ ମହାରଣା ଥିଲେ ସଂଯୋଜକ ଭାବେ ବନବିହାରୀ ସ୍ୱାଇଁ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା କାର୍ଯ୍ୟ କରିଥିଲେ।




ଶୁକ୍ରବାର ଦିନ ପ୍ରଥମ ମ୍ୟାଚ୍ ମେଣ୍ଢାଶାଳ ବନାମ ତମାଣ୍ଡୋ ଏବଂ ଦ୍ୱିତୀୟ ମ୍ୟାଚ୍ ପ୍ରଥମ ମ୍ୟାଚ୍ ର ବିଜେତା ବନାମ କୁମାରବସ୍ତ (୨)ମଧ୍ୟରେ ହେବ ଓ ତୃତୀୟ ମ୍ୟାଚ୍ ଭାଲିଆବାଡି ବନାମ ସୁଆଙ୍ଗ ମଧ୍ୟରେ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା ଜଣାଇଛନ୍ତି।

# ତୁଳସୀ ମହିଳା କଲେଜରେ ଅନ୍ତଃ ମହା ବିଦ୍ୟାଳୟ ସ୍ତରୀୟ ଖୋ-ଖୋ ଉଦ୍‌ଯାପିତ



କେନ୍ଦ୍ରାପଡା,୨୮।୧୧:: କେନ୍ଦ୍ରାପଡ଼ା ପୋରାଂଚଳ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରାୟୋଜିତ ଅନ୍ତଃ ମହା ବିଦ୍ୟାଳୟ ସ୍ତରୀୟ ୨ ଦିନିଆ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇ ଯାଇଛି। ଉଦ୍‌ଯାପିତ ଉତ୍ସବରେ ମହା ବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ ରଞ୍ଜନ ସାହୁ ପୌରହିତ୍ୟ କରିବା ସହିତ ବିଜେତା ଇନ୍ଦିରା ଗାନ୍ଧି ମହିଳା ମହା ବିଦ୍ୟାଳୟ, ଯାଜପୁର ରୋଡ୍ ଓ ଉପ ବିଜେତା ମାହାଙ୍ଗା ମହିଳା ମହା ବିଦ୍ୟାଳୟଙ୍କୁ ଯଥାକ୍ରମେ ଚମ୍ପିଅନ୍‌ସ ଟ୍ରଫି ଓ ରନର୍ସ ଅଫ୍ ଟ୍ରଫି ପ୍ରଦାନ କରିଥିଲେ। ମହା ବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ତଥା ଆଇ.କ୍ୟୁ.ଏ.ସି ସଂଯୋଜକ ଡ଼ ମଥୁରୀ ଚରଣ ନାୟକ, ପ୍ରାଶାସନିକ ଅଧିକାରୀ ପ୍ରଫେସର ଜ୍ୟୋସ୍ନାମୟୀ ପତି, କ୍ରୀଡା ସଂସଦର ଉପସଭାପତି ଡ଼ ସୁଜାତା ମହାନ୍ତି, କ୍ରୀଡା ପ୍ରଶିକ୍ଷିକା ସଂଯୁକ୍ତା ମହାନ୍ତି ଏହି ପ୍ରତିଯୋଗିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷିକା ସଂଯୋଜନା କରିଥିବା ବେଳେ ବିଜେତା ଓ ଉପବିଜେତା ଦଳର ପ୍ରଶିକ୍ଷକ ନିଜ ନିଜର ଅନୁଭୂତି ବାଂଟିଥିଲେ। କଲେଜର ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ସିରାଜଙ୍କ ପ୍ରେମରେ ମାହିରା !

ମୁମ୍ବାଇ,୨୮।୧୧: କଲର୍ସ ଚ୍ୟାନେଲରେ ପ୍ରସାରିତ ରିୟାଲିଟି ସୋ ବିଗି ବସ୍-୧୩ରେ ପ୍ରତିଯୋଗୀ ମାହିରା ଶର୍ମା ବିଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଥିଲେ ସହ-ପ୍ରତିଯୋଗୀ ପାରସ ଛାବ୍ରାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କକୁ ନେଇ ବେଶୀ ଚର୍ଚ୍ଚା ହୋଇଥିଲା। ସୋ ସରିବା ପରେ ବି ଦୁହେଁ କିଛି ବର୍ଷ ସାଥିରେ ଥିଲେ। ହେଲେ କିଛି ମାସ ତଳେ ଦୁହିଁଙ୍କ ବ୍ରେକଅପ ହୋଇଥିବା ଖବର ମିଳିଥିଲା। ଏବେ ଲାଗୁଛି ଯେ ମାହିରାଙ୍କୁ ପୁଣି ଥରେ ପ୍ରେମ ହୋଇଛି। ଏବେ ଅଭିନେତ୍ରୀଙ୍କ ନାମ ଜଣେ ଭାରତୀୟ କ୍ରିକେଟରଙ୍କ ସହ ଯୋଡାଯାଉଛି।କୁହାଯାଉଛି ଯେ, ମାହିରା ଏବେ କ୍ରିକେଟର ମହମ୍ମଦ ସୀରାଜଙ୍କୁ ଡେଟ୍ କରୁଛନ୍ତି ମହମ୍ମଦ, ଇନଷ୍ଟାଗ୍ରାମରେ ମାହିରାଙ୍କ ଏକ ଫଟୋକୁ ପସନ୍ଦ କରିବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। କୌଣସି ସମ୍ପର୍କ ନଥାଇ ମହମ୍ମଦ କାହିଁକି ମାହିରାଙ୍କ ଫଟୋକୁ ପସନ୍ଦ କରିବେ ବୋଲି କହି ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଇନଷ୍ଟାଗ୍ରାମରେ ଲୋକେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି। ହେଲେ ଏହି ଚର୍ଚ୍ଚାକୁ ନେଇ ଦୁହେଁ କେଣସି ପ୍ରତିକ୍ରିୟା ଦେଇନାହାନ୍ତି। ମାହିରା ଶର୍ମାଙ୍କ ପେସାଦାର ଜୀବନ କଥା କହିବାକୁ ଗଲେ ଅଭିନେତ୍ରୀଙ୍କୁ ଦୀର୍ଘ ଦିନ ହେଲାଣି କେଣୌସି ଧାରାବାହିକରେ ଦେଖିବାକୁ ମିଳି ନାହିଁ। ଏବେ କେବଳ ସେ ଇଭେଣ୍ଟରେ ନଜର ଆସୁଛନ୍ତି।



# ସାମିଙ୍କ ପାଇଁ କଠିନ ସର୍ତ୍ତ

ନୂଆଦିଲ୍ଲୀ,୨୮।୧୧: ବର୍ଡର-ଗାଭାସ୍କର ଟ୍ରଫିରେ ସାମିଲ ହେବା ପାଇଁ ସ୍ପିଡଷ୍ଟାର ମହମ୍ମଦ ଶାମିଙ୍କ ଆଗରେ ବଡ଼ ସର୍ତ୍ତ ଓ ସମୟ ସୀମା ଧାର୍ଯ୍ୟ କରିଛି ବିସିସିଆଇ। ଚୟନକର୍ତ୍ତାଙ୍କୁ ମନେଇବା ଓ ପ୍ରଭାବିତ କରିବା ପାଇଁ ଶାମିଙ୍କ ପାଖରେ ଗୋଟିଏ ସପ୍ତାହରୁ କମ ସମୟ ରହିଛି।




ବର୍ଷେ ହେଲା ଆହତ ସମସ୍ୟା ଦେଇ ଗତି କରୁଥିବା ଶାମି ନିକଟରେ ପ୍ରତିଯୋଗିତା ମୂଳକ କ୍ରିକେଟକୁ ଫେରିଛନ୍ତି।ସେ ପ୍ରଥମେ ନେଟ୍ସରେ ଲମ୍ବା ଲମ୍ବା ସ୍ପେଲ କରିବା ପରେ ବେଙ୍ଗଲ ପାଇଁ ରଣଜୀ ମ୍ୟାଚ୍ ଖେଳିଥିଲେ। ଏହି ସମୟରେ ତାଙ୍କ ଉପରେ ବିସିସିଆଇର ମେଡିକାଲ ଟିମ ନଜର ରଖିଥିଲା। ରଣଜୀ ଟ୍ରଫିର କମବ୍ୟାକ ମ୍ୟାଚ୍‌ରେ ଶାମି ସମସ୍ତଙ୍କୁ ପ୍ରଭାବିତ କରିଥିବା ବେଳେ ତାଙ୍କୁ ସୟିଦ ମୁସ୍ତାକ ଅଲୀ ଟ୍ରଫିରେ ମଧ୍ୟ ଦେଖିବାକୁ ମିଳିଛି।ସେ ଏଠାରେ ମଧ୍ୟ ଠିକଠାକ ପ୍ରଦର୍ଶନ କରିଛନ୍ତି। ତଥାପି ତାଙ୍କୁ ଆଉ କିଛି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ କୁହାଯାଇଛି।

ଭଲ ପ୍ରଦର୍ଶନ କରିବା ପରେ ମଧ୍ୟ ତାଙ୍କୁ ସିଧାସଳଖ ଟିମ ଇଣ୍ଡିଆ। ପାଇଁ ଚୟନ କରାଯିବ ନାହିଁ ଟିମ ଇଣ୍ଡିଆରେ ପ୍ରବେଶ କରିବାକୁ ହେଲେ ଶାମିଙ୍କୁ ତାଙ୍କ ଓଜନ ହ୍ରାସ କରିବାକୁ ପଡ଼ିବ। ଏଥିସହ ପୁଣିଥରେ ଫିଟନେସ ଟେଷ୍ଟ ଦେବାକୁ ପଡ଼ିବ। ସପ୍ତାହକୁ କମ ସମୟ ମଧ୍ୟରେ ଯଦି ଶାମି ଏହି ସର୍ତ୍ତକୁ ପୂରଣ କରିପାରିବେ, ତାହେଲେ ତାଙ୍କୁ ଟିମ ଇଣ୍ଡିଆରେ କମବ୍ୟାକ କରିବାକୁ ସୁଯୋଗ ମିଳିବ। ବୋଲି ବିସିସିଆଇ ସର୍ତ୍ତ ରଖିଥିବା ଜଣାପଡ଼ୁଛି। ବିସିସିଆଇର ଗୋଟିଏ ସୂତ୍ରରେ କୁହାଯାଇଛି ଯେ ସବୁ କିଛି ବିସିସିଆଇର ମେଡିକାଲ ଟିମ ଉପରେ ନିର୍ଭର କରୁଛି। କାରଣ ଶାମିଙ୍କୁ ସେମାନେ ପ୍ରତିଟି ବୋଲିଂ ସ୍ପେଲ ପରେ ଚିକିତ୍ସା କରିଛନ୍ତି। ମେଡିକାଲ ଟିମ ଆଶା ରଖିଛି ଯେ ଶାମି ମ୍ୟାଚ୍ ଖେଳିବା ଦ୍ୱାରା ତାଙ୍କ ଓଜନ ହ୍ରାସ ପାଇବ। ଏହା ତାଙ୍କ ଧୈର୍ଯ୍ୟକୁ ମଧ୍ୟ ବୃଦ୍ଧି କରିବ। ଯେହେତୁ ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଶେଷ ହୋଇସାରିଛି, ତେଣୁ ସବୁ କିଛି ସୟିଦ ମୁସ୍ତାକ ଅଲୀ ଟ୍ରଫିର ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକ ଉପରେ ନିର୍ଭର କରୁଛି। ରିପୋର୍ଟ ଅନୁସାରେ, ବିସିସିଆଇର ସ୍ପୋର୍ଟସ ସାଇନ୍ସ ମୁଖ୍ୟ ନୀତୀନ ପଟେଲ ଓ ଏନସିଏର ଟ୍ରେନର ନିଶାନ୍ତ ବୋରଡୋଲୋଇଙ୍କ ଶାମିଙ୍କ ଟ୍ରେନିଂ ଦାୟିତ୍ୱ ଦିଆଯାଇଛି। ସେ ବେଙ୍ଗଲ ଟିମରେ ରହିବା ବେଳେ ମଧ୍ୟ ଏହି ଦୁଇ ଜଣ ତାଙ୍କ ଟ୍ରେନିଂ ଦାୟିତ୍ୱ ନିର୍ବାହ କରିବେ। ତଥାପି ଟେଷ୍ଟ ମ୍ୟାଚ୍‌ରେ ଶାମିଙ୍କ କମବ୍ୟାକ ସେତେଟା ସହଜ ହେବନି।

ଭାରତୀୟ ଟିମ ଏବେ ଅଷ୍ଟ୍ରେଲିଆରେ ରହିଛି ଆସନ୍ତା ୩୦ରୁ ଦଳ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷରେ ପିଙ୍କ ବଲରେ ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବ। ସେହିପରି ୬ ତାରିଖରୁ ଆଡିଲେଡରେ ଦିବାରାତ୍ର ଟେଷ୍ଟ ଆରମ୍ଭ ହେବ। ଏତେ କମ ସମୟରେ ଶାମି ଟେଷ୍ଟ କ୍ରିକେଟ ପାଇଁ ଆବଶ୍ୟକ ଫିଟନେସ ଦେବା ଭଳି ଲାଗୁ ନାହିଁ। କିନ୍ତୁ ଯଦି ସବୁ କିଛି ଶାମିଙ୍କ ସପକ୍ଷରେ ଯାଏ ଓ ସେ ଫିଟନେସରେ ପ୍ରମାଣ ଦେଇପାରିବେ, ତାହଲେ ଡିସେମ୍ବର ୧୪ରୁ ଆରମ୍ଭ ହେବାକୁ ଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍‌ରେ ତାଙ୍କୁ ଭାରତୀୟ ଟିମରେ ସାମିଲ କରାଯାଇ ପାରେ ବୋଲି ରିପୋର୍ଟରେ କୁହାଯାଇଛି।

# ଡିସିର କମାଣ ସମ୍ଭାଳିବେ ରାହୁଲ !

ନୂଆଦିଲ୍ଲୀ ୨୮।୧୧: ଆଇପିଏଲ୍ ୨୦୨୫ ମେଗା ନିଲାମୀ ଦିଲ୍ଲୀ କ୍ୟାପିଟାଲ୍ସ ଡାହାଣହାତୀ ବ୍ୟାଟ୍ସମ୍ୟାନ୍ କେ.ଏଲ୍ ରାହୁଲ କିଣିଛି। ୧୪ କୋଟିରେ ସ୍କ୍ୱାର୍ଡରେ ସାମିଲ ହୋଇଛନ୍ତି ରାହୁଲ। ଅନ୍ୟପଟେ ଦୀର୍ଘ ଦିନରୁ ଟିମ୍ ସହ ରହିଛନ୍ତି ଅକ୍ଷର ପଟେଲ୍। ତେବେ ଏମାନଙ୍କ ମଧ୍ୟରୁ କିଏ ଟିମ୍‌ର ସମ୍ଭାଳିବ କମାଣ ? କାହାକୁ ଦାୟିତ୍ୱ ଦେବେ ଦିଲ୍ଲୀ କ୍ୟାପିଟାଲ୍ସର ମାଲିକ।



ଏନେଇ ଖୁଲାସା କରିଛନ୍ତି ସହ-ମାଲିକ ପାର୍ଥ ଜିନ୍ଦଲ। ମେଗା ନିଲାମରେ ଦିଲ୍ଲୀ ୧୪ କୋଟିରେ କେଏଲ ରାହୁଲଙ୍କୁ କିଣିଛି। ଦିଲ୍ଲୀ କ୍ୟାପିଟାଲ୍ସକୁ ମିଳିଛି ଓପନିଂ ବ୍ୟାଟ୍ସମ୍ୟାନ୍, ଅଧିନାୟକ ଏବଂ ୱିକେଟ୍ କିପର-ବ୍ୟାଟ୍ସମ୍ୟାନର ବିକଳ୍ପ ଅନ୍ୟପକ୍ଷରେ ୨୦୧୯ରେ ଟିମ୍‌ରେ ଯୋଗ ଦେଇଥିଲେ ଅକ୍ଷର ପଟେଲ୍ କ୍ରମାଗତ ଭଲ ପର୍ଫମାନ୍ସ ଯୋଗୁଁ ଟିମ୍ ତାଙ୍କୁ ରିଟେନ୍ କରୁଛି।

ଏକ ଇଣ୍ଟର୍ଭ୍ୟୁରେ ଟିମ୍‌ର କ୍ୟାପଟେନ୍‌ଙ୍କୁ ନେଇ କହିଛନ୍ତି ପାର୍ଥ ଜିନ୍ଦଲ ସେ କହିଛନ୍ତି କ୍ୟାପଟେନସିପ୍ ନେଇ ଏବେଠୁ କିଛି କହି ହେବନି । ଅକ୍ଷର ପଟେଲ ଦୀର୍ଘ ସମୟ ଧରି ଫ୍ରାଞ୍ଚାଇଜ ସହିତ ରହିଛନ୍ତି।ଆଉ ସେ ବିଗତ ବର୍ଷ ଉପ-ଅଧିନାୟକ ଥିଲେ ।ତେଣୁ ଆମେ ଜାଣିନୁ ଅକ୍ଷର କି ଅନ୍ୟ କେହି କ୍ୟାପଟେନ୍ ହେବେ ବର୍ତ୍ତମାନ ବହୁତ କିଛି ହେବା ବାକି ରହିଛି ।ସେ କହିଛନ୍ତି ଯେ ମୁଁ କେ.ଏଲ୍ ସହିତ କଥା ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଭେଟିନାହିଁ।ମୁଁ ତାଙ୍କୁ ବ୍ୟକ୍ତିଗତ ଭାବରେ ବହୁତ ଭଲ ଭାବରେ ଜାଣେ ମୁଁ ତାଙ୍କ ମତ ବୁଝିବି ଏବଂ ଏହା କୋଚିଂ ଗ୍ରୁପ୍ ଉପରେ ନିର୍ଭର କରିବ। ଟିମ୍ କଣ ଚାହୁଁଛି ଏଥିପାଇଁ ତଥାପି ବହୁତ ସମୟ ଅଛି। ଜିନ୍ଦଲ କହିଛନ୍ତି ଯେ ରାହୁଲ ଦିଲ୍ଲୀ କ୍ୟାପିଟାଲର ଅଂଶ ହୋଇଥିବାରୁ ବହୁତ ଖୁସି ଅଛନ୍ତି । ସେ ମୋତେ ହୁତ ଦିନରୁ ଜାଣିଛନ୍ତି ସେ ଜଣେ ବାଙ୍ଗାଲୋରର ପିଲା ମୁଁ ବେଙ୍ଗାଲୁରୁ ଏଫସିର ମାଲିକ।ତେଣୁ ସେ ମୋ ସହିତ କିଛି ମ୍ୟାଚ୍ ଦେଖିଛନ୍ତି ମୁଁ ତାଙ୍କ ପତ୍ନୀ ଆଥିଆଙ୍କୁ ବହୁତ ଭଲ ଭାବରେ ଜାଣିଛି।

# ଭାବପ୍ରବଣ ହେଲେ ପୃଥ୍ୱୀ

ନୂଆଦିଲ୍ଲୀ,୨୮।୧୧:ଆଇପିଏଲ ୨୦୨୫ ମେଗା ନିଲାମ ପାଇଁ ପୃଥ୍ୱୀ ଶତାଙ୍କର ମୂଳ ମୂଲ୍ୟ ୭୫ ଲକ୍ଷ ଟଙ୍କା ରଖିଥିଲେ। କିନ୍ତୁ ସେ ମେଗା ନିଲାମରେ ବିକ୍ରି ହୋଇ ନ ଥିଲେ ବିକ୍ରି ହୋଇ ନ ଥିବାରୁ ସେ ଭାବପ୍ରବର ହୋଇପଡ଼ିଛନ୍ତି। ସେ ଏକ ଭାଇରାଲ ଭିଡିଓରେ ଟ୍ରୋଲ କରିବା ବିଷୟରେ କହୁଥିବାର ନଜର ଆସିଛନ୍ତି।

ଆଇପିଏଲର ଶେଷ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସର ଅଂଶ ଥିବା ପୃଥ୍ୱୀ ଶ କହିଛନ୍ତି, ଯଦି କେହି ମୋତେ ଫଲୋ କରୁନାହାଁନ୍ତି, ତେବେ ସେ କିପରି ଟ୍ରୋଲ କରିପାରିବେ ? ଏହାର ଅର୍ଥ ହେଉଛି ସେମାନେ ମୋତେ ଦେଖୁଛନ୍ତି ମୋର ବିଶ୍ୱାସ ଯେ, ଟ୍ରୋଲ କରିବା ଭଲ କଥା ନୁହେଁ ହଁ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ନୁହେଁ, ମୁଁ କ୍ରିକେଟରଙ୍କ ସମେତ ସମସ୍ତ ଜୋକ୍ସ ଦେଖେ ଏବଂ ବେଳେବେଳେ ଏହା ମୋତେ କଷ୍ଟ ଦିଏ। ଶ ଆହୁରି ମଧ୍ୟ କହିଛନ୍ତି,ଯେତେବେଳେ ମୁଁ ବାହାରକୁ କୁଆଡେ ଯାଏ, ଲୋକମାନେ କୁହନ୍ତି ଯେ ମୁଁ ଅଭ୍ୟାସ କରୁନାହିଁଫ ମୁଁ ଜନ୍ମଦିନ ବି ପାଳନ କରିପାରିବି ନାହିଁଫ ମୁଁ ଆଶ୍ଚର୍ଯ୍ୟ ଯେ ମୁଁ କଣ ଭୁଲ୍ କରିଛି ? ପୃଥ୍ୱୀ ଶ ତାଙ୍କ ଆଇପିଏଲ କ୍ୟାରିୟରରେ ଏପର୍ଯ୍ୟନ୍ତ ୭୯ଟି ମ୍ୟାଚ ଖେଳିଛନ୍ତି। ଏହି ୭୯ ଇନିଂସରେ ବ୍ୟାଟିଂ କରି ସେ ହାରାହାରି ୨୩.୯୪ ଏବଂ ଷ୍ଟ୍ରାଇକ ହାର ୧୪୭.୪୬ ରେ ୧୮୯୨ ରନ କରିଛନ୍ତି। ସେ ୧୪ ଅର୍ଦ୍ଧଶତକ ହାସଲ କରିଛନ୍ତି।

# ପଡ଼ିଆ ଭିତରେ ପଶି କ୍ରିକେଟ୍ ଖେଳିଲେ ଦର୍ଶକ

ଖ୍ରୀଷ୍ଟଚର୍ଚ୍ଚ,୨୮।୧୧: ଇଂଲଣ୍ଡ ଦଳ ବର୍ତ୍ତମାନ ନ୍ୟୁଜିଲାଣ୍ଡ ଗସ୍ତରେ ଅଛି ଦୁଇ ଦଳ ମଧ୍ୟରେ ଏକ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଉଛି ସିରିଜର ପ୍ରଥମ ଟେଷ୍ଟ ଖ୍ରୀଷ୍ଟଚର୍ଚ୍ଚର ହାଗଲି ଓଭାଲରେ ଖେଳାଯାଉଛି। ମ୍ୟାଚର ଗୋଟିଏ ଦିନ ସମାପ୍ତ ହୋଇଛି, ଏହା ପରେ ଆୟୋଜକ ନ୍ୟୁଜିଲାଣ୍ଡ ଭଲ ସ୍ଥିତିରେ ଥିବା ଜଣାପଡିଛି।ଏହି ସମୟରେ, ଏକ ଚମତ୍କାର ଭିଡିଓ ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କ ହୃଦୟ ଜିତିଥିଲା।

ମ୍ୟାଚ ମଧ୍ୟରେ ଲଞ୍ଚ ସମୟରେ ଦର୍ଶକଙ୍କୁ ପଡ଼ିଆକୁ ଯିବାକୁ ଅନୁମତି ଦିଆଯାଇଥିଲା। ଏହା ପ୍ରାୟତଃ ଦେଖାଯାଏ ନାହିଁ। କାରଣ ମ୍ୟାଚ ଦେଖିବାକୁ ଆସୁଥିବା ପ୍ରଶଂସକଙ୍କୁ ଷ୍ଟାଣ୍ଡରୁ ପଡ଼ିଆକୁ ଯିବାକୁ ଅନୁମତି ଦିଆଯାଇ ନ ଥାଏ। ଦର୍ଶକଙ୍କୁ ପଡ଼ିଆରେ ଅନୁମତି ଦିଆଯିବା ପୂର୍ବରୁ ଏହା ପୂର୍ବ ମ୍ୟାଚରେ ଘଟିଥଲା କିନ୍ତୁ ବର୍ତ୍ତମାନ ନ୍ୟୁଜିଲାଣ୍ଡ କ୍ରିକେଟ ପୁରୁଣା ଯୁଗର ପୁନରାବୃତ୍ତି କରିଛି। ଲଞ୍ଚ ସମୟରେ ପ୍ରଶଂସକମାନେ ଗ୍ରାଉଣ୍ଡକୁ ଆସି ସେଠାରେ କ୍ରିକେଟ ଖେଳିଥିଲେ ଏହି ଦୃଶ୍ୟର ଭିଡିଓ ଇଂଲଣ୍ଡ କ୍ରିକେଟ ଦ୍ୱାରା ଶେୟାର କରାଯାଇଥିଲା ଭିଡିଓ ଶେୟାର କରାଯାଇଥିଲା। ଏବଂ କ୍ୟାପସନରେ ଲେଖାଥିଲା, ହାଗଲି ଓଭାଲରେ ଏକ ସୁନ୍ଦର ସ୍ପର୍ଶ, ମଧ୍ୟାହ୍ନ ଭୋଜନ ବିରତି ସମୟରେ ପ୍ରଶଂସକମାନଙ୍କୁ ପଡ଼ିଆକୁ ଆସିବାର ସୁଯୋଗ ଦେଇଥାଏ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ